


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୨ ଫେବୃଆରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 22 FEBRUARY 2021
Vol.No. 32 ■ No. 50 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅପେକ୍ଷାର୍ ଅବସାନ ଘଟାଇ୍ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଆସନ୍ତା କାଲି ପ୍ରଧାନମନ୍ତ୍ରୀଙ୍କ ଆସାମ ଏବଂ ପଶ୍ଚିମବଙ୍ଗ ଗସ୍ତ

ନୂଆଦିଲ୍ଲୀ,୨୧।୦୨ (ନି.ପ୍ର): ଆସନ୍ତା କାଲି ସୋମବାର ଦିନ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆସାମ ଏବଂ ପଶ୍ଚିମବଙ୍ଗ ଗସ୍ତ କରିବେ । ପୂର୍ବାହ୍ନ ପ୍ରାୟ ୧୧ଟା ୩୦ ମିନିଟ୍ ସମୟରେ ଆସାମର ଧମାଜୀସ୍ଥିତ ସିଲାପାଥରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ତୈଳ ଓ ଗ୍ୟାସ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । ଏହି କାର୍ଯ୍ୟକ୍ରମରେ ସେ ଇଞ୍ଜିନିୟରିଂ କଲେଜ ଗୁଡ଼ିକର ଭିତି ପ୍ରସ୍ତର ମଧ ସ୍ଥାପନ କରିବେ । ପୂର୍ବାହ୍ନ ପ୍ରାୟ ୪.୩୦ ରେ ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗର ହୁଗୁଳି ଠାରେ ଅନେକ ରେଳ ପ୍ରକଳ୍ପର ଉଦଘାଟନ ସହ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ ।

▶▶ପୃଷ୍ଠା ୭

# ମହାରାଷ୍ଟ୍ରରେ ପୁଣି କରୋନା ଭୟ

## ଅମରାବତୀ ସହ କିଛି ଅଞ୍ଚଳରେ ୭ ଦିନିଆ ଲକଡାଉନ୍ ଘୋଷଣା




ମୁମ୍ବଇ,୨୧।୦୨ (ନି.ପ୍ର): ମହାରାଷ୍ଟ୍ରରେ କରୋନା ପ୍ରକୋପ ବଢ଼ୁଥିବା ଦେଖି ସେଠାକାର ସରକାର ଓ ଜିଲ୍ଲା ପ୍ରଶାସନ ଆଲର୍ଟ ମୋଡରେ ରହିଛି । କେତେକ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ଲକଡାଉନ୍ ମଧ ଘୋଷଣା କରାଯାଇଛି । ଅମରାବତୀ ଡିଭିଜିନାଲ୍ ଜିଲ୍ଲାପାଳ ରବିବାର ଅମରାବତୀ, ଅକୋଲା, ବୁଲଢାନା, ଜବତମାଳ ଓ ବାଶିମରେ ସାତ ଦିନ ପାଇଁ ଲକଡାଉନ୍ ଘୋଷଣା କରିଛନ୍ତି । ମାର୍ଚ୍ଚ ୧ ତାରିଖ ଯାଏଁ ସେଠାରେ କଟକଣା ଜାରି ରହିବ । ବିବାହରେ କେବଳ ୨୫ ଜଣ ଲୋକଙ୍କୁ ଯୋଗ ଦେବାକୁ ସୁଯୋଗ ମିଳିବ ଏବଂ ଅଫିସ କେବଳ ୧୫ ପ୍ରତିଶତ କର୍ମଚାରୀଙ୍କୁ ନେଇ ଚାଲିବ ବୋଲି ନିର୍ଦ୍ଦେଶ ଜାରି ହୋଇଛି । ଏହାସହ ପୁଣେରେ ମଧ ପ୍ରଶାସନ ପକ୍ଷରୁ ନାଇଟ କର୍ଫ୍ୟୁ ଲାଗୁ କରାଯାଇଛି । ରାତି ୧୧ଟାରୁ ସକାଳ ୬ଟା ଯାଏଁ ସେଠାରେ ବୁଲାବୁଲି ଉପରେ କଟକଣା ଲଗାଯାଇଛି । ତେବେ ଏହି ସମୟରେ ଜରୁରୀକାଳୀନ ସେବା ଜାରି ରହିବ । ତା ସହିତ ଫେବୃଆରୀ ୨୮ ତାରିଖ ଯାଏଁ ସେଠାରେ ସ୍କୁଲ-କଲେଜ ବନ୍ଦ ରହିବ ବୋଲି ନିଷ୍ପତ୍ତି ନିଆଯାଇଛି । ମହାରାଷ୍ଟ୍ରରେ ଏବେ କୋଭିଡ୍ ସଂକ୍ରମଣ ସୀମା ଟପିବାରେ ଲାଗିଛି । ଯାହାକୁ ନେଇ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ଲଗାତାର ଉଚ୍ଚସ୍ତରୀୟ ବୈଠକରେ ଯୋଗ ଦେଉଛନ୍ତି । ରାଜ୍ୟରେ କିଭଳି ଭାବେ କରୋନାକୁ ନିୟନ୍ତ୍ରଣ କରାଯାଇପାରିବ ସେନେଇ ରାଜ୍ୟ ସରକାର ଚିନ୍ତିତ ଅଛନ୍ତି ।

### ଜଲେଶପଟା ଆଶ୍ରମ ମୁଖ୍ୟଙ୍କୁ ହତ୍ୟା ଧମକ ଅଭିଯୋଗ ଘଟଣା

## ଅଭିଯୁକ୍ତ ଗିରଫ : କନ୍ଧମାଳ ଏସପି



ଭୁବନେଶ୍ୱର,୨୧।୦୨ (ନି.ପ୍ର): କନ୍ଧମାଳର ଜିଲ୍ଲା ତୁମୁଡିବନ୍ଧ ଜଲେଶପଟା ଓ ଚକାପାଦ ଆଶ୍ରମର ମୁଖ୍ୟଙ୍କୁ ହତ୍ୟା ଧମକ ଘଟଣା ରାୟଗଡା ବିଷମକଟକ ଅଞ୍ଚଳରୁ ଅଭିଯୁକ୍ତଙ୍କୁ ଗିରଫ କଲା ତୁମୁଡିବନ୍ଧ ପୋଲିସ । ଏନେଇ କନ୍ଧମାଳ ଏସପି ସୂଚନା ଦେଇଛନ୍ତି । ସୂଚନାନୁସାରେ, ଜଲେଶପଟା ଆଶ୍ରମ ମୁଖ୍ୟଙ୍କୁ ଆଜି ଦ୍ୱିତୀୟ ଥର ପାଇଁ ଅଜଣା ନମ୍ବରରୁ ଧମକପୂର୍ଣ୍ଣ ଫୋନ କଲ୍ ଆସିଥିଲା । ଆଶ୍ରମକୁ ବୋମା ପକାଇ ଉଡ଼ାଇ ଦେବାକୁ ଫୋନରେ ଧମକ । ସକାଳ ୯ଟା ସମୟରେ ଅଜଣା ନମ୍ବରରୁ ଆସିଥିଲା ଦ୍ୱିତୀୟ ଫୋନ କଲ । ଗତକାଲି ଆଶ୍ରମ ଦାୟିତ୍ୱରେ ଥିବା ଜୀବନ ମୁକ୍ତାନନ୍ଦ ପୁରୀ ବାବାଙ୍କୁ ଏଭଳି ଧମକପୂର୍ଣ୍ଣ ଫୋନ କଲ ଆସିଥିଲା । ଆସନ୍ତା ୪ ଦିନ ମଧ୍ୟରେ ହତ୍ୟା କରାଯିବ ବୋଲି ଧମକ ଦିଆଯାଇଥିଲା । କୌଣସି

▶▶ପୃଷ୍ଠା ୭

## ବିଦ୍ୟାଳୟମାନଙ୍କରେ ପାଠପଢା ବେଳେ କଡ଼ାକଡ଼ି ଭାବେ ଏସ୍‌ଓପି ପାଳନ ପାଇଁ ନିର୍ଦ୍ଦେଶ



ଭୁବନେଶ୍ୱର,୨୧।୦୨ (ନି.ପ୍ର): ବିଭିନ୍ନ ରାଜ୍ୟରେ କରୋନା ସଂକ୍ରମଣ ସଂଖ୍ୟା ବଢୁଥିବାକୁ ଆଖି ଆଗରେ ରଖି ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ସଜାଗ ରହିଛି । ବିଦ୍ୟାଳୟ ମାନଙ୍କରେ ପାଠ ପଢା ବେଳେ କଡ଼ାକଡ଼ି ଭାବେ ଏସ୍‌ଓପି ପାଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସାମାଜିକ ଦୂରତା ରକ୍ଷା ଓ ମାସ୍କ ପିନ୍ଧିବା ଉପରେ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆ ଯାଉଛି । ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବିଭାଗୀୟ ଅଧିକାରୀଙ୍କୁ ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେ କହିଛନ୍ତି ଯେ କିଛି ରାଜ୍ୟରେ ସଂକ୍ରମଣ ସଂଖ୍ୟା ବଢୁଛି । ତେବେ ଓଡ଼ିଶାରେ ସେମିତି ସ୍ଥିତି ଆସିନି ।

▶▶ପୃଷ୍ଠା ୭

## କରୋନାକୁ ନେଇ ସତର୍କ ଅଛି ଶିକ୍ଷା ବିଭାଗ : ଗଣଶିକ୍ଷା ମନ୍ତ୍ରୀ

### ସ୍କୁଲ ବନ୍ଦ ସମ୍ପର୍କରେ ବିଶେଷ ପରିସ୍ଥିତି ଆସିଲେ ଚିନ୍ତା କରାଯିବ



ଭୁବନେଶ୍ୱର,୨୧।୦୨ (ନି.ପ୍ର): ପଡୋଶୀ ରାଜ୍ୟରେ କରୋନା ସଂକ୍ରମଣ ସଂଖ୍ୟା ବଢିବା ପରେ ଏବେ ଓଡିଶା ପାଇଁ ଚିନ୍ତାର କାରଣ ପାଲଟିଛି । ରାଜ୍ୟରେ କୋଭିଡ଼୍ ନିୟମକୁ କଡ଼ାକଡି ମାନିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଛନ୍ତି । ସେପଟେ ଗଣଶିକ୍ଷା ମନ୍ତ୍ରୀ ସମୀର ଦାସ କହିଛନ୍ତି, ଓଡିଶାରେ ଯଦି ଓ ଏବେ କରୋନା ଭୟାବହତା ନାହିଁ, ତେବେ ଏହାକୁ ହାଲୁକା ଭାବେ ନେବା ଉଚିତ ନୁହେଁ । ସ୍କୁଲ ବନ୍ଦ କିମ୍ବା ଲକଡାଉନ ସଂପର୍କରେ ବିଶେଷ ପରିସ୍ଥିତି ଆସିଲେ ଚିନ୍ତା କରାଯିବ । ବର୍ତ୍ତମାନ ଏସଓପି ଅନୁଯାୟୀ ସ୍କୁଲ ଚାଲିଛି । ଅବସ୍ଥାକୁ ଦେଖି ବିଚାର କରାଯିବ । ଶିକ୍ଷା ବିଭାଗ ସତର୍କ ଥିବା କହିଛନ୍ତି ସମୀର ଦାସ । ସେପଟେ, ଭାରତରେ କରୋନା ନୂଆ ଷ୍ଟ୍ରେନ ଅଧିକ ସଂକ୍ରାମକ ହୋଇପାରେ । କେରଳ ଓ ମହାରାଷ୍ଟ୍ରରେ ସଂକ୍ରମଣ ମାମଲା ବଢିଥିବା ବେଳେ ଏଭଳି ଆଶଙ୍କା ପ୍ରକାଶ କରିଛନ୍ତି ଏମ୍ସ ନିର୍ଦ୍ଦେଶକ ରଣଦୀପ ଗୁଲେରିଆ । ସେ କହିଛନ୍ତି, ଭାରତରେ ନୂଆ ଷ୍ଟ୍ରେନ ଅଧିକ ସଂକ୍ରାମକ ଓ ବିପଦପୂର୍ଣ୍ଣ ହୋଇପାରେ । ନୂଆ ଷ୍ଟ୍ରେନରେ ସଂକ୍ରମିତ ବ୍ୟକ୍ତି ସୁସ୍ଥ ହେବା ପରେ ପୁଣି ଆକ୍ରାନ୍ତ ହେବା ସମ୍ଭାବନା ରହିଛି । ସେହିପରି ଭାରତରେ ହର୍ଡଇମ୍ୟୁନିଟି ହୋଇଥିବା ଏକ କଳ୍ପନା ମାତ୍ର ବୋଲି କହିଛନ୍ତି ରଣଦୀପ ଗୁଲେରିଆ । କାରଣ ୮୦ ପ୍ରତିଶତ ଲୋକଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବିକଶିତ ହେବା ଜରୁରୀ ।

## ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଯବାନ ଗୁରୁତର

ମାଲକାନଗିରି,୨୧।୦୨ (ନି.ପ୍ର): ମାଲକାନଗିରି ଜିଲ୍ଲା ମାଥିଲି ଥାନା ଅନ୍ତର୍ଗତ କର୍ତ୍ତନପାଲି ପଚାଂୟତ ସ୍ଥିତ ଗୋଗାପଦର ଠାରେ ଆଜି ସକାଳେ ଏକ ଲ୍ୟାଣ୍ଡ ବିସ୍ଫୋରଣରେ ଜଣେ ବିଏସଏଫ ଯବାନ ଗୁରୁତର ଆହତ ହୋଇଥିବା ଜଣାପଡିଛି । ପ୍ରାପ୍ତ ସୂଚନା ମୁତାବକ, କର୍ତ୍ତନପାଲି ଠାରେ ମାଓ ଦମନ ପାଇଁ ମୁତୟନ ହୋଇଥିବା ସୀମା ସୁରକ୍ଷା ବଳର ଯବାନ ମାନେ ଆଜି ସକାଳୁ ଏରିଆ ଡୋମିନେସନ ପାଇଁ ଗୋଗାପଦର ଅଂଚଳକୁ ଯାଉଥିବା ବେଳେ ରାସ୍ତାରେ ମାଓବାଦୀ ମାନେ ଯବାନଙ୍କୁ ଟାର୍ଗେଟ୍ କରି ଖଞ୍ଜିଥିବା ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ହୋଇଥିଲା । ଏହି ବିସ୍ଫୋରଣରେ ଜଣେ ଯବାନ ଗୁରୁତର ଭାବେ ଆହତ ହୋଇଛନ୍ତି । ଆହତ ଯବାନଙ୍କ ନାମ ଧର୍ମେନ୍ଦ୍ର ସାହୁ ବୋଲି ଜଣାପଡିଛି । ଚିକିତ୍ସା ନିମନ୍ତେ ତାଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଅନ୍ୟପକ୍ଷରେ ବିସ୍ଫୋରଣ ପରେ ଯବାନଙ୍କ ପକ୍ଷରୁ ସମ୍ପୃକ୍ତ ଅଂଚଳରେ ମାଓବାଦୀଙ୍କୁ ଧରିବା ନିମନ୍ତେ ତଲାସୀ ଅଭିଯାନକୁ ଜୋରଦାର୍ କରାଯାଇଛି ।

# ଯାତ୍ରା ବନ୍ଦ କଲା ପ୍ରଶାସନ

## ଆସନ୍ତାକାଲି ଆନ୍ଦୋଳନ କରିବେ ଯାତ୍ରା କଳାକାର



ଭୁବନେଶ୍ୱର,୨୧।୦୨ (ନି.ପ୍ର): ଅନୁମତି ନନେଇ ଯାତ୍ରା ପରିବେଷଣ କରାଯାଉଥିଲା । ଏ ନେଇ ଅଭିଯୋଗ ହେବା ପରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବେଗୁନିଆ ତହସିଲଦାର ଓ ଆଇଆଇସି ଯାତ୍ରା ବନ୍ଦ କରିଛନ୍ତି । ମହାମାରୀ କରୋନାର ଲେଉଟାଣୀ ଆଶଙ୍କା କରି ଯାତ୍ରା ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯାତ୍ରା ବନ୍ଦ ପରେ ଯାତ୍ରା କଳାକାର ଓ ଆୟୋଜକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଗତ ୧୯ ତାରିଖରୁ ବେଗୁନିଆରେ ଯାତ୍ରା ପରିବେଷଣ କରୁଥିଲା ରଙ୍ଗମହଲ । ଏଥିପାଇଁ ପ୍ରଶାସନଠାରୁ ଅନୁମତି ନେଇନଥିଲେ । ପ୍ରଥମ ରଜନୀରେ ରଙ୍ଗମହଲ ପରିବେଷଣ କରିଥିବା ନାଟକକୁ ୨୦୦୦ରୁ ଅଧିକ ଲୋକ ଦେଖିଥିବା ଅଭିଯୋଗ ହୋଇଥିଲା । ପରେ ଶନିବାର ରାତିରେ ବେଗୁନିଆ ଆଇଆଇସି ଓ ତହସିଲଦାର ମଞ୍ଚ ନିକଟକରେ ପହଞ୍ଚିଥିଲେ । ଯାତ୍ରା ପାଇଁ ଅନୁମତି ନେଇଛନ୍ତି କି ନାହିଁ ଆୟୋଜକଙ୍କୁ ପଚାରିଥିଲେ । ମାତ୍ର ଆୟୋଜକମାନେ

▶▶ପୃଷ୍ଠା ୭

## ହୋଟେଲରୁ ୧୭୫ ଗ୍ରାମ୍ ବ୍ରାଉନସୁଗାର ଜବତ

କଟକ,୨୧।୦୨ (ନି.ପ୍ର): କ୍ରାଇମବ୍ରାଂଚ ଏସଟିଏଫ ପକ୍ଷରୁ ପୁରୁଣା କଟକ - ସମ୍ବଲପୁର ରାସ୍ତାର ଆଙ୍ଗୁଲା ଠାରେ ଥିବା ହୋଟେଲରେ ଚଢ଼ଉ କରାଯାଇ ୧୭୫ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି । ଘଟଣାରେ ହୋଟେଲ ମାଲିକଙ୍କ ସହ ଜଣେ କର୍ମଚାରୀଙ୍କୁ ଗିରଫ କରିଛି ଏସଟିଏଫ । ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୭ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ସୂଚନା ମିଳିଛି ।

## ରାଜ୍ୟରେ କରୋନା ନିୟମ କଡାକଡି ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଚିଠି

### ଜନଗହଳି ସ୍ଥାନରେ ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ କରାଯିବ ସଚେତନ



ଭୁବନେଶ୍ୱର,୨୧।୦୨ (ନି.ପ୍ର): ଗ୍ରାହକଙ୍କ ଭିଡ ଏବଂ ବଜାରର ଚଂଚଳତା ଭିତରେ ସାମୟିକ ଭାବେ ଲୋକେ ଯେମିତି ଭାବି ନେଇଥିଲେ ଯେ, କରୋନା ଚାଲିଯାଇଛି । ଭାବିବା ବି ସ୍ୱାଭାବିକ ଥିଲା କାରଣ, ହୁ-ହୁ ହୋଇ ରାଜ୍ୟରେ ବଢୁଥିବା କରୋନା ସଂକ୍ରମଣ କମିଯାଇଥିଲା । ଆଉ ପ୍ରାୟ ୯ ମାସ ଭିତରେ ବାନ୍ଧି ହୋଇ ରହିଥିବା ଲୋକମାନେ ବାହାରକୁ ବାହାରି ଆସିଥିଲେ । ହେଲେ, କରୋନାର ନୂଆ ନୂଆ ଷ୍ଟ୍ରେନ୍ ଏବଂ ପଡ଼ୋଶୀ ରାଜ୍ୟରେ ବଢୁଥିବା ସଂକ୍ରମଣ, କରୋନାକୁ ନେଇ ପୁଣି ଥରେ ଚିନ୍ତା କରିବାର ସମୟ ଆଣି ଦେଇଛି । ଆଜି ସ୍ପେଶାଲ ରିଲିଫ୍ କମିଶନର, ରାଜ୍ୟର ସବୁ ଜିଲ୍ଲାପାଳ, ମ୍ୟୁନିସିପାଲ କମିଶନର ଏବଂ ଏସପି ମାନଙ୍କୁ ଚିଠି ଲେଖିଛନ୍ତି । କରୋନା ନିୟମ କଡ଼ାକଡ଼ି ପାଳନ ହେଉଛି ନା ନାହିଁ, ତା ଉପରେ ନଜର ରଖି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଚିଠିରେ ଲେଖା ଯାଇଛି ଯେ, ଅନେକ ସ୍ଥାନରେ ଲୋକେ ଆଉ କରୋନା ନିୟମ

▶▶ପୃଷ୍ଠା ୭

# ଅଭିଷେକ ବାନାର୍ଜୀଙ୍କ ଘରେ ସିବିଆଇ ଦେଲା ନୋଟିସ୍

## ୨୪ ଘଂଟା ମଧ୍ୟରେ ଅଭିଷେକଙ୍କ ପତ୍ନୀଙ୍କୁ କରିପାରେ ଜେରା



ପଶ୍ଚିମବଙ୍ଗ,୨୧।୦୨ (ନି.ପ୍ର): ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ସରଗରମ ହେବାରେ ଲାଗିଛି ପଶ୍ଚିମବଙ୍ଗ ରାଜନୀତି । ରାଜନୈତିକ ହିଂସା ପରେ ଏବେ ତୃଣମୂଳ କଂଗ୍ରେସ ଓ ବିଜେପି ମଧ୍ୟରେ ଆଇନଗତ ଲଢେଇ ଆରମ୍ଭ ହୋଇଯାଇଛି । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ତଥା ତୃଣମୂଳ କଂଗ୍ରେସର ସାଂସଦ ଥିବା ଅଭିଷେକ ବାନାର୍ଜୀଙ୍କ ଘରେ ପହଂଚିଛି ସିବିଆଇ ଟିମ୍ । କୋଇଲା ଚୋରା ଚାଲାଣ ଘଟଣାରେ ପଚରା ଉଚରା କରିବାକୁ ସିବିଆଇ ଟିମ୍ ଏକ ନୋଟିସ ନେଇ ଅଭିଷେକଙ୍କ ଘରେ ପହଂଚିଛି । ଅଭିଷେକଙ୍କ ଘରେ ସିବିଆଇ ଦେଇଥିବା ସମନ ମୁତାବକ ଅଭିଷେକଙ୍କ ସ୍ତ୍ରୀ ରୁଜିରା ବାନାର୍ଜୀଙ୍କୁ କୋଇଲା ଚୋରା ଚାଲାଣ ନେଇ ୨୪ ଘଂଟା ମଧ୍ୟରେ ପଚରାଉଚରା କରାଯିବ । ରାଜ୍ୟରେ ବିଧାନସଭା ନିର୍ବାଚନ ପୂର୍ବରୁ ସିବିଆଇର ଏଭଳି କାର୍ଯ୍ୟକଳାପକୁ ନେଇ ରାଜନୈତିକ ମହଲରେ

▶▶ପୃଷ୍ଠା ୭

## ବିଶ୍ୱ ମାତୃଭାଷା ଦିବସ ପାଳିତ

ଭୁବନେଶ୍ୱର,୨୧।୦୨ (ନି.ପ୍ର): ୧୯୩୬ ମସିହାରେ ଓଡ଼ିଶା ପ୍ରଥମେ ଭାଷାଭିତିକ ରାଜ୍ୟ ଭାବେ ଗଠନ ହୋଇଥିଲେ ମଧ ବିଚ୍ଛିନ୍ନାଂଚଳ ଓ ସୀମାନ୍ତ ଅଂଚଳରେ ରହୁଥିବା ବହୁ ଓଡ଼ିଆ ନିଜ ମାତୃଭାଷାରେ ଉଚ୍ଚଶିକ୍ଷା ଲାଭ କରିବାକୁ ବଂଚିତ ହେଉଛନ୍ତି ବୋଲି ବିଶ୍ୱ ମାତୃଭାଷା ଦିବସ କାର୍ଯ୍ୟକ୍ରମରେ ଅଧକ୍ଷତା କରି ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି । ଝାଡ଼ଖଣ୍ଡ ରାଜ୍ୟ ସରକାର ୨୦୧୧ ମସିହାରୁ ଓଡ଼ିଆକୁ ଦ୍ୱିତୀୟ ରାଜଭାଷା ଭାବେ ମାନ୍ୟତା ଦେଇଥିବାବେଳେ ୫୦ ଭାଗରୁ ଅଧିକ ଓଡ଼ିଆ ବସବାସ କରୁଥିବା ଛତିଶଗଡ଼ ରାଜ୍ୟରେ ଆଜିପର୍ଯ୍ୟନ୍ତ ଓଡ଼ିଆକୁ ଦ୍ୱିତୀୟ ରାଜଭାଷା ଭାବେ ଗ୍ରହଣ କରାଯାଇ ନାହିଁ । ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗରେ ଓଡ଼ିଆମାନଙ୍କ ଅବସ୍ଥା ବହୁତ ଖରାପ । ବିଶ୍ୱ ମାତୃଭାଷା ଦିବସ ଅବସରରେ ବିଚ୍ଛିନ୍ନାଂଚଳ ଓ ସୀମାନ୍ତରେ ରହୁଥିବା ଓଡ଼ିଆମାନଙ୍କୁ ନିଜ ମାତୃଭାଷାରେ ଶିକ୍ଷାଦାନ ପାଇଁ ସୁଯୋଗ ଦିଆଯାଉ ବୋଲି ଉତ୍କଳ ସମ୍ମିଳନୀ ଦାବି କରିଛି । ଏହି ବୈଠକରେ ଉପଦେଷ୍ଟା ନିମାଇଁ ଚରଣ ଦାସ, ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ଓ ପ୍ରତାପ କୁମାର ସ୍ୱାଇଁ, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ଓ ପ୍ରସନ୍ନ କୁମାର ରଥ ଆଦି ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।

# ଗ୍ରିନିଜ ବୁକ ଅଫ ୱାର୍ଲ୍ଡ ରେକର୍ଡଧାରୀ ଓଡ଼ିଆ ପୁଅଙ୍କୁ ସମ୍ବର୍ଦ୍ଧନା



ବାଲେଶ୍ୱର,୨୧।୨ (ନି.ପ୍ର): ଶୀର୍ଷାସନରେ ଦୀର୍ଘ ସମୟ ରହି ଗ୍ରିନିଜ ବୁକ ଅଫ ୱାର୍ଲ୍ଡ ରେକର୍ଡ଼ରେ ସ୍ଥାନ ପାଇଥିବା ବାଲେଶ୍ୱରର ପୁଅ ଲେପ୍ଟନାଣ୍ଟ କର୍ଣ୍ଣେଲ ଲକ୍ଷ୍ମୀଧର ଭୂୟାଁଙ୍କୁ ପ୍ରତିଭା ବିକାଶ ମଞ୍ଚ ପକ୍ଷରୁ ଶନିବାର ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସ୍ଥାନୀୟ ବ୍ରିଟ କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ଚାନ୍ଦିପୁର ପ୍ରତିରକ୍ଷା ବିଭାଗ ଆଇଟିଆରର ନିର୍ଦ୍ଦେଶକ ହରେକୃଷ୍ଣ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଲେପ୍ଟନାଣ୍ଟ କର୍ଣ୍ଣେଲ ଶ୍ରୀ ଭୂୟାଁଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ସେନାରେ ଥାଇ ମଧ୍ୟ ନିଜର ନିଷ୍ଠାପର ଉଦ୍ୟମ ଯୋଗୁଁ ସେ ଆଜି ବିଶ୍ୱ ପରିଚିତି ହାସଲ କରିପାରିଛନ୍ତି। ତାଙ୍କର ଏହି ପ୍ରତିଭା ସମଗ୍ର ଯୁବଗୋଷ୍ଠୀଙ୍କ ପାଇଁ ପ୍ରେରଣା ହୋଇପାରିଛି। ତେବେ ଏଭଳି ପ୍ରତିଭାଧାରୀଙ୍କୁ ଉଚିତ ମୂଲ୍ୟାଙ୍କନ କରିବାରେ ବାଲେଶ୍ୱରର ପ୍ରତିଭା ବିକାଶ ମଞ୍ଚର ଉଦ୍ୟମ ବେଶ ପ୍ରଶଂସନୀୟ ବୋଲି ସେ ମତ ପ୍ରକାଶ କରିଥିଲେ।ଏହି ଅବସରରେ ଶ୍ରୀ ଭୂୟାଁଙ୍କୁ ପୁଷ୍ପଗୁଚ୍ଛ, ପ୍ରମାଣପତ୍ର ଓ ଅନ୍ୟାନ୍ୟ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ ଅବସରରେ ଶ୍ରୀ ଭୂୟାଁ ସନ୍ତୋଷ ପ୍ରକାଶ ସହ ପ୍ରତିଭା ବିକାଶ ମଞ୍ଚର କାର୍ଯ୍ୟଧାରାକୁ ଭୂୟସୀ ପ୍ରଶଂସା କରିଥିଲେ। ତେବେ ନିଷ୍ଠା ଓ ଅଧ୍ୟବସାୟ ହିଁ ସଫଳତାର ଚାବିକାଠି ବୋଲି ସେ ସମସ୍ତଙ୍କୁ କହିଥିଲେ। ନିଜକୁ ସର୍ବଦା ଶିକ୍ଷାର୍ଥୀ ଭାବେ ଗ୍ରହଣ କରି ଆଗକୁ ବଢ଼ିଲେ ସଫଳତା ନିଶ୍ଚିତ ମିଳିବ ବୋଲି ସେ ଯୁବଗୋଷ୍ଠୀଙ୍କୁ ବାର୍ତ୍ତାରେ କହିଥିଲେ। ମଞ୍ଚର ସଭାପତି ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶ ଏହି ଉତ୍ସବରେ ସଭାପତିତ୍ୱ କରିବା ସହିତ ସଂଗଠନର କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ। ବାଲେଶ୍ୱର ବାର ଆସୋସିଏସନ ସଭାପତି ବରିଷ୍ଠ ଆଇନଜୀବୀ ରଘୁନାଥ ପ୍ରଧାନ ଏଥିରେ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ କିଶୋର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପେନ୍ଦ୍ର ପାତ୍ର ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ପଙ୍କଜ କୁମାର ଜେନା, କୁମାର କାଶ୍ୟପ, ଲକ୍ଷ୍ମୀଧର ନାୟକ, ସୌରୀଶଙ୍କର ପରିଡ଼ା, ଆରତୀ ଦାସ, ଜ୍ୟୋତିର୍ମୟୀ ସାମଲ ପ୍ରମୁଖ ଏହି ସମ୍ବର୍ଦ୍ଧନା ଉତ୍ସବକୁ ପରିଚାଳନା କରିଥିଲେ।

# ଆଖୁଚାଷ ପ୍ରତି ପ୍ରୋତ୍ସାହନ ନାହିଁ ମୁଣ୍ଡରେ ହାତ ଦେଲେଣି ହଜାରହଜାର ଆଖୁଚାଷୀ

ଭଦ୍ରକ, ୨୦ ଫେବୃଆରୀ (ହି.ସ.)- ଭଦ୍ରକ ଜିଲ୍ଲାରେ ଆଖୁଚାଷ ପ୍ରତି ସରକାରଙ୍କର କୌଣସି ପ୍ରୋତ୍ସାହନ ନାହିଁ । ଫଳରେ ମୁଣ୍ଡରେ ହାତଦେଇ ବସିଛନ୍ତି ହଜାର ହଜାର ଆଖୁଚାଷୀ। ଭଦ୍ରକ ଜିଲ୍ଲାରେ ବହୁଳ ଆଖୁଚାଷକୁ ଦୃଷ୍ଟିରେ ରଖି ଅଶୀ ଦଶକରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏଠାରେ ଏକ ଚିନିକଳ ପ୍ରତିଷ୍ଠା କରାଯିବାର ପରକଳ୍ପନା କରାଯାଇଥିଲା । ଏଥିସକାସେ ରାଜ୍ୟ ସରକାର ଇଡକୋ ଜରିଆରେ ଧାମନଗର ଛକ ନିକଟରେ ପ୍ରାୟ ୨୧୭ ଏକର ମୂଲ୍ୟବାନ ଚାଷଜମି ଅଧିଗ୍ରହଣ କରି ଓଡିଶାର ଅନ୍ୟତମ ଅଗ୍ରଣୀ ଚିନି ଉତ୍ପାଦନକାରୀ ସଂସ୍ଥା ଧରଣୀ ସୁଗାରକୁ କୁ ଏଠାରେ ଏକ ଚିନି କାରଖାନା ପ୍ରତିଷ୍ଠା କରିବାକୁ ଅନୁମତି ପ୍ରଦାନ କରିଥିଲେ । ତେବେ ଯାଗାଜମି ଅଡୁଆ ଏବଂ ମାଲିମୋକଦ୍ଦମା ଯୋଗୁ ଧରଣୀ ସୁଗାର ଏହି ପ୍ରକଳ୍ପରୁ ଓହରୀ ଯାଇଥିଲା ଫଳରେ ଆଖୁଚାଷୀଙ୍କ ଆଶା ଧୂଳିସାତ ହୋଇ ଯାଇଥିଲା । ଚିନିକଳ ପ୍ରତିଷ୍ଠା ହୋଇଥିଲେ ଆଖୁଚାଷୀଙ୍କୁ ସେମାନଙ୍କ ଉତ୍ପାଦର ଉପଯୁକ୍ତ ମୂଲ୍ୟ ମିଳିଥାନ୍ତା ଏବଂ ଏହି ଅଂଚଳର ଲୋକଙ୍କ ଅର୍ଥନୈତିକ ବିକାସ ସାଧିତ ହୋଇ ପାରିଥାନ୍ତା । ହେଲେ ଧରଣୀ ସୁଗାର ଚିନିକଳ ପ୍ରତିଷ୍ଠାରୁ ଓହରିଯିବା ଫଳରେ ଆଂଚଳିକ ଚାଷୀଙ୍କର ଆଖୁଚାଷ ପ୍ରତି ଆକର୍ଷଣ କମି ଯାଇଥିଲା । ଫଳରେ ଜିଲ୍ଲାରେ ହେଉଥିବା ବିପୁଳ ଆଖୁଚାଷ ଧିରେ ଧିରେ କମିବାକୁ ଲାଗିଥିଲା । ଏକଦା ଜିଲ୍ଲାରେ ପ୍ରାୟ ୫ ଜାର ହେକ୍ଟର ଚାଷ ଜମିରେ କରାଯାଉଥିବା ଏହି ଲାଭଦାୟକ ଅର୍ଥକରୀ ଆଖୁଚାଷ ଏବେ ମାତ୍ର କେଇଶହ ହେକ୍ଟରକୁ ହ୍ରାସପାଇଛି। ସରକାରୀ ସୁଚନା ଅନୁଯାଇ ଗତ ୨୦୧୮-୧୯ ରେ ଜିଲ୍ଲାରେ ମାତ୍ର ୨୩୯ ହେକ୍ଟର ଜମିରେ ଆଖୁଚାଷ କରାଯାଇଥିବା ବେଳେ ଗତବର୍ଷ ୨୭୫ ହେକ୍ଟରରେ ସିମିତ ରହିଛି । ଚିନିକାରଖାନା ପ୍ରତିଷ୍ଠା ନହୋଇ ପାରିଲେ ମଧ୍ୟ ସରକାର ଜିଲ୍ଲାର ଆଖୁଚାଷ ପ୍ରତି ଅନୁରପ ଧ୍ୟାନ ନଦେବାରୁ ଭଦ୍ରକ ଜିଲ୍ଲାରେ ଏବେ ଅର୍ଥକରୀ ଆଖୁଚାଷ ଧିରେ ଧିରେ ବୁଡିଯିବାକୁ ବସିଥିବା କହିଛନ୍ତି ଚାଷୀ । ଭଦ୍ରକ ଜିଲ୍ଲାରେ ଆଖୁଚାଷ ମୁଖ୍ୟତ ଧାମନଗର,ଭଣ୍ଡାରିପୋଖରୀ ଏବଂ ବନ୍ତ ବ୍ଲକରେ ପ୍ରଚୁର ପରିମାଣରେ କରାଯାଇଥାଏ । ତେବେ ଅଧିକାଂଶ ଆଖୁଚାଷୀ ଭାଗଚାଷୀ ହୋଇଥିବା ଯୋଗୁ ଆଖୁ ଚାଷ କରିବାକୁ ଏବେ ଅଧିକାଂଶ ଚାଷୀଙ୍କୁ ଭାଗ ଚାଷଜମି ମିଳୁନାହିଁ । ଆଖୁଚାଷ ଏକ ଦୀର୍ଘମିଆଦି(ଏକବର୍ଷ) ଫସଲ ହୋଇଥିବା ଯୋଗୁ ବହୁ ଜମି ମାଲିକ ଆଖୁଚାଷ କରିବାକୁ ଜମି ଦେବାକୁ ନାରାଜ ହେଉଥିବା କଥା ଅଭିଯୋଗ କରନ୍ତି ଚାଷୀ ।

# କଂଗ୍ରେସର ବ୍ଲକ ଓ ପୌରାଚଂଳ ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଜୟପୁର,୨୧।୨ (ନି.ପ୍ର): କୋରାପୁଟ ଜିଲାର ବ୍ଲକ, ଏନଏସି ଓ ପୌରାଚଂଳର କଂଗ୍ରେସ ସଭାପତିଙ୍କ ନାମ ପ୍ରଦେଶ କଂଗ୍ରସ କମିଟି ମଞ୍ଜୁର କରି ଘୋଷଣା କରିବା ପରେ ଆଜି ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏନେଇ ଜୟପୁର ସ୍ଥିତ ଜିଲା କଂଗ୍ରେସ ଭବନ ଠାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ନିଯୁକ୍ତ ହୋଇଥିବା ବ୍ଲକ ଓ ପୌରାଚଂଳ ସଭାପତିଙ୍କୁ ଜିଲା କଂଗ୍ରେସ ସଭାନେତ୍ରୀ ମିନାକ୍ଷି ବାହିନିପତି ଫୁଲତୋଡା ଓ ଉତରୀୟ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ଉପ ସଭାପତି ବିନୋଦ ମହାପାତ୍ର, ବରିଷ୍ଠ କଂଗ୍ରେସ ନେତା ମଦନ ମୋହନ ନାୟକ, କୃଷ୍ଣ ନେପାକ, ବ୍ରଜ ନାଗ, ଦୁର୍ଗା ସର୍ମା ପ୍ରମୁଖ ଉପସ୍ଥିତ ଥିଲେ ।

ଏନେଇ ଆଜି କୋରାପୁଟ ଜିଲାର କୋଟପାଡ ବ୍ଲକ ସଭାପତି ପ୍ରକାଶ ଚନ୍ଦ୍ର ମହାନ୍ତି, ଏନଏସି ସିଦ୍ଧାର୍ଥ ତ୍ରିପାଠି, କୁନ୍ଦୁରା ବ୍ଲକ ସଭାପତି ନକୁଳ ଚନ୍ଦ୍ର ପଟ୍ଟନାୟକ, ବୋରିଗୁମ୍ମା ବ୍ଲକର ଅଶୋକ କୁମାର ଗନ୍ତାୟତ, ଜୟପୁର ବ୍ଲକର ବସନ୍ତ କୁମାର ନାୟକ, ଜୟପୁର ପୌରା ଳର ନରେନ୍ଦ୍ର କୁମାର ମହାନ୍ତି, ବୈପାରିଗୁଡାର ଗୌର ଚନ୍ଦ୍ର ପାତ୍ର, ଲମତାପୁଟ ବ୍ଲକର କୃପା ମୁଦୁଲି, କୋରାପୁଟ ବ୍ଲକର ରମେଶ ବାଙ୍କିଆ, କୋରାପୁଟ ଏନଏସିର ଜୟନ୍ତ କୁମାର କୋଟିମ, ସୁନାବେଡା ଏନଏସିର ନରେନ୍ଦ୍ର ସମ ରେଡ୍ଡିଙ୍କୁ ସ୍ୱାଗତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲା ଯୁବ ସଭାପତି ସୁକାନ୍ତ ପଟ୍ଟନାୟକ, ନିହାର ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଗୋଛାପଡା ଥାନା ଅଂଚଳର ଉଷାଗାଡୁରୁ ୫ କ୍ୱିଂଟାଲ ଗଞ୍ଜେଇ ଜବତ: ୬ ଗିରଫ, ଦୁଇ ଫେରାର

କନ୍ଧମାଳ,୨୧।୨ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ଦିନକୁ ଦିନ ଗଞ୍ଜେଇ ଚାଲାଣ ବଢିବାରେ ଲାଗିଛି । କୀଣସି ସୁତ୍ରରୁ ବାଙ୍ଗାଲୋରକୁ ଚାଲାଣ ହେବାକୁ ଥିବା ଖବର ପାଇ କନ୍ଧମାଳ ଜିଲ୍ଲା ଗୋଛାପଡା ଥାନା ପୋଲିସ ବେଳେ ଉଷାଗାଡୁ ଗ୍ରାମର ରୋମାଂଚ କହଁରଙ୍କ ଘରେ ୫୧୫ କିଗ୍ରା ଗଞ୍ଜେଇ ଗଛିତ ଥିବା ନେଇ ଖବର ପାଇଥିଲା । ଶୁକ୍ରବାର ଦିନ ପୋଲିସ ଉଷଗାଡୁରେ ପହଂଚି ରୋମାଂଚ କହଁର ଘରେ ଚଢାଉ କରିଥିଲା । ତାଙ୍କ ଘରୁ ୫୧୫ କିଗ୍ରା ଗଞ୍ଜେଇ ଜବତ କରିଥିଲା । ଯାହାର ଆନୁମାନିକ ମୁଲ୍ୟ ୧୦ ଲକ୍ଷ ୩୦ ହଜର ଟଙ୍କା ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି । ଏହି ସଂକ୍ରନ୍ତରେ ପୋଲିସ ୮ ଜଣ ଅଭିଯୁକ୍ତ ମାନଙ୍କ ମଧ୍ୟରୁ ୬ ଜଣଙ୍କୁ ଗିରଫ କରିଥିବା ଜଣାପଡିଛି । ଅନ୍ୟ ଦୁଇଜଣ ପୁର୍ବରୁ ସୂଚନା ପାଇ ସେଠାରୁ ଫେରାର ହୋଇଯାଇଛନ୍ତି ଫେରାର ଅଭିଯୁକ୍ତ ମାନଙ୍କ ମଧ୍ୟରୁ ରୋମାଂଚ କହଁର ମଧ୍ୟ ରହିଥିବା କହଛି ପୋଲିସ । ସୂଚନା ଅନୁସାରେ ରୋମାଂଚ କହଁର ନିଜ ଘରେ ଏହି ଗଞ୍ଜେଇକୁ ବାଙ୍ଗାଲୋରକୁ ଚାଲାଣ କରିବାକୁ ୧୦ଟି ବସ୍ତାରେ ଗଛିତ ରଖିଥିଲା । ଏବଂ ଏହାକୁ ଚାଲାଣ କରିବାକୁ ଚାଲାଣ କାରୀମାନଙ୍କୁ ପ୍ରସ୍ତୁତ କରି ରଖିଥିଲା । ପୋଲିସ ଏହା ପୁର୍ବରୁ ଖବର ପାଇ ରୋମାଂଚ ଘରେ ଚଢାଉ କରିଥିଲା । ଏହି ଚଢାଉରେ ସବୁ ଗଞ୍ଜେଇକୁ ଜବତ କରିବା ସହିତ ଘଟଣାର ୮ଜଣ ଅଭିଯୁକ୍ତ ମାନଙ୍କ ମଧ୍ୟରୁ ବାଙ୍ଗାଲୋର ଇନ୍ଦ୍ରନଗର ଥାନା ଅଂଚଳର କାଡିନାରାପାଲିୟାର ଶକ୍ତି ଭେଲ(୨୭) ନାମକ ଜଣେ ଚାଲାଣ କାରୀ ସମେତ ଉଷାଗାଡୁ ଅଂଚଳର ସରୋଜ କହଁର(୨୨),ଭାଗିରଥି କହଁର(୪୦), ଗନେଶ୍ୱର କହଁର(୬୦), କାର୍ତାକେଶ୍ୱର କହଁର(୫୫), ଧ୍ରୁବଚରଣ କହଁର(୪୦), ରୋମାଂଚ କହଁର (୩୦) ଏବଂ ଜୟଦେବ ବଗାର(୪୫) ରହିଥିବାବେଳେ ମୁଖ୍ୟ ଅଭିଯୁକ୍ତ ରୋମାଂଚ କହଁର ସମେତ ଆଉ ଜଣେ ସେଠାରୁ ଫେରାର ହେବାରେ ସକ୍ଷମ ହୋଇଛନ୍ତି ବୋଲି ପୋଲିସ ପକ୍ଷରୁ ଜଣାପଡିଛି । ଏହି ସଂକ୍ରନ୍ତରେ ଗୋଛାପଡା ଥାନା ପୋଲିସ ଏନଡିପିଏସ ଆଇନ ଅନୁସାରେ ଏକ ମାମଲା ୧୬/୨୧ ରୁଜ୍ଜୁ କରିବା ସହିତ ୬ ଜଣ ଅଭିଯୁକ୍ତ ମାନଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି । ଜବତ ଗଞ୍ଜେଇର ଆନୁମାନିକ ମୁଲ୍ୟ ୧୦ ଲକ୍ଷ ୩୦ ହଜର ଟଙ୍କା ହେବ ବୋଲି ଫୁଲବାଣୀ ଉପଖଣ୍ଡ ପୋଲିସ ଅଧିକାରୀ ମହେନ୍ଦ୍ର କୁମାର ମୁର୍ମୁ କହିଛନ୍ତି ।

# ନିଶା ନିବାରଣ ଅଭିଯାନ ପକ୍ଷରୁ ବ୍ଲକସ୍ତରୀୟ ସାଂଗଠନିକ ସଭା

କେନ୍ଦ୍ରାପଡ଼ା,୨୧।୨ (ନି.ପ୍ର): ସରକାରଙ୍କ ମଦ ପ୍ରସାର ନୀତିର ମାରାତ୍ମକ ପରିଣତି ସଂପର୍କରେ ବ୍ୟାପକ ଜନ ଚେତନା ସୃଷ୍ଟି କରିବା ପାଇଁ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ମିଳିତ ଓଡିଶା ନିଶା ନିବାରଣ ଅଭିଯାନର କେନ୍ଦ୍ରାପଡା ବ୍ଲକ ସ୍ତରୀୟ ସାଂଗଠନିକ ସଭା ଦୁହୁରିଆ ସ୍ଥିତ ସାଇ ମନ୍ଦିର ପରିସର ରେ ଅନୁଷ୍ଠିତ ହୋଇ ଯାଇଛି । ଦମୟନ୍ତୀ ସାହୁଙ୍କ ଅଧକ୍ଷତା ରେ ଆୟୋଜିତ ଏହି ସଭାରେ ସଂଗଠନର ରାଜ୍ୟ ସଂପାଦକ ରମାକାନ୍ତ ମଣ୍ଡଳ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ରାଜ୍ୟକୁ ସଂପୂର୍ଣ୍ଣ ନିଶାମୁକ୍ତ କରିବା ପାଇଁ ୧୯୫୬ ନିଶା ନିବାରଣ ଆଇନ କାର୍ଯ୍ୟକାରୀ ହେବା ପର୍ଯ୍ୟନ୍ତ ଏ ଆନ୍ଦୋଳନ ଚାଲୁ ରହିବ ବୋଲି ଘୋଷଣା କରିଥିଲେ । ଜିଲ୍ଲା ସଂପାଦକ ଆଦିକନ୍ଦ ରାଉଳ ସ୍ଥାନୀୟ ମଦ ଦୋକାନ ତଥା ଜିଲ୍ଲାରେ ଚୋରା ମଦ ବେପାର ବିରୋଧରେ ଜନମତ ସୃଷ୍ଟି କରିବା ସହ ସରକାରଙ୍କ ମଦ ପ୍ରସାର ନୀତି ସଂପର୍କରେ ସ୍ଥାନୀୟ ବୁଦ୍ଧିଜୀବି ମାନଙ୍କ ସହଯୋଗ ରେ ପ୍ରତି ଗ୍ରାମରେ ଆଲୋଚନା ସଭାମାନ କରିବାକୁ ଏକ ଦ୍ୱିସୂତୀ କାର୍ଯ୍ୟକ୍ରମ ପ୍ରଦାନ କରିଥିଲେ । ଏହି ସଭାରେ ଜିଲ୍ଲା ସଭାପତି ପାର୍ବତୀ ନାୟକ ‘ମୋନା’ ଆନ୍ଦୋଳନର ଗୌରବମୟ ଓ ଇତିହାସ ସଂପର୍କରେ ସୂଚନା ଦେଇଥିବା ବେଳେ ବ୍ଲକ ସଂପାଦକ ସନାତନ ମୁଦୁଲି ସଭାର ଉଦ୍ଦେଶ୍ୟ ଜ୍ଞାପନ ଓ ମମତା ସାମଲ ଧନ୍ୟବାଦ ପ୍ରଦାନ କରିଥିଲେ । ଆୟୋଜିତ ଏହି ସଭାରେ ବ୍ଲକ ସଭାପତି ଦୌପଦୀ ରାଉତ, ବାସନ୍ତୀ ସାହୁ, ବରିଷ୍ଠ ଶିକ୍ଷକ ନେତା ଭଜକୃଷ୍ଣ ରାଉତ, ସୁହାନା ବେଗମ, ନିରୁପମା ମହାନ୍ତି, ଶରତ ମଲିକ, ଅମର ପ୍ରସାଦ ରାଉତ, ଭରତ ଚନ୍ଦ୍ର ଜେନା, କାର୍ତୀକ ନାୟକ, ଗଗନ ସିଂହ, ପୁଷ୍ପିତା ଜେନା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ବାଲେଶ୍ୱରରେ ସୈନିକ ସ୍କୁଲ ପ୍ରତିଷ୍ଠା ଦାବି

ବାଲେଶ୍ୱର,୨୧।୨ (ନି.ପ୍ର): କନ୍ଦ୍ର ସରକାର ଚଳିତ ବଜେଟରେ ଦେଶରେ ଏକଶହ ସୈନିକ ସ୍କୁଲ୍ ଖୋଲିବା ନିଷ୍ପତ୍ତିକୁ ବାଲେଶ୍ୱର ଜିଲା ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ଓ ସ୍ୱେଚ୍ଛାସେବୀ ସଂଗଠନ ‘ସହାୟକ’ ତରଫରୁ ସ୍ୱାଗତ କରାଯାଇଛି। ବାଲେଶ୍ୱରରେ ପ୍ରତିରକ୍ଷା ବିଭାଗର ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଥିବା ବେଳେ ଗମନାଗମନ ଏବଂ ଜଳବାୟୁ ତଥା ଭିତ୍ତିଭୂମି ଦୃଷ୍ଟିରୁ ବାଲେଶ୍ୱରରେ ଏକ ସୈନିକ ସ୍କୁଲ ପ୍ରତିଷ୍ଠା ଏକାନ୍ତ ଆବଶ୍ୟକ ହୋଇଛି ବୋଲି ଦୁଇ ସଂଗଠନର କର୍ମକର୍ତ୍ତାମାନେ କହିଛନ୍ତି। ଏଭଳି ସ୍ଥିତିରେ ବାଲେଶ୍ୱରରେ ଏକ ସୈନିକ ସ୍କୁଲ ଖୋଲିବାକୁ ସଂଗଠନ ତରଫରୁ ଦାବି କରାଯାଇଛି। ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳରେ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ଯଥା ଆଇଆଇଏମ, ନାଇଜ, ଆଇଜ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ସୈନିକ ସ୍କୁଲ୍ ପ୍ରଭୃତି ଥିବାବେଳେ ଉତ୍ତର ଓଡ଼ିଶାର କେନ୍ଦ୍ରସ୍କୁଲ ବାଲେଶ୍ୱରରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସୈନିକ ସ୍କୁଲ ପ୍ରତିଷ୍ଠା ପାଇଁ ଦାବି କରାଯାଇଛି। ଏନେଇ କେନ୍ଦ୍ର ରାଷ୍ଟ୍ର ମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଜରିଆରେ ପ୍ରତିରକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଭାବେ ଦୁଇ ସଂଗଠନ ତରଫରୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଚିଠିର ନକଲ ସଂପୃକ୍ତ ବିଭାଗୀୟ ଉଚ୍ଚ ଅଧିକାରୀମାନଙ୍କୁ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ମଧ ପ୍ରଦାନ କରାଯାଇଛି। ଅତୀତରେ ବାଲେଶ୍ୱରରେ ଏକ ସୈନିକ ସ୍କୁଲ୍ ପ୍ରତିଷ୍ଠା ପାଇଁ ବହୁ ବିଶିଷ୍ଟ ବ୍ୟକ୍ତି ଓ ସାମାଜିକ ସଂଗଠନମାନେ ଦାବି କରିଆସୁଛନ୍ତି। ତେଣୁ ଜିଲାବାସୀଙ୍କ ଏହି ଯଥାର୍ଥ ଦାବି ପ୍ରତି କେନ୍ଦ୍ର ସରକାର ସୁବିଚାର କରିବାକୁ ଅନୁରୋଧ କରାଯାଇଛି।

# ଭିନ୍ନକ୍ଷମ ଲକ୍ଷ୍ମୀଧରଙ୍କୁ ଭତା ଓ ପ୍ରମାଣପତ୍ର ମିଳିବ କେବେ ?

କଣାସ,୨୧।୨ (ନି.ପ୍ର): କେନ୍ଦ୍ର ଓ ରାଜ୍ୟ ସରକାର ଭିନ୍ନକ୍ଷମ ମାନଙ୍କୁ ଚିହ୍ନଟ କରି ସହାୟତା ପ୍ରଦାନ କରିବା ପାଇଁ ପ୍ରତ୍ୟେକ ବ୍ଲକରେ ପ୍ରତିବର୍ଷ ଭିନ୍ନକ୍ଷମ ଚିହ୍ନ ଶିବିରର ଆୟୋଜନ କରୁଥିଲେ ମଧ ଓହ୍ଲାଣ ଗ୍ରାମର ୬୨ ବର୍ଷିୟ ଲକ୍ଷ୍ମୀଧର ଦାଶ ବର୍ତମାନ ସୁଦ୍ଧା ୧୦୦ ଭାଗ ଭିନ୍ନକ୍ଷମ ହୋଇଥିଲେ ମଧ ଭିନ୍ନକ୍ଷମ ପ୍ରମାଣପତ୍ର ଏବଂ ଭିନ୍ନକ୍ଷମ ଭତା ପାଇନଥିବା ଜଣାପଡିଛି । ଲକ୍ଷ୍ମୀଧର ଦୀର୍ଘଦିନ ହେଲା ପକ୍ଷାଘାତ୍ ରୋଗରେ ଆକ୍ରାନ୍ତ ହୋଇଥିଲେ ମଧ ଅର୍ଥ ଅଭାବରୁ ତାଙ୍କର ଚିକିତ୍ସା ହୋଇପାରୁନ ଥିବା ପରିବାର ଲୋକ କୁହନ୍ତି । ପ୍ରମାଣପତ୍ର ଓ ଭିନ୍ନକ୍ଷମ ଭତା ପାଇଁ ବାରମ୍ୱାର ସରପଚଂ, ବ୍ଲକ ଅଧିକାରୀ ମାନଙ୍କୁ ଜଣାଇ ନିରାଶ ହେବାପରେ ଗତକାଲି କୌଣସି ସୂତ୍ରରୁ ଖବର ପାଇ କଣାସ ବିଡିଓ ଲୋଚନ ଦାସ ଏକ ଅଟୋରିକ୍ସା କରି ଲକ୍ଷ୍ମୀଧରଙ୍କୁ ପ୍ରମାଣପତ୍ର ପାଇଁ ଭିନ୍ନକ୍ଷମ ଶିବିରକୁ ଆଣିଥିବା ଦେଖିବାକୁ ମିଳିଥିଲା । ଭିନ୍ନକ୍ଷମ ପ୍ରମାଣପତ୍ର ମିଳିବା ମାତ୍ରେ ଲକ୍ଷ୍ମୀଧରଙ୍କର ଭିନ୍ନକ୍ଷମ ଭତା କରିଦିଆଯିବ ବୋଲି ବିଡିଓ ଲୋଚନ ଦାସ ସୂଚନା ଦେଇଛନ୍ତି । ଲକ୍ଷ୍ମୀଧର ଚଳପ୍ରଚଳ କରିପାରୁ ନ ଥିବାରୁ ପରିବାର ଲୋକ ଲକ୍ଷ୍ମୀଧରଙ୍କୁ ନେବାଆଣିବା କରୁଛନ୍ତି ।

# ୭୫ତମ ବିଶ୍ୱ ଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

କଣାସ,୨୧।୨ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ବସନ୍ତପୁର ଗ୍ରାମର ଅରାଧ ଠାକୁର ବାବା ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ଗତ ୧୩ ତାରିଖ ଠାରୁ ଅନୁଷ୍ଠିତ ହେଉଥିବା ୭୫ତମ ବିଶ୍ୱଶାନ୍ତି ମହାଯଜ୍ଞ ଇତିମଧ୍ୟରେ ଉଦଯାପିତ ହୋଇଯାଛି । ୬ ଦିନ ଧରି ଶୁଭାଧିବାସ, ଅଙ୍କୁରାରୋପଣ, କଳସଯାତ୍ରା, ବାବା ବାଙ୍କେଶ୍ୱର ଦେବ ଯଜ୍ଞ ପୀଠକୁ ଆଗମ, ଅଗ୍ନିସ୍ଥାପନ, ଦେବତାମାନଙ୍କୁ ଆହୂତି ପଦାନ, ସୂର୍ଯ୍ୟପୂଜା ସମେତ ଶହଶହ ଭକ୍ତଙ୍କ ହୁଳହୋଳି ଧ୍ୱନୀରେ ପୂର୍ଣ୍ଣାହୂତି କାର୍ଯ୍ୟ ସମାପନ କରାଯାଇଥିଲା । ମୁଖ୍ୟ ପୁରୋହିତ ପଣ୍ଡିତ ନିରଞ୍ଜନ ମିଶ୍ର ଓ ସହଯୋଗୀମାନେ ପ୍ରତ୍ୟେହ ପ୍ରାତଃ ମଙ୍ଗଳା ଆଳତି, ବେଦପାଠ ଉଚ୍ଚାରଣ, ଶିବଶହସ୍ର ନାମ ପଠନ ଓ ଯଜ୍ଞ କାର୍ଯ୍ୟମାନ କରିଥିଲେ । ପ୍ରତ୍ୟେହ ସଂନ୍ଧ୍ୟାରେ ନାମସଂକୀର୍ତନ ବାଦିପାଲା, ପ୍ରବଚନ ପ୍ରଭୃତି ସାଂସ୍କୃତି କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା । ବସନ୍ତପୁର ଯଜ୍ଞ କମିଟି ଓ ଗ୍ରାମବାସୀମାନେ ଏଥିରେ ପୂର୍ଣ୍ଣ ସହଯୋଗ କରିଥିଲେ ।

# ଶ୍ରୀ ବଳଦେବଜୀଉଙ୍କ ଫୁଲ ବଗିଚାରୁ ଗରୁଡ ପକ୍ଷୀ ଉଦ୍ଧାର

କେନ୍ଦ୍ରାପଡ଼ା,୨୧।୨ (ନି.ପ୍ର): କେନ୍ଦ୍ରାପଡାର ଆରାଧ ଦେବ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ନିକଟରେ ଥିବା ଫୁଲ ବଗିଚାରୁ ଏକ ବିରଳ ପ୍ରଜାତିର ଧଳା ଗରୁଡ ପକ୍ଷୀ ଉଦ୍ଧାର କରାଯାଇଛି । ଏହି ଗରୁଡ ପକ୍ଷୀ ଉଦ୍ଧାର ହେବାପରେ ସ୍ଥାନୀୟ ଅଂଚଳରେ ଏକ ଆଧାତ୍ମିକ ଭାବନା ସୃଷ୍ଟିହେବା ସହ ଏହି ପକ୍ଷୀକୁ ଦେଖିବା ପାଇଁ ବହୁ ଲୋକ ରୁଣ୍ଡ ହୋଇଥିଲେ । ଶନିବାର ସକାଳୁ ବଡବାରଙ୍ଗ ଗ୍ରାମର ରଶ୍ମିତା ନାୟକ ନାମକ ଫୁଲ ତୋଳିବା ପାଇଁ ଆସିଥିବା ବେଳେ ପକ୍ଷୀଟିକୁ ଦେଖିଥିଲେ । ତେବେ ତାକୁ ଧରିବାକୁ ଗଲେ ମଧ ସେ ଉଡି ନପାରିବାରୁ ତାକୁ ଘରକୁ ନେଇ ଯାଇଥିଲେ । ଖବର ଜଣାପଡିବା ପରେ ବହୁ ସଂଖ୍ୟକ ଲୋକ ପକ୍ଷୀକୁ ଦେଖିବା ପାଇଁ ଭିଡ ଜମାଇଥିବା ଦେଖିବାକୁ ମିଳିଥିଲା । ତେବେ ପୁରାଣ ବର୍ଣ୍ଣିତ ଗରୁଡ ପକ୍ଷୀ ଭଗବାନ ବିଷ୍ଣୁଙ୍କ ବାହନ ବୋଲି ବର୍ଣ୍ଣିତ ହୋଇ ଥିବାରୁ ଏହାକୁ ନେଇ ଜନ ସାଧାରଣଙ୍କ ଭିତରେ ଆଧାତ୍ମିକ ଭାବନା ସୃଷ୍ଟି ହୋଇଛି । ତେବେ କୌଣସି କାରଣରୁ ପକ୍ଷୀଟି ଆହତ ହୋଇଥିବା ଜଣା ପଡିଛି ।

# ଆନନ୍ଦ ଉଲ୍ଲାସର ସହ ଭୁବନପୁରରେ ଜୟ ଜଗନ୍ନାଥ ମହୋତ୍ସବ ଉଦ୍‌ଯାପିତ

ଧର୍ମଶାଳା,୨୧।୨ (ନି.ପ୍ର): ଆଖପାଖ ଗାଁର ଲୋକେ ତିନିଦିନ ଧରି ଏକାଠି ରହୁଥିଲେ, ଏକାଠି ଖାଉଥିଲେ ଏବଂ ଏକାଠି ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ସଂସ୍କୃତିର ମହାନତାର ପ୍ରଚାର ଓ ପ୍ରସାର ପାଇଁ ସବୁବେଳେ ମଂଚରେ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରୁଥିଲେ। ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଅମୃତ ସମ୍ପର୍କରେ ବାନ୍ଧି ହୋଇ ରହିଥିବା ଶହ ଶହ ଶ୍ରଦ୍ଧାଳୁ ଭକ୍ତ ଭଗବତ ଚେତନାରେ ନିଜକୁ ହଜାଇ ଦେଉଥିଲେ। ଏହିଭଳି ଏକ ଆବେଗପୂର୍ଣ୍ଣ ଓ ଭକ୍ତିମୟ ପରିବେଶ ମଧ୍ୟରେ ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ ପଂଚାୟତର ଭୁବନପୁର ଗ୍ରାମରେ ଶ୍ରୀ ଶ୍ରୀ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ବାର୍ଷିକୋତ୍ସବ ଅବସରରେ ଅନୁଷ୍ଠିତ ହେଉଥିବା ଜୟ ଜଗନ୍ନାଥ ମହୋତ୍ସବ ଉଦଯାପିତ ହୋଇଛି। ତିନିଦିନ ଧରି ଅନୁଷ୍ଠିତ ହେଉଥିବା ଏହି ମହୋତ୍ସବରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ସକାଳ ୭ ଟାରୁ ରାତି ୧୨ ଟା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷଣ କରାଯାଉ ଥିଲା। ଉଦଯାପନ ଦିବସରେ ଓଡିଶାର ସୁନାମଧନ୍ୟ ଭଜନ ଗାୟକ ସୁବାଷ ଦାସ ଏବଂ ତାଙ୍କ ସହ ଥିବା ଅନ୍ୟ ସୁପ୍ରତିଷ୍ଠିତ ଗାୟକଙ୍କ ଭଜନ ପରିବେଷଣରେ ଉତ୍ସବ ସ୍ଥଳ ନାଚି ଉଠିଥିଲା। ଭକ୍ତମାନେ ଭଜନର ତାଳେ ତାଳେ ନାଚିବା ସହ ସେମାନଙ୍କ ସହ ସୁବାଷ ଏବଂ ଅନ୍ୟ ଭଜନ ଗାୟକଙ୍କ ନୃତ୍ୟ ଏକ ଭାବାବେଗ ପରିବେଷ ସୃଷ୍ଟି କରିଥିଲା। ଏହିଦିନ ମଞ୍ଚରେ ଓଡିଶାର ସୁପ୍ରସିଦ୍ଧ ନୃତ୍ୟଗୁରୁ ନୀରଞ୍ଜନ ରାଉତଙ୍କ ତତ୍ତ୍ୱାବଧାନରେ ନୁପୁର ଅନୁଷ୍ଠାନର ନୃତ୍ୟ ଏବଂ ଦେଶାତ୍ମବୋଧ ସଙ୍ଗୀତରେ ଅଭିନୟ ଶହ ଶହ ଭକ୍ତ ମାନଙ୍କୁ ସ୍ତମ୍ଭିଭୂତ କରି ଦେଇଥିଲା। ସେହିପରି ଦ୍ୱିତୀୟ ଦିନରେ ସୁଶାନ୍ତ ପାଣିଙ୍କ ତତ୍ତ୍ୱାବଧାନରେ କେନ୍ଦ୍ରାପଡା ପଟ୍ଟାମୁଣ୍ଡାଇ ଅଂଚଳର ଗଡ ମେକର ସାଂସ୍କୃତିକ ଦଳର ଶ୍ରୀ ଜଗନ୍ନାଥ ସଂସ୍କୃତି ନେଇ ବିଭିନ୍ନ ପ୍ରକାର ନୃତ୍ୟ ପରିବେଷଣ ମଧ୍ୟ ଜୟ ଜଗନ୍ନାଥ ମହୋତ୍ସବର ଅନ୍ୟତମ ମୁଖ୍ୟ ଆକର୍ଷଣ ହୋଇଥିଲା। ପ୍ରତ୍ୟେକ ଦିନ ଗାୟକ ସୌରଭ ରଂଜିତ ମିଶ୍ର ଏବଂ ଗାୟକ ପିୟୁସ ବିଶ୍ୱନାଥ ସ୍ୱାଇଁଙ୍କ ମଧ୍ୟରେ ବାଦୀପାଲା ଶ୍ରୀ ଜଗନ୍ନାଥ ପ୍ରେମୀ ଭକ୍ତ ମହଲରେ ମୁଖ୍ୟ ଆକର୍ଷଣ ସାଜିଥିଲା। ପୁରୀର ଘଣ୍ଟବାଦ୍ୟ ଦଳଙ୍କ ଘଣ୍ଟବାଜା, ଧର୍ମଶାଳାର ଢୋଲ ସହ ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର ଏବଂ ଆତସବାଜୀ ଦ୍ୱାରା ପ୍ରଥମ ଦିନରେ କଳସ ଶୋଭାଯାତ୍ରା ଗ୍ରାମ୍ୟ ପରିକ୍ରମା କରିଥିଲା। ତେବେ ତିନିଦିନ ବ୍ୟାପୀ ମହୋତ୍ସବରେ ଶହ ଶହ ଶ୍ରଦ୍ଧାଳୁ ଭକ୍ତ ସର୍ବଦା ଏକାଠି ରହି ପ୍ରସାଦ ସେବନ କରିବା , ମଂଚରେ ସର୍ବଦା ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବା ସହ ଯଜ୍ଞ ମଣ୍ଡପରେ ଯଜ୍ଞ ଚାଲିବା ଏକ ନିଆରା ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଉଦଯାପନ ଦିବସରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲ। ଜୟ ଜଗନ୍ନାଥ ମହୋତ୍ସବର ଉଦଯାପନ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଧାୟକ ଅମର ପ୍ରସାଦ ଶତପଥୀ କହିଥିଲେ ଯେ, ଭକ୍ତ ଓ ଭଗବାନଙ୍କ ସମ୍ପର୍କ ଠାରୁ ମଜବୁତ ସମ୍ପର୍କ ଦୁନିଆରେ ଆଉ କିଛି ନଥାଇ ପାରେ। ଏହି ସମ୍ପର୍କକୁ କେବଳ ଅନୁଭବୀ ହିଁ ବୁଝିପାରେ। ଭକ୍ତି, ଶ୍ରଦ୍ଧା, ଆବେଗ, ମଣିଷ ପଣିଆ ଥିବା ମଣିଷଟିଏ ପାଖରେ ଏଭଳି ଅନୁଭବ ମିଳିବାର ଅମୃତ ସୁଯୋଗ ମିଳିଥାଏ। ଆମର ଧର୍ମ ଓ ସଂସ୍କୃତି ସର୍ବଦା ମଣିଷ ପଣିଆକୁ ଗୁରୁତ୍ୱ ଦେଇଛି। ମଣିଷ ପଣିଆର ଅଭାବ ଏବେ ସବୁଠାରୁ ବଡ ସଙ୍କଟ ହୋଇପଡିଛି। ଏଥିରେ ବିଶିଷ୍ଟ ଭଜନ ଗାୟକ ସୁବାଷ ଦାଶ, ଗୁରୁ ନୀରଞ୍ଜନ ରାଉତ, ଉଦଘୋଷକ ଶ୍ରୀନିବାସ ଖଟୁଆରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ତୋଷ ବିଶ୍ୱାଳ ମହୋତ୍ସବ ପରିଚାଳନା କରିଥିଲେ।

# ଗଛକୁ ପିଟିଲା ବାଇକ ଦୁଇ ମୃତ ଜଣେ ଗୁରୁତର

କନ୍ଧମାଳ,୨୧।୨ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ଅଂଚଳର ବାଟାଗୁଡା ଠାରେ ଗୋଟିଏ ବାଇକ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଗୋଟିଏ ଗଛରେ ପଟି ହୋଇ ଦୁର୍ଘଟଣା ଗ୍ରସ୍ତ ହେବାରୁ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ଭାବରେ ଆହତ ହୋଇଛି । ସୂଚନା ଅନୁସାରେ ଆଜି ସକାଳେ ବାଲିଗୁଡା ୫୯ ନମ୍ବର ରାଜ ପଥ ବାଟାଗୁଡା ନିକଟରେ ଗୋଟିଏ ମୋଟରସାଇକଲ ଭାରସାମ୍ୟ ହରାଇ ଗଛରେ ପିଟି ହେବାଫଳରେ ସେଥିରେ ଥିବା ୩ ଜଣ ଆରୋହୀଙ୍କ ମଧ୍ୟରୁ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଆଉ ଜଣେ ଗୁରୁତର ଭାବରେ ଆହତ ହୋଇ ଥିଲା । ଘଟଣା ସ୍ଥାଳରେ ୧୦୮ ଆମ୍ବୁଲାନ୍ସ ପହଂଚି ସମସ୍ତଙ୍କୁ ବାଲିଗୁଡା ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ତୁମୁଡିବନ୍ଧ ବ୍ଲକ ଅନ୍ତର୍ଗତ କୁର୍ତମଗଡର ଦାନୁଙ୍ଗିଆ ଗ୍ରାମର ବିରିୟ ମାଝୀ ବୋଲି ଜଣାପଡିଥିବାବେଳେ ଅନ୍ୟ ଜଣଙ୍କର ପରିଚୟ ମିଳି ନାହିଁ । ସେମାନେ ଏହି ବାଇକରେ ଦାନୁଙ୍ଗିଆ ଗ୍ରାମରୁ ଏହି ବାଇକରେ ଆସୁଥିବାବେଳେ ବାଟାଗୁଡା ଠାରତେ ଏହି ଦୁର୍ଘଟଣା ଘଟିଥିଲା । ବାଲିଗୁଡା ଥାନା ପୋଲିସ ଘଟଣା ସ୍ଥଳରେ ପହଂଚି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଏକ ମାମଲା ରୁଜ୍ଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡିଛି ।

# ଧାନମଣ୍ଡିରେ ଅବ୍ୟବସ୍ଥା: ୨୬ରେ ଜିଲ୍ଲା କାର୍ଯ୍ୟାଳୟ ଘେରିବ ବିଜେପି କୃଷକ ମୋର୍ଚ୍ଚା

କେନ୍ଦ୍ରାପଡ଼ା,୨୧।୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଧାନମଣ୍ଡି ପରିଚାଳନା ରେ ରାଜ୍ୟ ସରକାର ସଂପୂର୍ଣ୍ଣର୍ଷ ବିଫଳ ହୋଇଛନ୍ତି । ଦୀର୍ଘ ୧ମାସ ଧରି ମଣ୍ଡି ଗୁଡିକ ଖୋଲିବା ପାଇଁ ସରକାର ନିୟମ କରିଥିବା ବେଳେ ବ୍ୟାପକ ଅବ୍ୟବସ୍ଥା ଥାଇ ବର୍ତମାନ ସୁଦ୍ଧା ମାତ୍ର ୪୦ ପ୍ରତିଶତ ଚାଷୀ ମାନଙ୍କର ଧାନକ୍ରୟ ହୋଇଥିବା ବେଳେ ୬୦ ପ୍ରତିଶତ ଚାଷୀଙ୍କ ଧାନ ମାସାଧିକ କାଳ ମଣ୍ଡି ବାହାରେ ପଡି ରହିଛି । ଟୋକନର ଅବଧି ଶେଷ ହୋଇ ଯାଉଥିବା ବେଳେ ମିଲର ମାନେ ଟୋକନ ପାଇଥିବା ଚାଷୀଙ୍କ ଧାନ ସଂଗ୍ରହ ନକରିବା ଓ ଆଉ ଟାର୍ଗେଟ୍ ନାହିଁ ବୋଲି ପ୍ରଶାସନ କହିବା ଦ୍ୱାରା ଚାଷୀ ନିଜର ବର୍ଷଭରି ପରିଶ୍ରମର ଫଳ ମିଳିବା ଆଶଙ୍କାରେ ଚିନ୍ତାରେ ହାତବାନ୍ଧି ବସିଛି । ଭାରତୀୟ ଜନତା ପାର୍ଟି କୃଷକ ମୋର୍ଚ୍ଚା ତରଫରୁ ଅସନ୍ତା ୨୬ ତାରିଖ କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସଭାପତି ରଞ୍ଜିତ କୁମାର ଆଚାର୍ଯ୍ୟ ସୂଚନା ଦେଇଛନ୍ତି । ଦୁହୁରିଆ ସ୍ଥିତ ବିଜେପି ଜିଲ୍ଲା କାର୍ଯ୍ୟାଳୟ ରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତ, ନଗର ସଭାପତି ଦିଲିପ ଦାସ ପ୍ରମୁଖ ଯୋଗ ଦେଇଥିଲେ । ଏହି ବୈଠକରେ ଜିଲ୍ଲାର ସମସ୍ତ କୃଷକ ନେତା ଉପସ୍ଥିତ ଥିଲେ ।

# ନୈସର୍ଗିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ 'ଟାଙ୍ଗଲାଙ୍ଗ୍'



ଯଦି ଆପଣ ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ଐତିହାସିକ ଜାଗା ଭ୍ରମଣ କରିବାକୁ ଚାହୁଁଛନ୍ତି, ତା ହେଲେ ଅରୁଣାଚଳପ୍ରଦେଶସ୍ଥିତ 'ଟାଙ୍ଗଲାଙ୍ଗ' ପ୍ରକୃଷ୍ଟ ସ୍ଥାନ। ପ୍ରକୃତି କୋଳରେ ବସିଥିବା ଏହି ଗାଁ ନୈସର୍ଗିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ। ଏଠାକୁ ଥରେ ବୁଲି ଆସିଲେ, ପାହାଡ, ଘଞ୍ଚ ଜଙ୍ଗଲ ମଧ୍ୟରେ ମାଇଲି ମାଇଲି ଦୂର ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥବା ପର୍ବତ ଶୃଙ୍ଖଳାକୁ ଦେଖି ଆପଣ ସବୁ ଚିନ୍ତା ଭୁଲିଯିବେ।

କ'ଣ ଦେଖିବେ: ଦ୍ୱିତୀୟ ବିଶ୍ୱଯୁଦ୍ଧରେ ପ୍ରାଣ ହରାଇଥିବା ସୈନିକମାନଙ୍କର ଏଠାରେ କବରସ୍ଥାନ ରହିଛି। ଯାହାକି 'ଜୟରାମପୁର କବରସ୍ଥାନ' ନାମରେ ପରିଚିତ। ଏଠାରେ ପହଞ୍ଚି ଆପଣ ଉକ୍ତ ଯୁଦ୍ଧର ବିଭୀଷିକାକୁ ମଧ୍ୟ ହୃଦୟଙ୍ଗମ କରିପାରିବେ।



ଟାଙ୍ଗଲାଙ୍ଗରେ ଏକ ନ୍ୟାସନାଲ ପାର୍କ ରହିଛି। ଯେଉଁଠାରେ ଆପଣ ବାଘଠୁ ଆରମ୍ଭ କରି ହିମାଳୟ ଭାଲୁ. ବିଭିନ୍ନ ପ୍ରଜାତିର ଜୀବଜନ୍ତୁ, ଭଳିକି ଭଳି ବୃକ୍ଷରାଜି ମଧ୍ୟ ଦେଖି ପାରିବେ। ଏଠାରେ ଥିବା ନୋଆ-ଦେହିଙ୍ଗ ନଦୀ କୂଳରେ ତିବତଙ୍କ ବସତି ରହିଛି। ତେଣୁ ଆପଣ ଏଠାକୁ ବୁଲି ଆସିଥିଲେ, ସେମାନଙ୍କଠାରୁ ଶୀତ ବସ୍ତ୍ର ନେବାକୁ ଭୁଲନ୍ତୁ ନାହିଁ।

ଟାଙ୍ଗଲାଙ୍ଗରେ ଥିବା ଏକ ହ୍ରଦର ନାଁ ' ଲେକ୍ ଅଫ୍ ନୋ ରିଟର୍ନ'। ଏଠାକୁ ଆସୁଥିବା ପର୍ଯ୍ୟଟକ ଏହି ହ୍ରଦ ବୁଲି ଯିବାକୁ ଭୁଲନ୍ତି ନାହିଁ। ଏହାର ନାମକରଣ ପଛରେ ରହିଛି ଏକ ବିଶେଷତ୍ୱ। କୁହାଯାଏ , ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏଠାରେ ଏକ ପ୍ଲେନ ଅବତରଣ କରୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଯାଇଥିଲା। ଫଳରେ ସେଥିରେ ଥିବା ସମସ୍ତ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ତେଣୁ ଏହି ହ୍ରଦର ଏପରି ନାମକରଣ ହୋଇଛି। ଏହାର ଅର୍ଥ ଏହା ଏପରି ଏକ ହ୍ରଦ ଯେଉଁଠିକି ଥରେ ଆସିଲେ କେହି ଫେରନ୍ତି ନାହିଁ।

### କିପରି ଯିବେ:

ଟାଙ୍ଗଲାଙ୍ଗରେ ପହଞ୍ଚିବାକୁ ଆପଣ ଆକାଶମାର୍ଗ, ରେଳପଥ କିମ୍ବା ସଡକ ପଥ ବାଛି ପାରିବେ। ଆପଣ ଦିଲ୍ଲୀରୁ ଏଠାକୁ ଯିବାକୁ ଚାହୁଁଥିଲେ ରେଳପଥରେ ୫୦ ଘଣ୍ଟା ଯାତ୍ରା କରିବାକୁ ପଡିବ। ଏହାର ନିକଟତମ ଏୟାରପୋର୍ଟ ହେଉଛି ଆସାମର ମୋହନବାଡି। ଏହା ଟାଙ୍ଗଲାଙ୍ଗଠାରୁ ୧୮୨ କି.ମି. ଦୂରରେ ସ୍ଥିତ। ଏଠାରୁ ଆପଣ ବସ୍ ଯୋଗେ ନଚେତ ଟ୍ୟାକ୍ସି ରିଜର୍ଭ କରି ଯାଇ ପାରିବେ। ଯଦି ଆପଣ ଟ୍ରେନରେ ଯିବାକୁ ଚାହିଁଛନ୍ତି ତା ହେଲେ ନିକଟତମ ରେଳଷ୍ଟେଶନ ହେଉଛି ଆସାମର ତିନସୁକିୟା। ଏହା ସହରଠାରୁ ପ୍ରାୟ ୧୪୧ କି.ମି ଦୂରରେ ସ୍ଥିତ। ଆପଣ ବସ୍‌ରେ ବି ଗନ୍ତବ୍ୟ ସ୍ଥଳକୁ ଯାଇ ପାରିବେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଆପଣ ବର୍ଷର ଯେକୌଣସି ସମୟରେ ଏଠାକୁ ଯାଇ ପ୍ରକୃତି କୋଳିରେ ନିଜକୁ ହଜାଇ ପାରିବେ।



## କେଉଁଠି ରହିବା ଉଚିତ ଘରର ପାଣି ଟାଙ୍କି

ଘର କରିବା ବେଳେ ପ୍ରାୟତଃ ସମସ୍ତେ ପାଣି ଟାଙ୍କି ଛାତ ଉପରେ ବନାଇଥା'ନ୍ତି। ହେଲେ ଅନେକ ଏହାକୁ ନିର୍ମାଣ କରିବା ବେଳେ ବାସ୍ତୁକୁ ଧ୍ୟାନ ଦେଇ ନଥା'ନ୍ତି। ତା'ହେଲେ ଆସନ୍ତୁ ଜାଣିବା ଘରର କେଉଁ ଦିଗରେ ପାଣି ଟାଙ୍କି ରହିବା ଉଚିତ ଓ କେଉଁଠି ରହିବା ଉଚିତ ନୁହେଁ।



◆ ଘରର ପାଣି ଟାଙ୍କି ଦକ୍ଷିଣ ଓ ଦକ୍ଷିଣ-ପଶ୍ଚିମ ଦିଗରେ ନିର୍ମାଣ କରନ୍ତୁ। ଏହାଦ୍ୱାରା ଘରର ସୁଖ ସମୃଦ୍ଧି ବଢ଼ିଥାଏ।

◆ ସେହିପରି ଘରର ପାଣି ଟାଙ୍କି ପଶ୍ଚିମ ଦିଗରେ ମଧ୍ୟ ନିର୍ମାଣ କରିପାରିବେ। ଏହାଦ୍ୱାରା ଶୁଭଫଳ ମିଳିଥାଏ। କାରଣ ପଶ୍ଚିମ ଦିଗ ବରୁଣ ଦେବତା ରହିଥା'ନ୍ତି । ବରୁଣ ଦେବତା ଜଳର ଦେବତା ଅଟନ୍ତି।

◆ ଘରର ଦକ୍ଷିଣ-ପୂର୍ବ ଦିଗରେ ପାଣି ଟାଙ୍କି ଦିଗରେ କରିବା ଉଚିତ ନୁହେଁ। ଏହାଦ୍ୱାରା ଧନହାନୀ ହୋଇଥାଏ। ଏହା ସହ ଦୁର୍ଘଟଣା ଘଟିଥାଏ।

◆ ଉତ୍ତର-ପଶ୍ଚିମ ଦିଗରେ ପାଣି ଟାଙ୍କି ନିର୍ମାଣ କରିବା ଉଚିତ ନୁହେଁ। ଯଦି ଏହି ଦିଗରେ ପାଣି ଟାଙ୍କି ନିର୍ମାଣ କରୁଛନ୍ତି, ତା'ହେଲେ ଟାଙ୍କିର ଆକାର ଛୋଟ କରନ୍ତୁ। ପାଣି ଟାଙ୍କିରେ ପ୍ଲାଷ୍ଟିକ ଢାଙ୍କୁଣୀ ଲଗାନ୍ତୁ ନାହିଁ ।

## ବାପା ନାଁ ମଧ୍ୟପ୍ରଦେଶ ପୁଅ ନାଁ ଭୋପାଲ୍



ରାଜ୍ୟ ଏବଂ ଜିଲ୍ଲାକୁ ନେଇ ପରିବାର ସଦସ୍ୟଙ୍କ ନାଁ। ବାପା ନାଁ ମଧ୍ୟପ୍ରଦେଶ ତ ପୁଅ ନାଁ ଭୋପାଲ୍। ଏମିତି କିଛି ନିଆରା ନାଁ ରଖି ଚର୍ଚ୍ଚାରେ ମଧ୍ୟପ୍ରଦେଶର ଭମାରା ଗାଁରେ ରହୁଥିବା ମଧ୍ୟପ୍ରଦେଶ ସିଂହ। ଧାର ଜିଲ୍ଲାର ଜନ୍ମିତ ମଧ୍ୟପ୍ରଦେଶ ସିଂହ ଝାବୁଆ ଚନ୍ଦ୍ରଶେଖର ଆଜାଦ ସରକାରୀ ମହାବିଦ୍ୟାୟଳୟରେ ଜଣେ ଗେଷ୍ଟ ଫ୍ୟାକଲ୍‌ଟି ଭାବେ କାମ କରନ୍ତି। ତାଙ୍କ କହିବା ଅନୁଯାୟୀ, ୯ ଭାଇ ଭଉଣୀଙ୍କ ମଧ୍ୟରେ ସେ ସବୁଠୁ ଛୋଟ ଥିଲେ। ବଡ଼ ଭାଇ ଭଉଣୀମାନେ ମିଶି ତାଙ୍କ ନାଁ ମଧ୍ୟପ୍ରଦେଶ ରଖିଥିଲେ। ମଧ୍ୟପ୍ରଦେଶଙ୍କ କହିବା ଅନୁଯାୟୀ, ସେ ଏମିତି ନାଁ ପାଇ ବେଶ୍ ଗର୍ବ ଅନୁଭବ କରନ୍ତି। ଯେହେତୁ ତାଙ୍କ ନାଁ ମଧ୍ୟପ୍ରଦେଶ ଥିଲା ତେଣୁ ସେ ତାଙ୍କ ପୁଅ ନାଁ ଭୋପାଲ୍ ରଖିବେ ବୋଲି ଚିନ୍ତା କରିଥିଲେ। ପୁଅ ଜନ୍ମହେବା ପରେ ସେ ତାଙ୍କର ନାଁ ଭୋପାଲ୍ ରଖିଛନ୍ତି। କଲେଜ୍‌ର ଜଣେ ସହପାଠିନୀଙ୍କ ସହ ମଧ୍ୟପ୍ରଦେଶ ପ୍ରେମ ବିବାହ କରିଛନ୍ତି। ତାଙ୍କ ପତ୍ନୀଙ୍କ କହିବା ଅନୁଯାୟୀ, ପ୍ରଥମେ ମଧ୍ୟପ୍ରଦେଶଙ୍କ ନାଁ ଶୁଣି ତାଙ୍କୁ ଟିକେ ଅଜବ ଲାଗୁଥିଲା ଧୀରେ ଧୀରେ ସେ ଏହି ନାଁକୁ ଭଲପାଇଗଲେ।

## ବିଲେଇ ରାସ୍ତା କାଟିଲେ ଶୁଭ !



ଅନେକ ସମୟରେ ଏମିତି ଦେଖିବାକୁ ମିଳେ ଯେ, ରାସ୍ତାରେ ଯିବା ସମୟରେ ଅନେକ ଥର ବିଲେଇ ରାସ୍ତା କାଟିଥାଏ। ବିଲେଇ ରାସ୍ତା କାଟିବା ଅନେକ ଲୋକ ଅଶୁଭ ମାନି ସେହି ରାସ୍ତାରେ ନ ଯାଇ ଫେରି ଆସନ୍ତି କିମ୍ବା ବାଟ ବଦଳାଇ ଦିଅନ୍ତି। ଏମିତି ବି ଦେଖିବାକୁ ମିଳେ ବିଲେଇ ରାସ୍ତା କାଟିବା ଦ୍ୱାରା ଲୋକମାନେ କିଛି ସମୟ ପାଇଁ ରହିଯାଆନ୍ତି। କୁହାଯାଏ ବିଲେଇ ରାସ୍ତା କାଟିବା ଦ୍ୱାରା ଯେଉଁ କାମ କରିବାକୁ ଯାଉଥିବେ ସେ କାମ ପୂରା ହୋଇ ନ ଥାଏ ବା ଅଶୁଭ ହୋଇଥାଏ। କିନ୍ତୁ ସେମିତି ନୁହେଁ । ସବୁବେଳେ ଏହା ଅଶୁଭ ହୋଇ ନ ଥାଏ। ତେବେ ବିଲେଇ ରାସ୍ତା କଟିବା କେଉଁ ପରିସ୍ଥିତିରେ ଅଶୁଭ ମନା ଯାଏ ଆସନ୍ତୁ ଜାଣିବା। ଶାସ୍ତ୍ରରେ ବିଲେଇକୁ ନକରାତ୍ମକ ଉର୍ଜାର ପ୍ରତୀକ ବୋଲି କୁହାଯାଇଛି। ଏଣୁ ଯୁଆଡେ ବିଲେଇ ଯାଏ ସେଠାକାର ନକରାତ୍ମକ ଉର୍ଜା ନଷ୍ଟ ହୋଇଯାଇଥାଏ। ବିଲେଇ ସହ ବାସ୍ତୁର ମଧ୍ୟ ସମ୍ବନ୍ଧ ଅଛି। ଏହାଛଡ଼ା ଧଳା ବିଲେଇଠୁ କଳା ବିଲେଇକୁ ଅଧିକ ଅଶୁଭ ମନାଯାଏ। କୁହାଯାଏ କଳା ବିଲେଇ ରାସ୍ତା କାଟିଲେ ସତେବେଳେ ଅଶୁଭ ହୋଇଥାଏ, ଯେତେବେଳେ ବାଁ ପଟରୁ ରାସ୍ତା କାଟି ସେ ଡାହାଣକୁ ଯାଉଥାଏ। ଅନ୍ୟ ପରିସ୍ଥିତିରେ ବିଲେଇର ରାସ୍ତା କାଟିବା ଶୁଭ ବୋଲି କୁହାଯାଇପାରେ। ଯେତେବେଳେ ବିଲେଇ ରସ୍ତା କାଟି ଅନ୍ୟ ପଟକୁ ଚାଲିଆସିଥାଏ ସେତେବେଳେ ସେମାନେ ତାଙ୍କ ପଛରେ ନକରାତ୍ମକ ଉର୍ଜା ଛାଡ଼ି ଦେଇଯାଆନ୍ତି। ଯେତେବେଳେ ଘରେ ବିଲେଇର କାନ୍ଦିବାର ଶବ୍ଦ ଶୁଭେ କିମ୍ବା ସେମାନଙ୍କର ଝଗଡ଼ା କରିବାର ଶବ୍ଦ ଶୁଭେ ଏହାକୁ ଅଶୁଭ ବୋଲି ମନାଯାଏ। ମାନ୍ୟତା ଅନୁଯାୟୀ ଏମିତି ହେଲେ ଘରର ସଦସ୍ୟମାନଙ୍କ ଅଶୁଭ ହୋଇଥାଏ।

## ସାତଟି କାରଣ ପାଇଁ ହୋଇଥାଏ ଡାର୍କ ସର୍କଲ୍ ?

ସାଧାରଣତଃ ଆଖିତଳ ତ୍ୱଚା କୋମଳ ହୋଇଥିବାରୁ କିଛି ଲୋକଙ୍କର ଏଥିରେ କଳାଦାଗ ବା ଡାର୍କ ସର୍କଲ ସମସ୍ୟା ଦେଖାଦେଇଥାଏ। ତେଣୁ ଡାର୍କ ସର୍କଲରୁ ରକ୍ଷା ପାଇବା ପାଇଁ ଆପଣ ବଜାରରେ ଉପଲବ୍ଧ ହେଉଥିବା ବିଭିନ୍ନ କ୍ରୀମ୍, ଘରୋଇ ଉପଚାର ଓ ଅଣ୍ଡର ଆଇ କ୍ରୀମ୍ ବ୍ୟବହାର କରିଥା'ନ୍ତି। ଏଥିପାଇଁ ବିଭିନ୍ନ ପ୍ରକାର ମେଡିସିନ୍ ନଖାଇ ପ୍ରଥମେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ଡାର୍କ ସର୍କଲ ହେବାର ମୂଳ କାରଣ ଜାଣିବା ନିହାତି ଆବଶ୍ୟକ। ତା'ହେଲେ ଆସନ୍ତୁ ଜାଣିବା ଏହି ଡାର୍କ ସର୍କଲ କାହିଁକି ହୋଇଥାଏ ଏବଂ ଏଥିରୁ ରକ୍ଷା ପାଇବା ପାଇଁ କେଉଁସବୁ ଉପାୟ ଆପଣାଇବା ଉଚିତ।

⇨ ବୟସ ବଢ଼ିବା ସହିତ ଆଖିତଳର ଚର୍ମ କଳା ପଡ଼ିବାକୁ ଲାଗିଥାଏ। ଏଥିପାଇଁ ନିୟମିତ ଭାବରେ ଭଲ ସନସ୍କ୍ରିନ୍ ଲୋଶନ ବ୍ୟବହାର କରନ୍ତୁ।

⇨ ପୋଷଣ ଅଭାବରୁ ମଧ୍ୟ ଡାର୍କ ସର୍କଲ ହୋଇଥାଏ। ଶରୀରରେ ଆଇରନ୍‌ର ଅଭାବ ଥିଲେ ଏହାର ଯାଞ୍ଚ କରନ୍ତୁ ଏବଂ ଆଇରନଯୁକ୍ତ ଖାଦ୍ୟ ଖାଆନ୍ତୁ। ଡିହାଇଡ୍ରେସନ କାରଣରୁ ମଧ୍ୟ ଡାର୍କ ସର୍କଲ୍ ସମସ୍ୟା ଦେଖାଦେଇଥାଏ।

⇨ ଥାଇରଏଡ୍ ସମସ୍ୟା ଥିଲେ ଆଖିତଳେ କଳାଦାଗ ଦେଖାଦେଇଥାଏ। ଏଥିପାଇଁ ଉଚିତ ସମୟରେ ଏହାର ଚିକିତ୍ସା କରାଇନିଅନ୍ତୁ।

⇨ ଆଲର୍ଜି ବା ଔଷଧ ଯୋଗୁଁ ମଧ୍ୟ ଡାର୍କ ସର୍କଲ ହୋଇଥାଏ। ଉଚ୍ଚ ରକ୍ତଚାପ, ମଧୁମେହ ଓ ହାର୍ଟ ରୋଗୀ ଅଧିକ ମାତ୍ରାରେ ମେଡିସିନ୍ ଖାଇଥା'ନ୍ତି। ଡାର୍କ ସର୍କଲ ଏହାର ସାଇଡ୍ ଇଫେକ୍ଟ ଭାବରେ ଦେଖାଦେଇଥାଏ।

⇨ ଡାର୍କ ସର୍କଲକୁ ଭଲ କରିବା ପାଇଁ ଓଜନ କମାଇବା ପାଇଁ ଚେଷ୍ଟା କରନ୍ତୁ ନାହିଁ। ଏଥିପାଇଁ ପୋଷ୍ଟିକ ଖାଦ୍ୟ ଖାଆନ୍ତୁ ଏବଂ ସ୍ୱାସ୍ଥ୍ୟ ସହିତ ତ୍ୱଚାର ଯତ୍ନ ନିଅନ୍ତୁ।

⇨ ନିଦ ନହେବା ଯୋଗୁଁ ଆଖିତଳେ ଡାର୍କ ସର୍କଲ



ଦେଖାଦେଇଥାଏ। ତେଣୁ ଆବଶ୍ୟକ ପରିମାଣରେ ଶୋଇବା ପାଇଁ ଚେଷ୍ଟା କରନ୍ତୁ।

⇨ ମେକଅପ୍‌ରେ ଅଧିକ ମାତ୍ରାରେ ହାଇଲାଇଟର୍ ବ୍ୟବହାର କରିବା ଯୋଗୁଁ ମଧ୍ୟ କଳାଦାଗ ସମସ୍ୟା ସୃଷ୍ଟି ହୋଇଥାଏ। ତେଣୁ ଆବଶ୍ୟକସ୍ଥଳେ ହାଲ୍କା ମେକଅପ୍ ଓ କେମିକାଲ୍ କମ୍ ବ୍ୟବହାର କରନ୍ତୁ।

## କେଶରେ ଚିନିର ପ୍ରୟୋଗ

ଘନ କେଶ ପ୍ରତି ପ୍ରତ୍ୟେକ ଯୁବତୀ ତଥା ମହିଳାଙ୍କ ଅହେତୁକ ଦୁର୍ବଳତା ରହିଛି । ସୁନ୍ଦର କେଶ ନିମନ୍ତେ ବିଭିନ୍ନ ପ୍ରକାର ଘରୋଇ ଉପଚାର କରିବା ଉଚିତ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତ। ବଜାରରେ ଉପଲବ୍ଧ ଅର୍ଗାନିକ୍ ଶାମ୍ପୁ ନଚେତ ଘରୋଇ ଉପାୟରେ ତିଆରି ଶ୍ୟାମ୍ପୁର ପ୍ରୟୋଗ କେଶରେ କରିବା ଉଚିତ । ତେବେ ଆମ ରୋଷେଇଘରେ ବ୍ୟବହୃତ ହେଉଥିବା ଚିନିକୁ ମଧ୍ୟ କେଶ ଚର୍ଚ୍ଚାରେ ପ୍ରୟୋଗ କରିହେବ । ମେହେନ୍ଦୀ ପ୍ୟାକରେ ଅଧ ଚାମଚ ଚିନି ଗୁଣ୍ଡର ପ୍ରୟୋଗ କରି ତାହାକୁ କେଶରେ ଲଗାଇବେ । କେଶର ଘନତ୍ୱ ବଢ଼ିଥାଏ । କେଶରେ ଶ୍ୟାମ୍ପୁ କଲାବେଳେ ଶ୍ୟାମ୍ପୁ କେଶରେ ଲଗାଇବା ପୂର୍ବରୁ ଗୁଣ୍ଡ ଚିନି ଚିମୁଟାଏ ଶ୍ୟାମ୍ପୁରେ ମିଶାଇ କେଶ ସଫା କରନ୍ତୁ । ନିଜେ ହିଁ ଫରକ ଜାଣିପାରିବେ । ତେବେ ହର୍ବାଲ ଶ୍ୟାମ୍ପୁ ଏଥିପାଇଁ ବ୍ୟବହାର କରିବା ଉଚିତ । ଖରାଦିନରେ କେଶରେ ଅଧିକ ଧୂଳି ଜମିବା ସହ ଝାଳ ମଧ୍ୟ ହୋଇଥାଏ । ତେବେ ଏଥିରୁ ରକ୍ଷା ପାଇବା ପାଇଁ ନିଜ ଶ୍ୟାମ୍ପୁରେ ଗୁଣ୍ଡ ଚିନିର ବ୍ୟବହାର କରନ୍ତୁ।

## ହର୍ବାଲ୍ ଉପାୟରେ କେଶକୁ କରନ୍ତୁ ଷ୍ଟ୍ରେଟ୍

*ଷ୍ଟ୍ରେଟ୍ ହେୟାର୍ ସବୁ ପ୍ରକାର ଆଉଟ୍‌ଫିଟ୍‌ରେ ସୁଟ୍ କରିଥାଏ। ଏଥିପାଇଁ ଅଧିକାଂଶ ଝିଅ ହେୟର ଷ୍ଟ୍ରଟ୍‌ନିଙ୍ଗ କରିବା ପାଇଁ ପାର୍ଲର ଯିବାକୁ ପସନ୍ଦ କରିଥା'ନ୍ତି। ପାର୍ଲରରେ ଆପଣଙ୍କ କେଶରେ କେମିକାଲ୍ ଓ ହିଟ୍ ପ୍ରୟୋଗ କରାଯାଇଥାଏ। ତେବେ ଆପଣ ଚାହିଁଲେ ଘରେ ହର୍ବାଲ୍ ଉପାୟରେ କେଶକୁ ସିଧା କରିପାରିବେ। ଏସବୁ କରିବା ପାଇଁ କେଶରେ କେମିକାଲ୍ କିମ୍ବା ହିଟ୍‌ର ଆବଶ୍ୟକତା ପଡ଼ିନଥାଏ। ଆସନ୍ତୁ ଜାଣିବା ହର୍ବାଲ୍ ଉପାୟରେ ଘରେ କିପରି ହେୟାର ଷ୍ଟ୍ରେଟ୍ କରାଯାଇପାରିବ।*

■ କିଛି ଦିନ ପର୍ଯ୍ୟନ୍ତ କେଶରେ ଗରମ ତେଲ ଲଗାଇଲେ, କେଶ ସିଧା ହେବାକୁ ଲାଗିଥାଏ। ଯଦି ଆପଣ ନଡ଼ିଆ, ବାଦାମ କିମ୍ବା ଅଲିଭ୍ ତେଲ ବ୍ୟବହାର କରୁଛନ୍ତି, ତେବେ ଅଧିକ ଫାଇଦା ପାଇପାରିବେ। ପ୍ରଥମେ ତେଲକୁ ହାଲ୍‌କା ଗରମ କରନ୍ତୁ। ଏହାପରେ କେଶ ମୂଳରେ ୧୫ରୁ ୨୦ ମିନିଟ୍ ପର୍ଯ୍ୟନ୍ତ ତେଲକୁ ମାଲିସ କରନ୍ତୁ। ୩୦ ମିନିଟ୍ ପରେ କେଶକୁ ସାମ୍ପୁ କରି କୁଣ୍ଡାଇ ଦିଅନ୍ତୁ।

■ ସେହିପରି ମୁଲତାନି ମାଟିର ପେଷ୍ଟ କେଶରେ ଲଗାଇଲେ, କେଶ ପ୍ରାକୃତିକ ଉପାୟରେ ସିଧା ହୋଇଥାଏ। ପ୍ରଥମେ ମୁଲତାନି ମାଟିରେ ଅଣ୍ଡାର ଧଳାଅଂଶକୁ ମିଶାନ୍ତୁ। ଏଥିରେ ୧ ଚାମଚ ଚାଉଳ ଚୁନା ଓ ପାଣି ମିଶାଇ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ଏହି ମିଶ୍ରଣକୁ ସମ୍ପୂର୍ଣ୍ଣ କେଶରେ ଲଗାନ୍ତୁ। ଏହାପରେ ମୋଟା ଦାନ୍ତ ଥିବା ପାନିଆରେ କେଶକୁ କୁଣ୍ଡାଇ ଦିଅନ୍ତୁ। ୧ ଘଣ୍ଟା ପରେ କେଶକୁ ଧୋଇ ଦିଅନ୍ତୁ। କେଶ ଶୁଖିଯିବା ପରେ ଏଥିରେ କିଛି କ୍ଷୀର ସ୍ପ୍ରେ କରନ୍ତୁ। ୧୫ ମିନିଟ୍ ପରେ ପୁଣିଥରେ ଧୋଇ ଦିଅନ୍ତୁ। ମାସକୁ ଏପରି ଦୁଇରୁ ତିନିଥର କଲେ, ଦେଖିବେ ଆପଣଙ୍କ ହେୟାର୍ ଷ୍ଟ୍ରେଟ୍ ହୋଇଯିବ।

■ ନଡ଼ିଆ କ୍ଷୀର ଓ ଲେମ୍ବୁ ରସକୁ ଗୋଟିଏ ପାତ୍ରରେ ରଖି ଫ୍ରିଜରରେ କିଛି ଘଣ୍ଟା ରଖନ୍ତୁ। ଏହାପରେ କେଶରେ ଏହାର ମିଶ୍ରଣକୁ ଲଗାନ୍ତୁ। ୧୫ ରୁ ୨୦ ମିନିଟ୍ ପରେ କେଶକୁ ଷ୍ଟିମ୍ ଦିଅନ୍ତୁ। ଏହାପରେ କେଶକୁ ସାମ୍ପୁରେ ଧୋଇ ଦିଅନ୍ତୁ। ଦେଖିବେ କେଶରେ



ଚମକ ଆସିବା ସହିତ ଷ୍ଟ୍ରେଟ୍ ଲାଗିବ।

■ ୪ଟି ଚାମଚ ବେସନ,୪ ଚାମଚ ମୁଲତାନି ମାଟି ଓ ଅଧା କପ୍ ସିରକା ମିଶାଇ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ଏହାକୁ କେଶରେ ଲଗାନ୍ତୁ। ୧୦ରୁ ୧୫ ମିନିଟ୍ ପରେ କେଶକୁ ଧୋଇ ଦିଅନ୍ତୁ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଅଖାଦ୍ୟର ପସରା...

ଆମ ଦେଶ ଓ ରାଜ୍ୟରେ କିଛିବର୍ଷ ଧରି ଭେଜାଲ୍ ସାମଗ୍ରୀ ଉତ୍ପାଦନ ଖୁବ୍ ଜୋରରେ ଚାଲିଛି । ତାହାକୁ ନିୟନ୍ତ୍ରଣ କରିବା ଓ ଅପମିଶ୍ରଣକାରୀମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଜରୁରି ଥିଲେ ହେଁ କୌଣସି ନା କୌଣସି କାରଣରୁ ତାହା ଶତ ପ୍ରତିଶତ ସମ୍ଭବ ହେଉନାହିଁ । ଖାଦ୍ୟ ତଥା ଖାଦ୍ୟପଯୋଗୀ ସାମଗ୍ରୀର ଭେଜାଲ ପ୍ରସ୍ତୁତି ଓ ବିପଣନ ପାଇଁ ଖାଉଟି କିଭଳି କ୍ଷତିଗ୍ରସ୍ତ ହେଉଛନ୍ତି, ତାହାର ତଥ୍ୟ-ପ୍ରମାଣ ଖୋଜାଯିବା ଦରକାର ନାହିଁ । ଶସ୍ତା ଓ ଭେଜାଲ ସାମଗ୍ରୀ ପ୍ରସ୍ତୁତି ପାଇଁ ଗୋଟେ ଅଧେ ନୁହେଁ, ଶହ ଶହ କାରଖାନା ଦିନରାତି କାର୍ଯ୍ୟ କରୁଛନ୍ତି । କେଉଁଠି ହଳଦୀଗୁଣ୍ଡ ପାଇଁ କରତକଳରୁ ଚିକ୍କଣ କାଠଗୁଣ୍ଡ, ଲଙ୍କାମରିଚ ମସଲା ନାମରେ କଲେଇକରା ପାଉଡର, ଭଜା ଚାକୁଣ୍ଡା ପତ୍ରକୁ ଚୂର୍ଣ୍ଣ କରି ନାମୀ କମ୍ପାନୀ ବ୍ରାଣ୍ଡ ଚା' ଗୁଣ୍ଡ ପ୍ୟାକେଟ୍ କରାଯାଇ ବଜାରକୁ ଛଡ଼ାଯିବାର ପ୍ରକ୍ରିୟା ଅଦ୍ୟାପି ଚାଲୁରହିଛି । କେଇମାସ ହେଲା ପୁଲିସ ଓ ଯୋଗାଣ ବିଭାଗ ସ୍କ୍ୱାର୍ଡ଼ ଚଢ଼ାଉ କରି ଗୋଦାମଗୁଡ଼ିକରୁ ବିଭିନ୍ନ ରଙ୍ଗ ସରଂଜାମ ଓ ଭେଜାଲ ପ୍ରସ୍ତୁତି ପାଇଁ କଂଚାମାଲ ଜବତ କରୁଥିବାର ଦେଖାଯାଉଛି । ତାହା ହେଉଥିବା ବ୍ୟାପକ ଅପମିଶ୍ରଣର ମାତ୍ର କିଛି ଅଂଶ ବୋଲି କୁହାଯାଇପାରେ । କଟକର ଜଗତପୁର ଶିଳ୍ପାଂଚଳ, ମାଲଗୋଦାମ ହେଉ କି' ଭୁବନେଶ୍ୱର ଶିଳ୍ପାଂଚଳଠାରୁ ଆରମ୍ଭ କରି ରାଜ୍ୟର ବିଭିନ୍ନ ସହର ଓ ଗ୍ରାମାଂଚଳରେ ବେଧଡ଼କ ଚାଲିଛି ଅପମିଶ୍ରଣ କାରବାର । ଜଗତପୁର ଅଂଚଳର ନକଲି ସସ୍ କାରଖାନା, ମୃଦୁ ପାନୀୟ କାରଖାନା, ଭେଜାଲ ଘିଅ କାରଖାନାରୁ ଜବତ ହୋଇଥିବା ମାଲ ଓ କଂଚାମାଲ ଗୋଦାମ ଦେଖାଗଲେ ଜାଣିହେଉଛି କି, ନକଲି କାରବାରର ଚେର କେତେଦୂର ଲମ୍ବିଛି । ରାଜ୍ୟ ତଥା ରାଜ୍ୟ ବାହାର ର୍ୟାକେଟ୍ ଏହି ଅପମିଶ୍ରଣ କାରବାର ସହ ନକଲି ସାମଗ୍ରୀର ବିକ୍ରିବଟାରେ ସକ୍ରିୟ ଅଂଶଗ୍ରହଣ କରିଥାନ୍ତି । ଖାଉଟିମାନଙ୍କ ବିଶ୍ୱାସରେ ବିଷ ଭରିଦେଉଥିବା କୁଚକ୍ରୀମାନଙ୍କ ବିରୋଧରେ କଠୋରରୁ ଅଧିକ କଠୋର ଶାସ୍ତିବିଧାନ କରାଯିବା ଦରକାର । ପ୍ରଚଳିତ ଆଇନ୍ ଯେହେତୁ ଦନ୍ତବିହୀନ ହୋଇସାରିଛି; ତେଣୁ କଳାବଜାରୀ ଓ ମୁନାଫାଖୋରମାନେ ସେମାନଙ୍କ କଳା କାରନାମା ଚଳାଇ ରଖିଛନ୍ତି । ଏକେ ତ କାନୁନ୍ ଦୁର୍ବଳ ସ୍ଥିତିରେ ରହିଛି, ଦ୍ୱିତୀୟରେ ସେହି ଦୁର୍ବଳ ଆଇନର କାର୍ଯ୍ୟକାରିତା ନେଇ ଅଧିକାରୀମାନଙ୍କ ବେପରୁଆ କାରବାର ଅବସ୍ଥାକୁ ବେଶୀ ବିଗାଡ଼ି ଦେଉଛି । ତାହାବାଦ୍ କେତେକ ଅସାଧୁ କର୍ମଚାରୀ ଓ ମୁନାଫାଖୋର କଳାବଜାରୀଙ୍କ ଭିତରେ ଯେଉଁ ଅଲିଖିତ ସହଯୋଗ ଚୁକ୍ତି ରହିଛି, ତାହାର ନଗଦ ବିଷମୟ ପରିଣତିର ଶିକାର ହେଉଛନ୍ତି ଖାଉଟିମାନେ । ରାଜ୍ୟ ତଥା ରାଜ୍ୟ ବାହାରର ଚତୁର ଶ୍ରମିକ ଓ କର୍ମଚାରୀ ଗୋଦାମରେ ଭେଜାଲ ଘିଅ, ମୃଦୁପାନୀୟ ପ୍ରସ୍ତୁତ କରି ବଜାରକୁ ଛଡ଼ାଯିବା ଶୃଙ୍ଖଳକୁ ଦୃଢ଼ କରିଦେଉଥିବାରୁ ସାଧାରଣ ଖାଉଟି ସେହି ବିଷଚକ୍ରକୁ ଭେଦ କରିବାରେ ଅକ୍ଷମ । ବିଷାକ୍ତ ଖାଦ୍ୟ ବିକ୍ରିବଟା ରୋକାଯିବା ସକାଶେ ଆଇନ ଥିଲେ ସୁଦ୍ଧା ତାହାର କାର୍ଯ୍ୟକାରିତାରେ ଢ଼ିଲା ନୀତି ଲାଗି ରହିଛି । ପୁଲିସ, ଅବକାରୀ କର୍ମଚାରୀ ଓ ଯୋଗାଣ ଅଧିକାରୀମାନେ ଥରେଅଧେ ଯେଉଁ ଚଢ଼ାଉ କରୁଛନ୍ତି, ତାହା ଧର୍ମକୁ ଆଖିଠାର ମାରିବା ଭଳି । ତେଣୁ ଖାଉଟିମାନଙ୍କ ନିରୀହତାର ସୁଯୋଗ ନେଇ ସମାଜବିରୋଧୀ ତତ୍ତ୍ୱମାନେ ଫାଇଦା ମାରିବାରେ ଲାଗିଛନ୍ତି । ବିଷାକ୍ତ କିମ୍ବା ଅପମିଶ୍ରିତ ସାମଗ୍ରୀର ବ୍ୟବହାର ଲାଗି ଲୋକମାନେ, ବିଶେଷକରି ଶିଶୁ ଓ ମହିଳାମାନେ ରୁଗ୍ଣତାର ଶିକାର ହେଉଛନ୍ତି । ଶିଶୁ ଖାଦ୍ୟ ଓ ଗୁଣ୍ଡ ଦୁଗ୍ଧରେ ବ୍ୟାପକ ଭେଜାଲ କାରବାର ହେଉଥିବା ପରିଲକ୍ଷିତ ହେଉଛି । ଯଦି ଏଭଳି ଚାଲୁରହେ, ତାହାର ନଗଦ ଓ ଦୀର୍ଘମିଆଦି ଖରାପ ପରିଣତି କେତେ ଭୟାବହ ହୋଇପାରେ ତାହା କଳ୍ପନାର ବାହାରେ । ଏହି ବିଷଚକ୍ରକୁ କଠୋର ଆଇନ ଦ୍ୱାରା ଭାଙ୍ଗିବା ଯେତିକି ଜରୁରି, ତାହାଠାରୁ ଅଧିକ ଆଇନ ଖିଲାପକାରୀମାନଙ୍କ ବିରୋଧରେ ଶକ୍ତ କାର୍ଯ୍ୟାନୁଷ୍ଠାନ ମଧ୍ୟ ସେତିକି ଜରୁରି । ଏବେ ରାଜ୍ୟ ବିଧାନସଭାର ଅଧିବେଶନ ବସିଛି । ରାଜ୍ୟରେ ବେଧଡ଼କ ଅପମିଶ୍ରଣ ଚଳାଉଥିବା ବ୍ୟକ୍ତି ଓ ଅନୁଷ୍ଠାନ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ସକାଶେ ଆବଶ୍ୟକ ହେଲେ ପ୍ରଚଳିତ କାନୁନ୍‌ରେ କଡ଼ା ପ୍ରାବଧାନ କରାଯାଇ ସାଧାରଣ ଜନତାଙ୍କ ଖାଦ୍ୟ ସୁରକ୍ଷାକୁ ବିପର୍ଯ୍ୟୟ ମୁଖରୁ ରକ୍ଷା କରାଯିବା ଜରୁରି । ଏ ଦିଗରେ ଜନପ୍ରତିନିଧି ଓ ଗଣମାଧ୍ୟମର ଗୁରୁଦାୟିତ୍ୱ ରହିଛି ।

## !! ଷଡ଼ଯନ୍ତ୍ର !!

**ପଙ୍କଜ କୁମାର ପାଣିଗ୍ରାହୀ**

ସାଧାରଣ ମଣିଷର ଜ୍ଞାନ, ଭାବ ବହିର୍ଭୁତ ବିଷୟକୁ ନେଇ ରଚିତ, ଗଠିତ ନାଟକୀୟ ବର୍ଣ୍ଣନା ଓ ତଦ୍‌ଜନିତ ପ୍ରତାରଣାର ଯଦି ସହଜରେ ଅନ୍ଦାଜ ମଧ କରିହୁଏ ତା'କୁ ଷଡ଼ଯନ୍ତ୍ର କୁହାଯିବ କେମିତି ?

ତେଣୁ ଷଡ଼ଯନ୍ତ୍ର କରୁଥିବା ମଣିଷର କୂଟଚକ୍ରରୁ ନିଜକୁ ବ୍ୟାହତ ରଖିବା

ଏତେ ସହଜ ନୁହେଁ ବରଂ ସେଇଥିରେ ପଡି ପେଶିହେବା ସୁନିଶ୍ଚିତ !!

ଗୃହ ବିବାଦଜନିତ ଷଡ଼ଯନ୍ତ୍ର, ଗ୍ରାମ ବିବାଦରୁ ଷଡ଼ଯନ୍ତ୍ର, ରାଜନୈତିକ ଷଡ଼ଯନ୍ତ୍ର, ବ୍ୟବସାୟୀକ ଷଡ଼ଯନ୍ତ୍ର ତଥା ଆନ୍ତଃରାଷ୍ଟ୍ରୀୟ ଷଡ଼ଯନ୍ତ୍ର ଇତ୍ୟାଦି ବିଭିନ୍ନ ସମୟ, ପରିବେଶ, ପରିସ୍ଥିତି ଜନିତ କୌଣସି / କେତେକ କୁଟକ୍ରୀଙ୍କ ଷଡ଼ଯନ୍ତ୍ର ଯାହା ସାଧାରଣ ଲୋକଙ୍କ ଭାବବହିର୍ଭୁତ ବିଷୟ ହୋଇଥାଏ । ଅନେକ ସମୟରେ ଦେଖିବାକୁ ମିଳେ, ଷଡ଼ଯନ୍ତ୍ରକାରୀ ନିଜର କାର୍ଯ୍ୟଧାରାକୁ ଏମିତି ଢଙ୍ଗରେ ରଚନା / ବର୍ଣ୍ଣନା କରିଥା'ନ୍ତି ଯାହା ସାଧାରଣ ନିର୍ମାୟା ଲୋକଙ୍କ ପାଇଁ ପ୍ରତାରଣାପୂର୍ଣ୍ଣ ହୋଇଥିବାବେଳେ ସେମାନେ ତାହାର ବିପରୀତେ ଆନନ୍ଦ ଅନୁଭବ କରିଥା'ନ୍ତି । କାରଣ ଷଡ଼ଯନ୍ତ୍ରକୁ ଯଦି ସାଧାରଣ ଲୋକେ ବୁଝିପାରିଥା'ନ୍ତେ ତାହେଲେ ତାକୁ ଷଡ଼ଯନ୍ତ୍ର ବୋଲି କୁହାଯିବ କେମିତି ? ଅତଏବ ଷଡ଼ଯନ୍ତ୍ରକୁ ବୁଝିବା ଏତେ ସହଜ ନୁହେଁ ଯାହା ଆମେ କିଛି ନବୁଝି ମଧ ତାହାର ବିପରୀତେ ଆନନ୍ଦ ଅନୁଭବ କରୁଯେ ତାହା ଆମ ପାଇଁ ଗୁଣକାରୀ ବୋଲି ଆମ ମନ ମାନସରେ ଉତ୍ତୋଳିତ ହୋଇଥାଏ !

ସାଧାରଣତଃ ବ୍ୟକ୍ତିଗତ ସ୍ୱାର୍ଥ କିମ୍ବା ପ୍ରକୋପକୁ ଚରିତାର୍ଥ କରିବା ପାଇଁ ଆବଶ୍ୟକ ମୁତାବକ ପ୍ରଚେଷ୍ଟା ସହିତ ଷଡ଼ଯନ୍ତ୍ର କରାଯାଇଥାଏ । ଏହା ଗୋଟିଏ ସାଧାରଣ ପାରିବାରିକ ଗୃହରୁ ଆରମ୍ଭ କରି ଗ୍ରାମ ଠାରୁ ଦେଶ ତଥା ଅନ୍ତର୍ଜାତୀୟ ସ୍ତରରେ ଦେଖିବାକୁ ମିଳୁଥିବା ବେଳେ ବ୍ୟବସାୟିକ ଏବଂ ରାଜନୈତିକ ଷଡ଼ଯନ୍ତ୍ର ଅନ୍ୟତମ । ଷଡ଼ଯନ୍ତ୍ରକାରୀ ଏମିତି ମାର୍ଗରେ ଉପସ୍ଥାପନା କରିଥା'ନ୍ତି ଯାହା ସବୁବେଳେ ଆମର କୌଣସି ଲାଭ କିମ୍ବା ହିତ କର୍ଯ୍ୟ ଭଳି ଅନୁଭବ ହେଉଥାଏ । କିନ୍ତୁ ସେହି କଥା / ବିଷୟର ଅନ୍ତରାଳେ ଏତେଯେ ବିପର୍ଜନକ ବିଷଭରା ଭାବନା / ଉଦେଶ୍ୟ ରହିଥାଏ ତାହା ଆମର ଭାବ ବହିର୍ଭୁତ ହୋଇଥାଏ । ତେଣୁ ଆମେ ସେହି ଉପର ଚିକ୍କଣ କଥାରେ କିମ୍ବା ପ୍ରଲୋଭନରେ ବିଚଳିତ ହୋଇ କୌଣସି ତୁରନ୍ତ ଲାଭ ହାତେଇ ନେବାରେ ଏତେ ବ୍ୟଗ୍ରତା ପ୍ରଦର୍ଶନ କରିଥାଉ ଯାହା ସାଧାରଣରେ ଆମ ହିତାହିତ ଜ୍ଞାନକୁ କଳା କରିଦେଇ ପରବର୍ତ୍ତୀ ସମୟରେ କେତେଯେ ଅମାପ କ୍ଷତି ଘଟାଇଥାଏ ସେସବୁ ଆମକୁ ଅବୁଝା ଥାଏ ! କୌଣସି କାରଣରୁ ସେହି ତୁରନ୍ତ ଲାଭ ହାତେଇବାରେ ଅକ୍ଷମ ହୋଇ ଦୁଃଖରେ ମ୍ରିୟମାଣ ହେଉଥିବା ମଧ ଲକ୍ଷ କରାଯାଇଥାଏ ସାଧାରଣ ମଣିଷଙ୍କ କ୍ଷେତ୍ରରେ । ଏବଂ ସେହି ତୁରନ୍ତ ଲଭଜନିତ ଖୁସି ପରବର୍ତ୍ତୀ ଦୁଃଖର ଅନୁମାନ ହେଉନଥାଏ ସେତିକିବେଳେ । ଷଡ଼ଯନ୍ତ୍ରକାରୀଙ୍କ ଉଦେଶ୍ୟକୁ ଭଲଭାବେ ବୁଝି ପରଖି ସତ୍ୟାସତ୍ୟ ଜାଣିବା / ନିରୂପଣ କରିବା ସହଜ ହୋଇନଥିଲେ ମଧ ଅସମ୍ଭବ ନୁହେଁ ! କିନ୍ତୁ ସେସବୁ ବୁଝିବାକୁ ହେଲେ କୌଣସି ଶିକ୍ଷାଗତ ଯୋଗ୍ୟତା କିମ୍ବା ପ୍ରଶିକ୍ଷଣ ପ୍ରକ୍ରିୟା ଅପେକ୍ଷା ନିଜସ୍ୱ ଅନ୍ତର୍ଜ୍ଞାନର ଆବଶ୍ୟକତା ଯଥେଷ୍ଟ ଅଧିକ ହୋଇଥାଏ ଯାହା ତୀକ୍ଷ୍ଣ ନିରୀକ୍ଷଣ, ପୁନର୍ବିଚାର ଏବଂ ଧ୍ୟାନରୁ ନିର୍ଗତ ସମ୍ଭବ । ଆଜିର ଏହି ବ୍ୟସ୍ତ ବହୁଳ ଜୀବନଧାରା ପ୍ରଣାଳୀରେ ସମୟ ସାପେକ୍ଷ ପ୍ରକ୍ରିୟା ମାଧ୍ୟମରେ ନିଜର ଅନ୍ତର୍ଜ୍ଞାନ ସୃଷ୍ଟିକରିବା ଉଦେଶ୍ୟ ବିହୀନ ମଣିଷ ଗୁଡିକୁ ଷଡ଼ଯନ୍ତରେ ବିମୋହିତ କରିବା ଏତେ ସହଜ ହୋଇପଡିଛିଯେ, ପ୍ରତ୍ୟେକ ମୁହୁର୍ତ୍ତରେ ସବୁ ମଣିଷ ବିଭିନ୍ନ ଦଳ / ଗୋଷ୍ଠୀ / ବ୍ୟକ୍ତିବିଶେଷଙ୍କ ଦ୍ୱାରା ଷଡ଼ଯନ୍ତ୍ରରେ ପ୍ରତାରିତ ହେଉଥିବା ଲକ୍ଷ୍ୟକଲେ ଜାଣିହେବ । ହେଲେ ସେହି ଷଡ଼ଯନ୍ତ୍ରକୁ ଜାଣି ନିଜେ ସତର୍କିତ ରହିବାର କିଛି ପ୍ରଣାଳୀ ଆଲୋଚନା କରିବା ଯାହା ସାଧାରଣ ଲୋକଙ୍କୁ କିଛି ପ୍ରେରଣା ଦେବାରେ ସହଯୋଗ ହେବ ।

କେତେକ ଉଦାହରଣ ସ୍ୱରୂପ ଷଡ଼ଯନ୍ତ୍ରକାରୀଙ୍କୁ ଚିହ୍ନିବା ଉପାୟ ଗୁଡିକ ହେଲା........ ଅଧିକ କଥା କହି କାର୍ଯ୍ୟରେ ନିପୁଣ ନଥିବା / ପ୍ରତିବାଦ ନକରି ସବୁ କଥାରେ ବାହାବା ଦର୍ଶାଇବା / ଅନ୍ୟ ସମ୍ମୁଖରେ ନିଜକୁ କ୍ଷୁଦ୍ର ଭଳି ଦର୍ଶାଇବା / କୌଣସି ସୂତ୍ରରେ ଆମକୁ ଲାଭବାନ କରାଇବାର ପ୍ରଲୋଭନ ଦେଖାଇବା / କୌଣସି ସୂତ୍ରରେ ଦାନ, ଉପହାର ଦେବା କିମ୍ବା ଦେବାପାଇଁ ଚୁକ୍ତିଭିତ୍ତିକ ଉପସ୍ଥାପନା କରିବା / ପ୍ରଥମେ କିଛି ଲୋଭାସକ୍ତ ଦ୍ରବ୍ୟ ପ୍ରଦାନ କରି ପରବର୍ତ୍ତୀ ସମୟରେ ଆମଠାରୁ ଅଧିକ ଗ୍ରହଣ କରିବା ପାଇଁ ଚୁକ୍ତି କରି ପୁଣି ସୁଖ ସାଗରରେ ଭସାଇବା ପ୍ରତିଶୃତି ଦେବା / ବିଭିନ୍ନ ଅଲୌକିକ ବିଷୟକୁ ନେଇ ମନକୁ ଆନ୍ଦୋଳିତ କରି ଅପୂର୍ବ ସୁଖ ସାଗରରେ ବିତରଣ କରାଇବା ପ୍ରତିଶୃତି, ପ୍ରରୋଚନା ଦେବା / ମୁଖରେ ଶୃତିମଧୁର ପ୍ରଶଂସା କରିବା / ପାଟି ଚୁପି ଚୁପି କଥା କହିବା / ଅନ୍ୟକୁ ନିନ୍ଦା କରି ନିଜକୁ ଉଚ୍ଚସ୍ଥାନିତ କରିବା ଭଳି ଆହୁରି ଅଜସ୍ର ଲକ୍ଷଣ ଦେଖିବାକୁ ମିଳିଥାଏ ଷଡ଼ଯନ୍ତ୍ରକାରୀଙ୍କ ପାଖରେ ! ଏହିସବୁ ଲକ୍ଷଣ ଗୁଡିକ ବ୍ୟତୀତ ଆଶାତୀତ ଚରିତ୍ର ପ୍ରବାହ କରିଥାନ୍ତି ଷଡ଼ଯନ୍ତ୍ରକାରୀ ଯାହା ସ୍ଥଳବିଶେଷକୁ ନେଇ ବୁଝିବାକୁ ହୁଏ । ହେଲେ ସାଧାରଣ ନିର୍ମାୟା ଲୋକେ ଏହି ସମସ୍ତ କଣ, କୌଣସି ଗୋଟିଏ ବିଷୟକୁ ମଧ ଅନୁଧ୍ୟାନ କରି ବୁଝି ପାରନ୍ତି ନାହିଁ ଯାହା ସେମାନଙ୍କୁ ତଳିତଳାନ୍ତ କରିଥାଏ । ଆଜି ସମୟରେ ପ୍ରାୟତଃ ସବୁ ମଣିଷ ଅହଂକାରରେ ଜର୍ଜରିତ, କ୍ରୋଧାଶକ୍ତ ଅବସ୍ଥାରେ ରହୁଥିବା ଦେଖିବାକୁ ମିଳେ ଯାହା ସେମାନଙ୍କ ଚରିତ୍ରକୁ ଏହିଭଳି କରିଦେବାରେ ମଧ ଷଡ଼ଯନ୍ତ୍ରକାରୀଙ୍କ ଯଥେଷ୍ଟ ହାତ ରହିଛି ! ଏମିତି ଭାବଧାରାରେ ରହିଥିବା ମଣିଷ ଗୁଡିକ ସାଧାରଣତଃ ଯଥେଷ୍ଟ ଶିକ୍ଷା, ବୁଦ୍ଧି ଥାଇ ମଧ ଉପଯୁକ୍ତ ଜ୍ଞାନ ପାଇବାରୁ ବଂଚିତ ହୋଇ ନିଜକୁ ଷଡ଼ଯନ୍ତ୍ରର ଶିକାର କରୁଥିବା ଦେଖିବାକୁ ମିଳୁଛି ଅନେକ କ୍ଷେତ୍ରରେ । ଅର୍ଥାତ ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷ / ଗୋଷ୍ଠୀ ପ୍ରାୟତଃ ସମସ୍ତ ସାଧାରଣ ଶିକ୍ଷିତ, ଅଶିକ୍ଷିତ ମଣିଷଙ୍କୁ କରାୟତ କରି ନିଜସ୍ୱ ସ୍ୱାର୍ଥ ହାସଲ କରିବାରେ ଯଥେଷ୍ଟ କୃତକାର୍ଯ୍ୟ ହେଉଥିବା ହେତୁ ସାମାଜିକ ବ୍ୟବସ୍ଥା ଅତୀବ ନିମ୍ନଗାମୀ ହେଉଥିବା ଦେଖିବାକୁ ମିଳୁଛି । ନିଜ ପରମ୍ପରା ଛାଡି ପାଶ୍ଚାତ୍ୟ ପରମ୍ପରାକୁ ଆଦରିଥିବା ଭାରତୀୟଙ୍କ ନିଜସ୍ୱ ସ୍ୱାଭିମାନ କ୍ଷୁର୍ଣ୍ଣ କରି ଷଡ଼ଯନ୍ତ୍ରକାରୀ ସମଗ୍ର ମଣିଷ ସମାଜକୁ ଧ୍ୱଂସାଭିମୁଖୀ କରୁଥିବା ଜ୍ଞାନ ବହିର୍ଭୁତ ମଣିଷର ଗତି ପଥଚ୍ୟୁତ ଅବସ୍ଥାରେ ! ଏଥିରୁ ନିସ୍ତାର କେବେ ? ପ୍ରଶ୍ନ ଆନ୍ଦୋଳିତ କଲେ ମନରେ କେବଳ ଭୟ ଜାଗ୍ରତ ହେବାଛଡା ପଥ ପରିଷ୍କାର ଦିଶୁନାହିଁ !

ସାଧାରଣ ମଣିଷ କୌଣସି ଉଚ୍ଚସ୍ଥାନିତ ବ୍ୟକ୍ତି କିମ୍ବା ସଂସ୍ଥାଦ୍ୱାରା କୁହାଯାଇଥିବା କଥାକୁ ବେଦର ଗାର ଭଳି ଗ୍ରହଣ କରୁଥିବା ସ୍ୱୀକାର୍ଯ୍ୟ । କିନ୍ତୁ ସେମାନଙ୍କ କଥାରେଯେ ସବୁବେଳେ ଜନହିତକର ମନ୍ତବ୍ୟ ରହିଥାଏ ଏକଥା ଭାବିବା ଭୁଲ । କାରଣ ଆଜିସମୟରେ କୌଣସି କଥାକୁ ଭଲଭାବେ ଦୃଷ୍ଟି ନିକ୍ଷେପ କରି ଦେଖିଲେ ଜାଣିହେବଯେ ପ୍ରତ୍ୟେକ ମଣିଷ କେବଳ ନିଜସ୍ୱ ସ୍ୱାର୍ଥରେ ଅନ୍ଧ ହୋଇ ଅନ୍ୟକୁ ପ୍ରତାରଣା କରିବା ଛଡା ସାମୁହିକ ସାମାଜିକ ସ୍ୱାର୍ଥରେ ନିଜକୁ ଜଳାଳି ଦେବାପାଇଁ ଚିନ୍ତା କରିପାରନ୍ତି ନାହିଁ ! ତେଣୁ ପ୍ରତ୍ୟେକ ସମୟରେ କୌଣସି କ୍ଷମତା ସମ୍ପନ୍ନ ମଣିଷ ହେଉ କିମ୍ବା ସଂସ୍ଥା ବିଭିନ୍ନ ବ୍ୟବସାୟିକ ଗୋଷ୍ଠୀଙ୍କ ସହିତ ଗୁପ୍ତ ସମ୍ପର୍କ ରଖି ସାଧାରଣ ଲୋକଙ୍କୁ ଭୁଆଁ ବୁଲାଇ ଲୁଣ୍ଠନ କରୁଥିବା ଜାଣିହେବ ଭଲଭାବେ ତର୍ଜମା କଲେ ! ସାଧାରଣତଃ ଆମେ ଷଡ଼ଯନ୍ତ୍ରକାରୀର ଯୁକ୍ତାତ୍ମକ ପ୍ରକାଶ ଗୁଡିକରେ ଏତେମାତ୍ରାରେ ପ୍ରଭାବିତ ହୋଇଥାଉଯେ ତାହା ପଛରେ ଥିବା ବିଯୁକ୍ତାତ୍ମକ ରହସ୍ୟ ଗୁଡିକ ବିଷୟରେ ଭାବିବା ଭୁଲିଯାଇଥାଉ ଯାହା ପର୍ଯ୍ୟାପ୍ତ ପରିମାଣର ରହିଥାଏ । ଏବଂ ପରବର୍ତ୍ତୀ ସମୟରେ ସେଗୁଡିକ ଆମକୁ ଜଳିପୋଡ଼ି ଛାରଖାର କରିଦିଏ ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

## ସଂକ୍ଷିପ୍ତ ରାମାୟଣ

**ଶଙ୍କର ଚରଣ ରାଉତ**

ଭାଗ -୫

॥ କୁର୍ମ ଅବତାର ॥

(୨ୟ ଅବତାର)



ଶ୍ରୀ ଶଙ୍କର ଚରଣ ରାଉତ ଏକାଧାରାରେ ଜଣେ କବି ଓ ଲେଖକ । ଉତ୍କଳ ସମ୍ମିଳନି ଓ ଉତ୍ତର ଓଡ଼ିଶା ସାହିତ୍ୟ ସମ୍ମିଳନୀର ସଭ୍ୟ । ଭାଗବତଗୀତାରେ ପତ୍ର ମାଧ୍ୟମରେ ପଢ଼ି ସାର୍ଟିଫିକେଟ୍ ପାଇବାରେ ଯୋଗ୍ୟ ବ୍ୟକ୍ତି । ଧର୍ମ ବିଷୟରେ ସେ ଦଶଖଣ୍ଡ ପୁସ୍ତକ ରଚନା କରି ପରିଚିତ ହୋଇପାରିଛନ୍ତି । ରାମଚରିତ ମାନସ ଓ ଭାଗବତ ପ୍ରବଚନର ସେ ଜଣେ ପ୍ରବକ୍ତା । ଏହି ସଂକ୍ଷିପ୍ତ ରାମାୟଣକୁ ସେ ବୃହତ୍ ଆକାରରେ ବହୁ ପୂର୍ବରୁ ଲେଖିଥିଲେ । ଯାହାକି ତତ୍‌କାଳିନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମାନ୍ୟବର ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଭୁବନେଶ୍ୱର ଠାରେ ଉଦ୍‌ଘାଟିତ ହୋଇଥିଲା । ବର୍ତ୍ତମାନ ସଂକ୍ଷିପ୍ତ ଆକାରରେ ତାହା ପ୍ରକାଶିତ ହେଉଛି ।

(ପୃଥିବୀ ଉପରେ ସ୍ଥିର ରଖିବା ପାଇଁ)
ଅମୃତ ପାଇଁ ଦେବାସୁର - ସମୁଦ୍ର ମନ୍ଥନେ ତତ୍ପର ।
ଖୁଆ ଯେ ମନ୍ଦର ପର୍ବତ - ଦଉଡି ଅଟଇ ଯେ ସର୍ପ ।
ଦେବାସୁର ଯେ ମିଳିଲେ - ସମୁଦ୍ର ମନ୍ଥନ ଯେ କଲେ ।
ପୃଷ୍ଠ ଯେ କ୍ଷତ ଓ ବିକ୍ଷତ - ନିଦ୍ରାରେ କଣ୍ଡୁରୋଗ ଶାନ୍ତ ।
ଅଶ୍ୱଶ୍ରବା ଯେ ଐରାବତ - ଧନ୍ୱନ୍ତରୀ ଯେ କଳ୍ପବୃକ୍ଷ ।
ରମ୍ଭା ଯେ ଅମୃତ ଉତ୍ପନ୍ନ - ଶେଷରେ ବିଷ ହେଲା ଜନ୍ମ ।
ବିଷରେ ପୃଥିବୀ ଦହିଲା - ଭୟରେ ତ୍ରିପୁର କମ୍ପିଲା ।
ଶିବ ଯେ ବିଷ ପାନ କଲେ - ନୀଳକଣ୍ଠ ନାମକୁ ବହିଲେ ।
ବ୍ୟାଧିଦୂର ପାଇଁ ଧନ୍ୱନ୍ତରୀଙ୍କ ଜନମ - ଦୀର୍ଘ ଆୟୁଷ ଲଭିଛନ୍ତି ଦେବଗଣ ।
ଚିକିତ୍ସା ବିଜ୍ଞାନର ସେ ଅଟନ୍ତି ଅଧିପତି - ସେ ମଧ ଯଜ୍ଞରୁ ଅଂଶ ଗ୍ରହଣ କରନ୍ତି ।
ଅମୃତ ପାଇଁ ଦେବାସୁର କଳି କଲେ - ମୋହିନୀ ରୂପରେ ହରି ଦୈତ୍ୟଙ୍କୁ ମୋହିଲେ ।
ଦେବତାଙ୍କୁ ଆଗେ ଅମୃତକୁ ବାଣ୍ଟିଲେ - ସୂର୍ଯ୍ୟ ଚନ୍ଦ୍ର ମଧେ ରାହୁ ଦୈତ୍ୟ ବସିଥିଲେ ।
ମୋହିନୀ ସଙ୍ଗରେ ଏକ କନ୍ୟା ଜନ୍ମ ହୋଇଥିଲେ - ସେ ଦ୍ୱାପରରେ ରାଧା ବୋଲି ଜଣାଗଲେ ।
ସୂର୍ଯ୍ୟ ଚନ୍ଦ୍ରଙ୍କ ନିକଟରୁ ମୋହିନୀ ଜାଣିଲେ - ଶ୍ରୀ ବିଷ୍ଣୁ ସୁଦର୍ଶନ ଚକ୍ରେ ତାର ଶିରକୁ କାଟିଲେ ।
ଗଣ୍ଡିପାଖ ରାହୁ ମୁଣ୍ଡ ପାଖ କେତୁ ହେଲେ - ଅମୃତ ସେବନ କରି ଅମର ହୋଇଲେ ।
କ୍ରୋଧେ ରାହୁକେତୁ ସୂର୍ଯ୍ୟ ଚନ୍ଦ୍ରଙ୍କୁ ଗିଳନ୍ତି - ରାହୁ କେତୁ ଗ୍ରସ୍ତ ଚନ୍ଦ୍ର ସୂର୍ଯ୍ୟ ଗ୍ରହଣ ଭୋଗନ୍ତି ।
ଏହି ଅବତାରରେ ଶ୍ରୀ ବିଷ୍ଣୁ ସହିତ କାଳନେମି ଅସୁର ପରାସ୍ତ ହୋଇ ଦ୍ୱାପରରେ (କଂସ)ଜନ୍ମ ହୋଇ ଶ୍ରୀକୃଷ୍ଣ ହାତରେ ନିହତ ହୋଇଥିଲେ । ମନୁ ଋଷିଙ୍କୁ ହସ୍ତିନାରେ ରହିବାକୁ ସ୍ଥାନ ଦିଆଯାଇଥିଲା ।


ଚିକିତ୍ସା ବିଜ୍ଞାନର ସେ ଅଟନ୍ତି ଅଧିପତି - ସେ ମଧ ଯଜ୍ଞରୁ ଅଂଶ ଗ୍ରହଣ କରନ୍ତି ।
ଅମୃତ ପାଇଁ ଦେବାସୁର କଳି କଲେ - ମୋହିନୀ ରୂପରେ ହରି ଦୈତ୍ୟଙ୍କୁ ମୋହିଲେ ।
ଦେବତାଙ୍କୁ ଆଗେ ଅମୃତକୁ ବାଣ୍ଟିଲେ - ସୂର୍ଯ୍ୟ ଚନ୍ଦ୍ର ମଧେ ରାହୁ ଦୈତ୍ୟ ବସିଥିଲେ ।
ମୋହିନୀ ସଙ୍ଗରେ ଏକ କନ୍ୟା ଜନ୍ମ ହୋଇଥିଲେ - ସେ ଦ୍ୱାପରରେ ରାଧା ବୋଲି ଜଣାଗଲେ ।
ସୂର୍ଯ୍ୟ ଚନ୍ଦ୍ରଙ୍କ ନିକଟରୁ ମୋହିନୀ ଜାଣିଲେ - ଶ୍ରୀ ବିଷ୍ଣୁ ସୁଦର୍ଶନ ଚକ୍ରେ ତାର ଶିରକୁ କାଟିଲେ ।
ଗଣ୍ଡିପାଖ ରାହୁ ମୁଣ୍ଡ ପାଖ କେତୁ ହେଲେ - ଅମୃତ ସେବନ କରି ଅମର ହୋଇଲେ ।
କ୍ରୋଧେ ରାହୁକେତୁ ସୂର୍ଯ୍ୟ ଚନ୍ଦ୍ରଙ୍କୁ ଗିଳନ୍ତି - ରାହୁ କେତୁ ଗ୍ରସ୍ତ ଚନ୍ଦ୍ର ସୂର୍ଯ୍ୟ ଗ୍ରହଣ ଭୋଗନ୍ତି ।
ଏହି ଅବତାରରେ ଶ୍ରୀ ବିଷ୍ଣୁ ସହିତ କାଳନେମି ଅସୁର ପରାସ୍ତ ହୋଇ ଦ୍ୱାପରରେ (କଂସ)ଜନ୍ମ ହୋଇ ଶ୍ରୀକୃଷ୍ଣ ହାତରେ ନିହତ ହୋଇଥିଲେ । ମନୁ ଋଷିଙ୍କୁ ହସ୍ତିନାରେ ରହିବାକୁ ସ୍ଥାନ ଦିଆଯାଇଥିଲା ।


(କ୍ରମଶଃ)


+ମଣ୍ଡଗାଁ, ବରୁଣସିଂ, ବାଲେଶ୍ୱର


## କବିତା କୋଣାର୍କ

### ଶୂଦ୍ରମୁନି

**ଶରତ କୁମାର ଦାସ**

ଗୋଟିଏ ଗର୍ଭରୁ ଜାତ ନୁହେଁ ତୁମେ
କୋଟିଏ ଗର୍ଭରୁ ଜାତ,
ମୁକୁଟବିହୀନ ସମ୍ରାଟ ତ ତୁମେ
ଧନ୍ୟ ତୁମ ତାତ ମାତ ।

ବିଶ୍ୱାସେ ସ୍ଥାପିଲ କେତେ କୀର୍ତ୍ତିସ୍ତମ୍ଭ
ଏ ଜାତିର ଯୋଗ୍ୟ ସୁତ,
କେଉଁ ପୁଣ୍ୟ ବଳେ ଛୁଇଁଥିଲ ଧରା
ସାଜି ତୁମେ ଦେବଦୂତ !

ସମୀର ଗାଉଛି ତୁମ ଜୈତ୍ର ଗୀତି
ଅମ୍ବରରେ ତୁମ ସ୍ୱର,
ସାଗରରେ ଫୁଟେ ତୁମ ପ୍ରତିବିମ୍ବ
ଦିବ୍ୟଜ୍ୟୋତି ତମିସ୍ରାର ।

ଓଡିଆ ଜାତିର ସ୍ରଷ୍ଟା ପୁଣି ଦ୍ରଷ୍ଟା
ଗର୍ବ ଗୌରବର ରବି,
ପ୍ରତିଟି ହୃଦୟେ ଉଦ୍ଭାସିତ ତୁମ
ପାଣ୍ଡିତ୍ୟର ଦିବ୍ୟ ଛବି ।

ନଭଶ୍ଚୁମ୍ବୀ ତୁମ କୀର୍ତ୍ତିର ସମ୍ଭାର
ଭାଷା କଳା ଋଦ୍ଧିମନ୍ତ,
ଗଦ୍ୟ ହେଉ ପଦ୍ୟ ଓଡିଆ ସାହିତ୍ୟ
ହେଲା ସିନା ଦୀପ୍ତିମନ୍ତ ।

ପନ୍ଦରଶ' ଶତାବ୍ଦୀରେ ଜନ୍ମ ତୁମ
ସିଦ୍ଧେଶ୍ୱର ବାଲ୍ୟନାମ,
ମା' ଶାରଳାଙ୍କ ଅଭୟ ଆଶିଷେ
କାଳଜୟୀ ତୁମ କାମ ।

ଜଗତସିଂହପୁର ତେନ୍ତୁଳିପଦାରେ
ଭୂମିଷ୍ଠ ହୋଇଲ ଯେବେ,
ପୀୟୂଷର ଧାର ଆକାଶୁ ଝରିଲା
(ଏ)ମାଟି ଧନ୍ୟ ହେଲା ତେବେ ।

ଝଙ୍କଡ ବାସିନୀ ମାତା ଶାରଳାଙ୍କ
ଆଶିଷ ପଡିଲା ଝରି,
ସାରଳା ଦାସ ନାମେ ହେଲ ପରିଚିତ
ଲେଖିଲ ଭକତି ଭରି ।

ମୂର୍ଖରୁ ପଣ୍ଡିତ ବିଦିତ ଧରାରେ
ସର୍ଜିଲ କାବ୍ୟ ଯେ କେତେ,
ତୁମ କାବ୍ୟ କୃତି ସ୍ୱର୍ଣ୍ଣାଭ ଅକ୍ଷରେ
ଲିପିବଦ୍ଧ ଆଜି ଯେତେ ।

ଓଡିଆ ଭାଷାରେ ପ୍ରଥମେ ସାହିତ୍ୟ
ତୁମ ଲେଖନୀରୁ ସୃଷ୍ଟି,
ଆଦିକବି ରୂପେ ହେଲ ପୂଜନୀୟ
ସ୍ୱର୍ଗୁ ହେଲା ପୁଷ୍ପ ବୃଷ୍ଟି ।

'ମହାଭାରତ' 'ବିଲଙ୍କା ରାମାୟଣ'
ଆହୁରି ଅନେକ କୃତି,
'ଚଣ୍ଡୀପୁରାଣ' ବା 'ଶିରୀ ଭାଗବତ'
ପଢିଲେ ମିଳଇ ତୃପ୍ତି ।

ଶୌର୍ଯ୍ୟ ବୀର୍ଯ୍ୟ ତୁମେ
ଜାତିର ଜ୍ୟୋତିଷ୍କ
ଗରିମାର ପୂର୍ଣ୍ଣାଭାସ,
ପ୍ରତି ଓଡିଆଙ୍କ ରୁଧିର ବିନ୍ଦୁରେ
ତୁମ ନାମେ ଛୁଟେ ବାସ ।

ମାଘମାସ ଶୁକ୍ଳ ସପ୍ତମୀ ତିଥିରେ
ନିର୍ବାଣ ପଥର ଯାତ୍ରୀ,
ତୁମ ଆବର୍ତ୍ତମାନେ ଅଶ୍ରୁ ଝାରେ ନିତି
ଆଜି ଏ ଓଡିଆ ଜାତି ।

ଆହେ ଶୂଦ୍ରମୁନି ତୁମ ଜ୍ଞାନ ଗୁଣୀ
ସର୍ବେ କରୁ ମଥା ନତ ,
ଅବଦାନ ତବ ନାହିଁ ପଟାନ୍ତର
ଘେନ ଅର୍ଘ୍ୟ (ହେ)ପ୍ରଭାବନ୍ତ ।


+ଅଧ୍ୟାପକ, ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧


### ଜହ୍ନ ରାତିର ପ୍ରେମ

**ଉମେଶ କୁମାର ବେହରା**

ଝିମ୍ ଝିମ୍ ଝଂକାର କରେ
ଏକ ଏକା ଅନ୍ଧକାର ରାତି
କ୍ଷଣକ ପରେ ଜହ୍ନ ଆସେ
ଚୁନା ଚୁନା ଉଜାଳା ନେଇ ।
ପ୍ରମିକାକୁ ଦେଖି, ପ୍ରେମିକର ମେନ
ଫୁଟି ଉଠେ ଜୁଇ, ଜାଇ, ହେନା
ବାସ ଛୁଟେ ହୋଇ ଧୂଆଁ ଧୂଆଁ ।
ନିର ନିମର୍ଳ ହୁଏ ଆକାଶ
ଆକାଶେ ଆସିଲେ ଘଡି ଜହ୍ନ
ନିରବ ରହିଛି ରାତି
କେବେ କହିପାରୁନି କିଛି
ଜହ୍ନକୁ କେବଳ ଚାହିଁ ରହେ
ମନରେ ମନରେ ଭଲ ପାଏ ।
ଲୁଚକାଳି ଖେଳେ ଜହ୍ନ,
ବାଦଲ ସଙ୍ଗତ
ରାତି ଖେଳେ ତା'ହୃଦୟ ସହିତ
ଯେତେବେଳେ ଜହ୍ନ ଯୋଛନା ଢାଳେ
ଏ ଅନ୍ଧକାର ରାତି ଲୁଚିଯାଏ ।
ଏମିତି ଲୁଚିଲୁଚି ଜହ୍ନକୁ
ନିତି ଦେଖୁଥାଏ
ସେହି ଜାଣେ ଜହ୍ନକୁ
ସେ କେତେ ଭଲ ପାଏ ।
ହୃଦେୟ ରଖିଛି ଜହ୍ନକୁ,
ମନରେ ଡର..
ସେ ଆସିଲେ ସ୍ୱର୍ଗ ହୁଅଇ ଧରା
ମୁଁ ରାତି ଅନ୍ଧକାର ଭରା ।


+କର୍ଲାବାହାଲି,କଂଟାବାଞ୍ଜି,ବାଲାଙ୍ଗିର


## କବିତା କୋଣାର୍କ

### ରାତ୍ରି ଏଠି ପ୍ରୀତି ମାଗେ

**ବାବାଜୀ ଚରଣ ଜେନା**

ରାତ୍ରି ଏଠି ପ୍ରୀତି ମାଗେ ନିଦ ମୋର ନେଇ ଯାଇଁ
ଅସଫଳ ମଣିଷ ମୁଁ ସିଏବା ବୁଝିବ କାହିଁ ।।

ବୟସର ଅପରାହ୍ନେ ସାହାରା ଖୋଜଇ ଟିକେ
କାଗଜରେ ମୋ ଛବିକୁ କିଏବା କାହିଁକି ଆଙ୍କେ
ମୋ ପାଖରେ ଅଭିମାନ ପତ୍ରଝଡ଼ା ଗଛ ଛାଇ
ଦୂରେଇ ଯାଅଇ ସିଏ ଧରା ଜମାଦିଏ ନାହିଁ ॥


ପ୍ରଣୟତ ମୋ ଆଖିରେ ଦିନର ସପନ ପରି
କରିନାହିଁ କେବେ କିଛି ମନେ ମୋର ଆଶା ଭରି
ବଞ୍ଚିବା ପାଇଁକି କେବେ ଅଭିନୟ କରି ନାହିଁ
ଛଳନା କରି କାହାକୁ ପ୍ରତିଶୃତି ଦେଇ ନାହିଁ ॥




ଅହଲ୍ୟା ନିବାସ
ପୋପରଡ଼ା, ନୂଆବଜାର, କଟକ-୪
ମୋ: ୯୪୩୭୮୩୪୭୧୮


## ମଣିଷ ଦୂର୍ଘଟଣାରେ ମରିଲେ ୨ ଲକ୍ଷ ଗାଈ ମରିଲେ କେତେ ?

**ସୁବ୍ରତ କର**



ପ୍ରତିଦିନ ଦୂର୍ଘଟଣାରେ ଗାଈ ମରିବା ବିଶେଷ କରି ଆମ ଜିଲ୍ଲା ଭିତରେ ଏକ ସାଧାରଣ ବ୍ୟାପାର ହୋଇଗଲାଣି । ଆମ ଜିଲ୍ଲାରେ ଜନ୍ମ ନେଉଥିବା ଏବଂ ବଂଚୁଥିବା ଗାଈଗୁଡ଼ାକ କଲିକତାର କଂସେଇଖାନାରେ ବଳି ପଡୁଛନ୍ତି ଏହା କଣ ଆମର ଶାସନକଳ ଏବଂ ସରକାରଙ୍କୁ ସୁହାଉଛି ? ଥରେ ଓଧେ ନୁହେଁ ଏହା ଏକ ନିତି ଦିନିଆ ଘଟଣା । ଜାତୀୟ ସଡ଼କ ଉପର ଦେଇ ଗାଈ ବୋଝେଇ ଗାଡ଼ି ଖୁବ୍ କମ୍‌ରେ ବାଲେଶ୍ୱର ଜିଲ୍ଲାର ଏପଟୁ ସେପଟକୁ ଗଲାବେଳକୁ ପାଖାପାଖି ୭ଟି ପୋଲିସ ଷ୍ଟେସନକୁ ଅତିକ୍ରମ କରିବାକୁ ପଡ଼ିବ । ଏହି ସବୁ ପୋଲିସ ଷ୍ଟେସନର ଜାଣତରେ ଏ କାମ ହେଉଛି କି? ଜିଲ୍ଲାରେ ଘଟୁଥିବା ବଡ଼ ବଡ଼ ଘଟଣାକୁ ଯଦି ପୋଲିସ ବାବୁମାନେ ମିଟେଇ ପାରୁଛନ୍ତି ତେବେ ଗାଈ ଚୋରକୁ ଧରିବାରେ ଅସୁବିଧା କେଉଁଠି ? ସବୁଠୁ ବଡ଼ କଥା ହେଲା ଗାଈ ଚୋର ବା ନେଇ ଯାଉଥିବା ଲୋକମାନେ ଭିନ୍ନ ସମ୍ପ୍ରଦାୟରେ ଅର୍ନ୍ତଭୁକ୍ତ ଏବଂ ଏମାନଙ୍କ ଜାଲ ସୋରଠୁ ଖୋର୍ଦ୍ଧା ପର୍ଯ୍ୟନ୍ତ ମାଡ଼ିଛି । ଏହା ନିଶ୍ଚିତ ଏହିସବୁ ଘଟଣାଗୁଡ଼ିକ ପୋଲିସ ବାବୁ ଏବଂ ଏହାପାଇଁ କିଛି ଜିଲ୍ଲା ପ୍ରଶାସନର ଅଫିସର ମାନେ ସମ୍ପୃକ୍ତ । ଦୀର୍ଘ ୧୨୦ କି.ମିରୁ ଉର୍ଦ୍ଧ୍ୱ ରାସ୍ତା ନେଇ ଗାଡ଼ି ମାଡ଼ି ଯାଉଛି କେହି ଟେର ପାଉନାହାନ୍ତି । ସବୁଠାରୁ ଦୁଃଖର କଥା ହେଲା ସବୁ ପୋଲିସ ଷ୍ଟେସନ ଗୁଡ଼ିକ ଜାତୀୟ ରାଜପଥ ଉପରେ ତେବେ କଣ ସବୁ ସଲାସୁତୁରାରେ ଚାଲିଛି ? ପୋଲିସ ଯଦି ଛାଡ଼ିବ ଧରିବ କିଏ ? ଅନେକ ସମୟରେ ଦେଖାଯାଉଛି ଜନସାଧାରଣ ସଚେତନ ହୋଇ ଗାଡ଼ି ଧରିଛନ୍ତି ଏବଂ ପରେ ପୁଲିସକୁ ହସ୍ତାନ୍ତର କରୁଛନ୍ତି । ପୋଲିସ ଯଦି ଠିକ୍ ଭାବରେ ଅନୁସନ୍ଧାନ କରନ୍ତି ତେବେ ଏହି ବେପାରିମାନେ କାହାପାଖରୁ ଗାଈ ଗୁଡ଼ିକ କିଣୁଛନ୍ତି ଏବଂ କେଉଁ କେଉଁ ସ୍ଥାନରୁ । ଏତିକି ଜାଣିଲେ ମଧ୍ୟ ସେଇଠିକାର ପ୍ରଶାସନ ଦ୍ୱାରା ଏହାକୁ ରୋକା ହୋଇପାରନ୍ତା ଏବଂ ଏହି ବେପାରିଙ୍କୁ ଠିକ୍ ଭାବରେ ବା ଦୃଷ୍ଟାନ୍ତମୂଳକ ଦଣ୍ଡର ବ୍ୟବସ୍ଥା କରି ହୁଅନ୍ତା । ମଣିଷ ମାରିଲେ ଫାସି ଖୁଂଟରେ ବା ଜୀବତ୍‌ଜୀବନ କାରାଦଣ୍ଡରେ ଦଣ୍ଡିତ ହେଉଛନ୍ତି । ସେହିଭଳି ଗାଈମାନଙ୍କୁ ଇଚ୍ଛା କରି ମାରିଲେ ଦଣ୍ଡ ସେହିଭଳି ହବା ଦରକାର । କଠୋର ଦଣ୍ଡରେ ଦଣ୍ଡିତ ହେଲେ ବେପାରିମାନେ ଏହି ଧନ୍ଧା ଛାଡ଼ି ଦିଅନ୍ତେ । ଢ଼ିଲା ପ୍ରଶାସନ ଏବଂ ଢ଼ିଲା ପୋଲିସ ଏହି ଧନ୍ଧାକୁ ଆଗେଇ ନେବାରେ ସୁଯୋଗ ସୃଷ୍ଟି କରିନେଉଛନ୍ତି । ଗତ ପରଦିନ ବସ୍ତା ପାଖରେ ଯେଉଁ ଦୁର୍ଘଟଣା ଘଟିଲା ଏହା ଏକ ଜ୍ୱଳନ୍ତ ଉଦାହରଣ । ଏଥିରେ ୩ ବ୍ୟବସାୟୀ ସହ ୨୮ ଗୋରୁ ମୃତ ଏବଂ ଏହାଛଡ଼ା ଆଉ ଦୁଇଜଣ ଚିକିତ୍ସିତ ଅବସ୍ଥାରେ ଅଛନ୍ତି ଏବଂ ୧୨ଟି ଗୋରୁ ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ସରକାରଙ୍କୁ ଅନୁରୋଧ ଏହାକୁ ରୋକିବାକୁ ହେଲେ ପ୍ରଶାସନ ଏବଂ ପୋଲିସଙ୍କୁ ଯଥେଷ୍ଟ ସଜାଗ ହେବାକୁ ପଡ଼ିବ । ସବୁ ଜାଗାରେ ପଇସାରେ ଖେଳ କଲେ ହେବନାହିଁ ।

## ● ଧାରାବାହିକ ଆତ୍ମଜୀବନୀ ●

ଭାଗ-୫

# ମୋ ସାହିତ୍ୟ ସାଧନା: ତିକ୍ତ ମଧୁର ଅନୁଭବ

ରମାକାନ୍ତ ବେହେରା

ଦ୍ୱିତୀୟ କଥା କାହାଣୀର ପରିବେଷଣ ଧାରା ବା ସେଟିଂ, ପ୍ରଥମ ଅଧ୍ୟାୟ ପରେ ଦ୍ୱିତୀୟ ଅଧ୍ୟାୟ ସଂପୂର୍ଣ୍ଣ ସ୍ୱତନ୍ତ୍ର, ତୃତୀୟ ଚତୁର୍ଥ ଏମିତି ପ୍ରତି ଅଧ୍ୟାୟ ସ୍ୱତନ୍ତ୍ର କିନ୍ତୁ ପ୍ରତ୍ୟେକଟି ବେଶ୍ ଉତ୍କଣ୍ଠାରେ ଶେଷହୁଏ କିନ୍ତୁ ପରବର୍ତ୍ତୀ ଅଧ୍ୟାୟ ସହ ପୂର୍ବ ଅଧ୍ୟାୟର ସଂପର୍କ ନାହିଁ, ମାତ୍ର ବେଶ କିଛି ପୃଷ୍ଠା କୌତୁହଳରେ ପଢ଼ିଲା ପରେ କାହାଣୀର ବୈଚିତ୍ର୍ୟ ଧରା ଦିଏ, ବିଭିନ୍ନ ଅଧ୍ୟାୟ ପରସ୍ପର ଛନ୍ଦାଛନ୍ଦି ହୋଇଯାନ୍ତି। ଉତ୍କଣ୍ଠା ଆହୁରି ବଢ଼େ, ଏ ଶୈଳୀଟ ସଂପୂର୍ଣ୍ଣ ମୌଳିକ, ମୋର ଜଣା କୌଣସି ଔପନ୍ୟାସିକ ଏ ଧାରାରେ ଲେଖିଥିବାର ଜଣାନାହିଁ, ଆପଣ ଅଜଣା ଭାବେ ଏ ଶୈଳୀର ପ୍ରବର୍ତ୍ତକ। ତାଛଡ଼ା ଯୁଦ୍ଧ କ୍ଷେତ୍ରରେ ବର୍ଣ୍ଣନା, ଆପଣତ ଟି.ଭି. କଣ ଜାଣିନାହାନ୍ତି, ଯେମିତି ଆଖି ଦେଖି ବିବରଣୀ ଥୋଇଛନ୍ତି- ଏସବୁ ଏକାନ୍ତ ମୌଳିକ, ସମସ୍ତ ପ୍ରସିଦ୍ଧ ଲେଖକ ପ୍ରାୟ ପୂର୍ଣ୍ଣ ବୟସରେ ଉପନ୍ୟାସରେ ହାତ ଦିଅନ୍ତି - ଆପଣ ମାତ୍ର ଏ ଅପରିପକ୍ୱ ବୟସ, ଶିକ୍ଷା ପରିବେଶ ଏବଂ ପାରିବାରିକ ଯନ୍ତ୍ରଣା ମଧ୍ୟରେ ଆମଭଳି ପାଠକଙ୍କୁ ବି ଏକ ପ୍ରତି ମେସେଜ ବି ଦେଇ ପାରିଛନ୍ତି ଏହା କମ୍ ଗୌରବର କଥା ନୁହେଁ।

ଗୋପୀନାଥ ମହାନ୍ତି ଭଳି ଜ୍ଞାନପୀଠ ପୁରସ୍କୃତ ମହାନ ଔପନ୍ୟାସିକଙ୍କ ସାନ୍ନିଧ୍ୟ ଓ ମନ୍ତବ୍ୟ ଡ. ମନ୍ମଥ ନାଥ ଦାସଙ୍କ କୃପାରୁ ପାଇବାକୁ ସମର୍ଥ ହୋଇଥିଲି। ତାଙ୍କର ଏକ କ୍ଷୁଦ୍ର ମନ୍ତବ୍ୟ ହେଲା- 'ଉପନ୍ୟାସଟି ପଢ଼ିଲା ବେଳେ କେଜାଣି ମୁଁ ସ୍ୱପ୍ନ ଦେଖୁଥିଲି କି'? ବ୍ରହ୍ମଚାରୀ ଓ ବରାଳଙ୍କ ସାନ୍ନିଧ୍ୟ ସମ୍ବନ୍ଧରେ ପୂର୍ବରୁ ଲେଖିଛି। ଶିକ୍ଷକ ମହାସଂଘର ଲକ୍ଷ୍ୟ ଉଦ୍ଦେଶ୍ୟ ଉପନ୍ୟାସ ପ୍ରକାଶ ନ ହେଲେବି ତାରିଦ୍ୱାରା ପ୍ରକାଶପାଇ ରାଜ୍ୟସାରା ପରିବ୍ୟାପ୍ତ ହେବ ଏବଂ ମୁଖବନ୍ଧରେ ବରାଳଙ୍କ ଭଳି ମହାନ ସଂଗ୍ରାମୀ ନେତା ସ୍ୱତଃ ଲେଖିବେ 'ମୁଁ ଏ ବହିର ଲେଖକଙ୍କ ଠାରୁ ନିଜକୁ ଅଧିକ ଗୁଣର ବୋଲି ଭାବୁ ନାହିଁ' ସାମଗ୍ରିକ ଭାବେ ଏହା ଏକ ସଫଳ ଉପନ୍ୟାସ, କାରଣ ଏହା ଏକ ନିଃଶ୍ୱାସରେ ପଢ଼ିଲା ଭଳି ବହି, ଯାହାକୁ ଇଂରାଜୀରେ କହନ୍ତି 'ଏନଗ୍ରସିଂ ବା ଏବ୍‌ଜର୍ଭିଂ, ପାଠକକୁ ସଂପୂର୍ଣ୍ଣ ଭାବରେ ଗ୍ରାସ କରି ନେଉଛି।' ଏହା ମୋର କଳ୍ପନାର ବାହାରେ- ଆଦ୍ୟଯୌବନର ଆଉ କାହାର ଉପନ୍ୟାସ ଏ ଗୌରବ ପାଇଛି ମୁଁ ଜାଣେନା। ଶିକ୍ଷକ ମହାସଂଘର ଇତିହାସରେ କେବଳ ମୋରି ଉପନ୍ୟାସହିଁ ପ୍ରକାଶିତ ହୋଇଥିଲା କାର୍ଯ୍ୟକାରୀ କମିଟିର ଅଧିକାଂଶ ସଭ୍ୟଙ୍କ ଦୃଢ଼ ବିରୋଧ ସତ୍ତ୍ୱେ।

ଏଇଥିରୁ ସୁଧୀ ପାଠକେ ବୁଝୁଥିବେ ଲେଖାଟି ସେଭଳି ପ୍ରାଜ୍ଞମାନଙ୍କୁ ଏତେ ମୁଗ୍ଧ କରିଥିଲା ଯେ ଏଭଳି ମନ୍ତବ୍ୟ ସ୍ୱତଃ ଦେଇ ତାକୁ ପ୍ରକାଶ କରିବାକୁ ଆଗଭରା ହୋଇଥିଲେ।

ଜଣେସାମାନ୍ୟ ମେଟ୍ରିକ ପଢ଼ା ପ୍ରାଥମିକ ଶିକ୍ଷକଙ୍କ ପାଇଁ ଏହା କମ୍ ଗୌରବର କଥା ନଥିଲା। ଏବେବି ବୃଦ୍ଧ ବୟସରେ ସେତେବେଳର ପାଠକ ଖୋଜନ୍ତି ଆଉଥରେ ଆଖି ବୁଲେଇ ନେବା ପାଇଁ! ମାତ୍ର ତାହା ଏବେ ଦୁଷ୍ପ୍ରାପ୍ୟ ତେଣୁ ବହୁବର୍ଷ ପରେ ତାର ୨ୟ ସଙ୍କଳନ ପ୍ରକାଶ ପାଇବାକୁ ଯାଉଛି।

### ସର୍ଜନ ସାଧନାରେ ବିଘ୍ନ

ଏଦୁଇଟି ଉପନ୍ୟାସ ପରେ ଉପନ୍ୟାସ ଲେଖିପାରିନାହିଁ। ଅବଶ୍ୟ ଏବେ ଉପନ୍ୟାସର ଯୁଗନାହିଁ, ତଥାପି କିଛି ବିଦଗ୍ଧ ପାଠକ ଅଛନ୍ତି, ସେମାନଙ୍କ ପ୍ରଶ୍ନ ଦିଟି ଉପନ୍ୟାସ ଲେଖିଲେ ଏତେ କମ୍ ବୟସରେ, ଆପଣତ କାହ୍ନୁଚରଣ, ବଭୂତ ପଟ୍ଟନାୟକ, ପ୍ରତିଭା ରାୟଙ୍କ ଭଳି ଅର୍ଦ୍ଧଶତାଧିକ ଉପନ୍ୟାସ ଲେଖି ପାରିଥାନ୍ତେ?

ନମ୍ରଭାବେ ଏତିକି କହେଁ ସେ ଭାଗ୍ୟବାନମାନଙ୍କ ସହ ମୋର ତୁଳନା ସାଜେନା, ସେମାନେ ହେଲେ ରାଜମାର୍ଗର ଅଶ୍ୱରୋହୀ, ମାତ୍ର ମୁଁ ବଣଜଙ୍ଗଲର କଣ୍ଟକାକୀର୍ଣ୍ଣ ଖାଲଢିପ ଗୁଡ଼ିପଥରପୂର୍ଣ୍ଣ ଅମଡ଼ା ବାଟରେ ଝୁଣ୍ଟଖଣଇ ପଡ଼ିଉଠି ଚାଲୁଥିବା ରକ୍ତଝରା ପଥର ପଥିକ। ଉପନ୍ୟାସ ଲେଖିବାଠାରୁ ବଡ଼ ଆହ୍ୱାନ ଥିଲା ଅକାଳରେ ଜ୍ୟେଷ୍ଠପୁତ୍ରକୁ ହରାଇଥିବା ଶୋକାତୁର ବୃଦ୍ଧ ପିତାମାତାଙ୍କ ସେବା ଚିକିତ୍ସାର ଗୁରୁ ଦାୟିତ୍ୱ ସହ ପରିବାର ପୋଷିବା ତଥା ଜ୍ଞାନ ପିପାସା ମେଣ୍ଟାଇବା ପାଇଁ ଯୌବନର ସର୍ଜନକ୍ଷମ ଦୀର୍ଘବାରବର୍ଷ ଅଧ୍ୟାପନା ସହ ଏକଲବ୍ୟ ସାଧନାରେ ଶିକ୍ଷାର ଶୀର୍ଷ ଉପାଧି ହାସଲ କରିବା। କିନ୍ତୁ ତାର ସୀମା ନାହିଁ ସେତ ନିଃସୀମ ସିଢ଼ି, ତଥାପି ହାତ ପାଆନ୍ତି ଶୀର୍ଷ ଛୁଇଁଲି।

ଅବଶ୍ୟ ଏକାଳ ଖଣ୍ଡ ମଧ୍ୟରେ ଉପନ୍ୟାସ ଭଳି ବୃହତ୍ ରଚନାରେ ହାତ ଦେଇ ନଥିଲେ ମଧ୍ୟ କ୍ଷୁଦ୍ର ଗଳ୍ପ, କବିତା, ଏକାଙ୍କିକା, ପ୍ରବନ୍ଧ ନାଟକ ରଚନା କରିଛି। ମାତ୍ର ରାଜ୍ୟର ହୃତ୍‌ପିଣ୍ଡ ଭଳି କଟକ, ଭୁବନେଶ୍ୱର, ପୁରୀ ଆଦି ଅଞ୍ଚଳ ବାସିନ୍ଦାଙ୍କ ସାଧନାର ସିଦ୍ଧି ଯେତେ ସହଜ ଓଡ଼ିଶାର ସୁଦୂର ଉତ୍ତର ସୀମାନ୍ତରେ ନିପଟ ଗାଁରେ ରହି ବିଶେଷତଃ ସେଯୁଗରେ ସେ ସିଦ୍ଧିଲାଭ ସେତେ ସମ୍ଭବ ନଥିଲା କି ସହଜ ନଥିଲା। ଏଭଳିକି ଆନ୍ତର୍ଜାତିକ ଗୌରବ ମଣ୍ଡିତ ମନ୍ମଥ ମନୋଜ ଶିକ୍ଷା ଓ ସାଧନାର ଜନ୍ମସ୍ଥାନ ଭୋଗରାଇରୁ ସୁଦୂର ପ୍ରବାସୀ ହୋଇ ଖ୍ୟାତି ଲଭିଛନ୍ତି। ତେଣୁ ପ୍ରତିଭାର ବିକାଶ ଓ ପ୍ରତିଷ୍ଠା କ୍ଷେତ୍ରରେ ପାତ୍ର ସହ ସ୍ଥାନ, କାଳର ଭୂମିକା ମଧ୍ୟ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ।

ତାଛଡ଼ା ଆଉ ଏକ ପ୍ରାକୃତିକ ବିପର୍ଯ୍ୟୟ ମୋତେ ଶକ୍ତ ଆଘାତ ଦେଲା। ପୂର୍ବରୁ ଲେଖିଛି କବିତା ମୋ ଜୀବନର ଆଦ୍ୟସୃଷ୍ଟି, ଆଦ୍ୟଜୀବନରୁ ୧୯୮୯ ମଧ୍ୟରେ ପ୍ରାୟ ପାଞ୍ଚଶହ କବିତା ଲେଖିଥିଲି, ଶତାଧିକ ଗଳ୍ପବି ଲେଖିଥିଲି କିଛି ଏକାଙ୍କିକା, ନାଟକ, ରମ୍ୟରଚନା, ପ୍ରବନ୍ଧବି ଲେଖିଥିଲି, ମାତ୍ର ଦୁର୍ଭାଗ୍ୟ ମୋ କପାଳରୁ ସେ ସବୁରୁ ଅଧିକାଂଶକୁ ଚିରକାଳ ପାଇଁ ବିସ୍ମୃତି ଗର୍ଭରେ ହଜାଇ ଦେଲା।

ପରବର୍ତ୍ତୀ କାଳରେ କିଛି ଲେଖିଲି, ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ କିଛି ଲେଖାକୁ ସଂଗ୍ରହ କଲି। କ୍ରମେ ପାଣ୍ଡୁଲିପି ଗୋଟେ ପରେ ଗୋଟେ ପ୍ରସ୍ତୁତ କରି ଛପାଇବା ପାଇଁ ଚିନ୍ତା କଲି।

କିନ୍ତୁ ବିଭିନ୍ନ ଘଟନା ଦୁର୍ଘଟନା, ସାମାଜିକ କର୍ତ୍ତବ୍ୟବୋଧ (ଝକ୍ଟମସବକ୍ଷ ଉକ୍ଟଜ୍ଞଜ୍ଞସତ୍ମ-ଜ୍ଞରଭତ୍ମ) ତଥା ସମୟର ତାତ୍କାଳିକ ଆହ୍ୱାନ ମୋର ସାରସ୍ୱତ ସାଧନାକୁ ବିଘ୍ନିତ କଲା, ଅନ୍ୟ ଲେଖକଙ୍କ ପରି ସେ ସବୁ ପରିସ୍ଥିତିକୁ ଉପେକ୍ଷା କରି ପାରିଥାନ୍ତି କିନ୍ତୁ ପପାରିନାହିଁ, କେବଳ ନିଜ ଚାକିରି, ପରିବାର ଓ ମୋ ସାହିତ୍ୟ କୃତି ମଧ୍ୟରେ ନିଜକୁ ବନ୍ଦୀ ରଖିପାରିନାହିଁ ଯେହେତୁ ବାଲ୍ୟକାଳରୁ ବିବେକାନନ୍ଦଙ୍କ ଆଦର୍ଶରେ ସମାଜ ପାଇଁ ବା ଅନ୍ୟ ପାଇଁ ବିଶେଷତଃ ଜନ୍ମଭୂମି ପାଇଁ ବଳି ପ୍ରଦତ୍ତ ଭାବନାରେ ମୁଁ ଆବଲ୍ୟରାୁ ଦୀକ୍ଷିତ ହୋଇଥିଲି।

ଜନ୍ମରୁ ତ ଝଡ଼ବିଧ୍ୱସ୍ତ ବିପତ୍ତି ତେଣୁ ଶୈଶବ କାଳରୁ କଠୋର ଜୀବନ ସଂଗ୍ରାମ, ଦାରିଦ୍ର୍ୟ, ବିଭିନ୍ନ ପ୍ରତିକୂଳତାକୁ କଟାଇ ଜୀବନର ଏକ ସ୍ଥିତିରେ ପହଞ୍ଚିବା ପୂର୍ବରୁ ଆଉ ଦିଟି ଆହ୍ୱାନ ମୋତେ ବିବେକାନନ୍ଦଙ୍କ ଉତ୍ସର୍ଗୀକୃତ ଭାବନାରେ ଅନୁପ୍ରେରିତ କଲା ଯାହା ମୋ ନିଜ ସ୍ୱାର୍ଥ ବା ଆତ୍ମପ୍ରତିଷ୍ଠା ପାଇଁ ଉପେକ୍ଷା କରିଥିଲେ ଅନ୍ୟକାହା ଦ୍ୱାରା ସଂପାଦିତ ହୋଇ ପାରି ନଥାନ୍ତା! ସେ ସବୁର ବିସ୍ତୃତ ବୃତ୍ତାନ୍ତ ନଲେଖି ଏଠି ପ୍ରସଙ୍ଗତଃ କେବଳ ଦିପଦ ଉଲ୍ଲେଖ କରୁଛି।

### ଅବଦୁଲ ରହିମ ଗ୍ରନ୍ଥାବଳୀ ସଂପାଦନା ଓ ପ୍ରକାଶନ

ପ୍ରଥମଟି ହେଲା ଫକୀରମୋହନଙ୍କ ପରବର୍ତ୍ତୀ କାଳର ସାରସ୍ୱତ ସାଧକ ଅବୁଦୁଲରହିମଙ୍କ ପାଣ୍ଡୁଲିପି ପ୍ରକାଶନ/ଏକାନ୍ତ ଅପ୍ରତ୍ୟାଶିତ ଭାବେ ଏକ ଜୀର୍ଣ୍ଣ କାଗଜ ଠୁଙ୍ଗାରେ ଲିଖିତ କରଣୀଛଟା ମରହଟ୍ଟୀ ଅମଳର ଅକ୍ଷରକୁ ବହୁ କଷ୍ଟରେ ଆଖିବୁଲେଇ ଜାଣିଲି ଯେ ତାହା କୌଣସି କାହାଣୀର ଛିନ୍ନପୃଷ୍ଠା, ସୂତ୍ର ଧରି ଜାଣିଲି ତାହା ମୋ ଗ୍ରାମର ମୋ ଜନ୍ମ ପୂର୍ବରୁ ଜଣାଶୁଣା ଅମିନ



ସ୍ୱର୍ଗତ ଅବଦୁଲ ରହିମଙ୍କ ହାତଲେଖା। ତାଙ୍କ ଘରର ଛୋଟ ଶିଶୁମାନେ କିଛି ପୁରୁଣା କାଗଜ ଏକ ଚେନାଚୁର ଦୋକାନୀକୁ ବିକି ଦେଇଥିଲେ। ମୁଁ ସେଇ ଦୋକାନୀକୁ ଭେଟି ଏ ସବୁ କେଉଠୁ ପାଇଲ ଜାଣି ତାଙ୍କ ପୁଅ ଅବଦୁଲ ହାଏ ଉସ୍‌ମାନଙ୍କ ଭେଟିଲି। ତାଙ୍କ ବାପା ଲେଖରଲେଖି କରୁଥିବାର ସେମାନେ ଜାଣନ୍ତି ନାହିଁ, ତେବେ କିଛି ଛିନ୍ନ ବିଚ୍ଛିନ୍ନ କାଗଜ ଗଦା ତାଙ୍କ ହାତ ଉପରେ ପଡ଼ିରହିଛି। ସେସବୁକୁ ବାହାରକୁ ଫିଙ୍ଗିବା ପାଇଁ ଯାଉଛନ୍ତି। ମୁଁ ସେସବୁକୁ ଆବର୍ଜନାକୁ ଫିଙ୍ଗିବା ପୂର୍ବରୁ ଦେଖିବାକୁ ଚାହିଁଲି, ସେ କୁଣ୍ଠିତ ହେଲେ ରକ୍ଷଣଶୀଳ ମୁସଲମାନ ପରିବାରକୁ ମୋର ପଶିବା ନିଷିଦ୍ଧ। ମୁଁ ଅନୁରୋଧ କଲି, ମୁଁ ତାଙ୍କ ପୁତ୍ରବତ୍, ତାଙ୍କ ସ୍ତ୍ରୀ ମୋ ମା' ବୟସର, ଯେମିତି ହେଉ ବାହାରକୁ ଫିଙ୍ଗିବାପୂର୍ବରୁ ମୁଁ ଦେଖନ୍ତି, ସେ ନାସ୍ତି କଲେ।

ଦୀର୍ଘଶ୍ୱାସ ଛାଡ଼ି ଫେରିଲି, ପଛରୁ ଶୁଭିଲା - ହେଉ ଶୁଣ ତୁମେ ଯଦି ଏତେ କହୁଛ ମୁଁ ମୋ ଘରର ସ୍ତ୍ରୀ, ଝିଅ ବୋହୂଙ୍କୁ ପଛ ପିଣ୍ଡାରେ ବସାଇ ମାତ୍ର ୧୦ ମିନିଟ୍ ପାଇଁ ଛାତ ଉପରକୁ ଛାଡ଼ିବି କିନ୍ତୁ ଆଜି ନୁହେଁ ପଅର ଦିନ ୧୦ଟାକୁ ଆସ।

ପଅରଦିନ ମୋର ଖଲ୍ଲିକୋଟ ଯିବା କଥା। ତଥାପି ଯିବା ସ୍ଥଗିତ କରି ଯଥା ସମୟରେ ପହଞ୍ଚି ଛାତ ଉପରକୁ ଗଲି। ପୂର୍ବ କାଳିଆ ବିରାଟ ପୁରବନ୍ଦୀ ମାଟି ଛାତଘର ଟାଇଲ ଛପର। ଯାହା ଦେଖିଲି ଆଶ୍ଚର୍ଯ୍ୟ ହେଲି। ହଜାର ହଜାର ପୃଷ୍ଠାର ନାଲିଆ କଷରା ଖାତା ଓ କାଗଜ ଗଦା ଦିନବେଳେ ଅନ୍ଧାର, ଲଣ୍ଠନ ଆଲୁଅରେ କିଛି ସାଉଁଟିଲି, ସେ ଏକ ବଡ଼ ଥଳି ଦେଲେ ସେଥିରେ ସବୁ ଭର୍ତ୍ତି କରି ଆଣିଲି।

- ଏ ସବୁ କିସ କରିବ? ଦୋକାନୀ ବି ଠୁଙ୍ଗା ପାଇଁ ନେବେନି।

ତାଙ୍କ ପ୍ରଶ୍ନରେ ମୁଁ କହିଲି - ପରେ କହିବି, ଆଗେ ଆଖି ପକାଏଁ।

କିଛି ପୁରୁଣାଖବର କାଗଜ ବିନିମୟରେ ଦୋକାନୀ ପାଖରେ ଥିବା ଅବଶିଷ୍ଟ କାଗଜ, ଖାତା ସଂଗ୍ରହ କଲି।

ବେଶ୍ କିଛିମାସ ସେସବୁକୁ ଘଟନା କ୍ରମେ ସଜାଇ ପ୍ରାୟ ଦୁଇତିନି ବର୍ଷ ନିଜ ଅକ୍ଷରରେ ଉତାରିଲି। କିଛି ଛାତ୍ର ଛାତ୍ରୀଙ୍କୁ ପାରିଶ୍ରମିକ ଦେଇ ନିଜେ ଡକାଇ ଲେଖଶଇଲି। କାରଣ ତାଙ୍କ ଅକ୍ଷର କରଣୀ ଛଟା, ପଢ଼ି ବୁଝିବା କଷ୍ଟ, ମୁଦ୍ରଣ ପୂର୍ବରୁ ପୁନଃ ଲିଖନ ଆବଶ୍ୟକ। ପ୍ରାୟ ଦେଢ଼ ହଜାର ପୃଷ୍ଠାର କାଗଜରୁ ୮ଟି ସଂପୂର୍ଣ୍ଣ, ୫ଟି ଅସଂପୂର୍ଣ୍ଣ ଉ ପନ୍ୟାସ, କିଛି ଗଳ୍ପ, କବିତା, ନାଟକ, ଭ୍ରମଣ କାହାଣୀ ଆତ୍ମ ଜୀବନୀକୁ ପାଣ୍ଡୁଲିପି ରୂପେ ଛପାଇବା ପାଇଁ ପ୍ରସ୍ତୁତ କଲି।

କିନ୍ତୁ ପ୍ରକାଶ କରିବ କିଏ? ଅର୍ଥ କାହିଁ। ତାଙ୍କ ଘରର ଜମିଦାର ଭଳି ସମ୍ପତ୍ତି, ମାତ୍ର ସେମାନେ ନିସ୍ପୃହ। ବାଧ୍ୟହୋଇ ଏ ସମ୍ବନ୍ଧରେ ଏକ ପ୍ରବନ୍ଧ ଲେଖି 'ସ୍ୱର୍ଗତ ଲେଖକଙ୍କ ଅଶରୀରୀ ଆତ୍ମା ଭବିଷ୍ୟତ ପିଢ଼ିକୁ ଅପେକ୍ଷା କରି ରହିଛି' ଲେଖି ସମାପ୍ତ କଲି। ବହୁ ଅପେକ୍ଷା ଓ ଅନୁରୋଧ ପରେ ସୌଭାଗ୍ୟକୁ ଝଙ୍କାରେ ତାହା ବହୁ ବିଳମ୍ବରେ ଏକ ସାଧାରଣ ସଂଖ୍ୟାରେ ପ୍ରକାଶ ପାଇଲା। ସମଗ୍ର ଓଡ଼ିଆ ସାହିତ୍ୟରେ ଏକମାତ୍ର ମୁସଲମାନ ସାହିତ୍ୟ ସ୍ରଷ୍ଟା ଅବଦୁଲ ରହିମ। ପ୍ରବନ୍ଧଟି ପ୍ରକାଶ ପରେ ଗ୍ରନ୍ଥାବଳୀ କିମିତି ପ୍ରକାଶ ପାଇବ ସେଇ ଚିନ୍ତାରେ ଘାରି ହେଲି।

ଓଡ଼ିଆ ସାହିତ୍ୟର ଲବ୍ଧ ପ୍ରତିଷ୍ଠ କବି ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ବ୍ରଜନାଥ ରଥଙ୍କୁ 'କନକଲତା' ଉପନ୍ୟାସଟି ପଢ଼ାଇଲି, ସେ ମୁଗ୍ଧ ହେଲେ, ମାତ୍ର ଫକୀରମୋହନ ସାହିତ୍ୟ ପରିଷଦର ଅର୍ଥନାହିଁ ପ୍ରକାଶ କରିବ, ନିରାଶରେ ଘାରି ହେଲି।

ଅପ୍ରତ୍ୟାଶିତ ଭାବେ ଦୁଇଟି ଚିଠି ପାଇଲି। ଶିବପ୍ରସାଦ ସ୍ୱାଇଁ ନାମରେ ଜଣେ ପୁରୀ ଅଞ୍ଚଳର ପାଠକ ନିଜେ କିଛି ଅନ୍ୟମାନଙ୍କଠାରୁ ଟଙ୍କା ସଂଗ୍ରହ କରି ପଠାଇବେ - ଏ ଭରସା ଦେଲେ।

(କ୍ରମଶଃ)

+ସାଧନାଳୟ, ବିକାଶନଗର,
ବାଲେଶ୍ୱର, ମୋ: ୯୪୩୭୭୫୪୭୯୬

## ● ଆଜିର ଗଳ୍ପ ●


# ଜୀବନ

## ଲଳିତ ମୋହନ ମିଶ୍ର



ଜୀବନ ଜନ୍ମରୁ ଆରମ୍ଭ ଆଉ ମୃତ୍ୟୁରେ ଶେଷ । ଉଭୟଙ୍କର ସମୟ ଅବଧି କ୍ଷଣିକ ଆଉ ଅଳିକ। ଦିନଟାହେଁ ରାତି ନ ଆସୁ । ଆଉ ଜୀବନ ଚାହେଁ ମୃତ୍ୟୁ ନ ଆସୁ । ଦିନ ଆଉ ରାତି ଜନ୍ମ ଆଉ ମୃତ୍ୟୁ ଠିକ୍ ଏକା କଥା । ଦିବସ ଦିନରୁ ଆରମ୍ଭ ଆଉ ରାତିରେ ଶେଷ କିନ୍ତୁ କାହାର ଜୀବନ କେମିତି ! ! ! କାହାର ଜୀବନ ସୁଖରେ ଯାଉଛି ତ.... କାହାର ଜୀବନ ଅନେକଙ୍କ ଜୀବନ ସହିତ ଜଡିତ ହୋଇ ଅନେକଙ୍କୁ ଦୁଃଖ ସାଗରରେ ଭସାଇ ଦେଇ ଯାଉଛି....

ପାହାଡ଼ ତଳ ଲଡୁକେଶ୍ୱର ଶିବ ମନ୍ଦିରରେ ଯାତ୍ରା ଚାଲିଛି ଗତକାଲି ଠାରୁ । ଯାତ୍ରା ଦେଖିବା ପାଇଁ ଶହ ଶହ ଲୋକଙ୍କ ଭିଡ । କାଲିଠାରୁ ରାମାୟଣ ନାଟକ ଚାଲିଛି ଯେ ଏତେବେଳେ ପର୍ଯ୍ୟନ୍ତ ସରିବାର ନାଁ ଧରୁନି । ଲୋକ ଖାଇପିଇ ପୁଣି ନାଟ ଦେଖିବାକୁ ବସି ଗଲେଣି । ଭଳିକି ଭଳି ଦୋକାନ ବଜାର । ଲୁହା ଠାରୁ ଆରମ୍ଭ କରି ଜଳଖିଆ ପର୍ଯ୍ୟନ୍ତ କେତେ ପ୍ରକାରର ପଡିଛି ଦୋକାନ । ସନ୍ଧ୍ୟା ହେଲେ ଲୋକମାନଙ୍କ ଖାଇବା ପିଇବା ସାଙ୍ଗକୁ ରାମ ଦୋଳିର ମଜା କିଛି ନିଆରା । ରାତି ହେଲେ ଅପେରା ପାର୍ଟି। ତ୍ରିନାଥ ଗୌରୀ ତୁଳସୀ ଏ ବର୍ଷ ଆସିଛି ତିନୋଟି ଅପେରା ପାର୍ଟି । ଦୁର-ଦୁରାନ୍ତରୁ ଆସୁଛନ୍ତି ଲୋକେ ଯାତରା ଦେଖିବାକୁ ।



ରାମ ପ୍ରଧାନୀର ଦୁଆରେ ନାଟ ଯାତରା ହେଉଛି କିନ୍ତୁ ତାର ଏ ସବୁଥିରେ ମନ ନାହିଁ । ଗୋଟିଏ ବୋଲି ଝିଅ ନୀତା । ଝିଅଟିକୁ ଜନମ କରି ତାର ମାଆ ବିଳାସ ଆର ପାରିକୁ ଚାଲିଗଲା । ରାମ ପ୍ରଧାନୀ ହେଲା ନୀତାର ବାପା ଆଉ ମାଆ । କେହି ଝିଅଟିର ଉପଯୁକ୍ତ ଯତ୍ନ ନେଇ ପାରିବ ନାହିଁ ବୋଲି ଦ୍ୱିତୀୟ ବିବାହ କଲା ନାହିଁ ପ୍ରଧାନୀ । ହଷ୍ଟେଲରେ ରହି ପାଠ ପଢିଲେ ଏକାକୀ ଲାଗିବ ବୋଲି ଘରେ ରଖି ପାଠ ପଢାଇଲା ଝିଅକୁ । ଝିଅ ଫରେଷ୍ଟି ଭୁବନେଶ୍ୱରରେ ରହି ପଢିଲା। ଦୁଇ ବର୍ଷ ଟ୍ରେନିଂ ନେଲା । ଆଜି ମନ୍ତ୍ରୀଙ୍କ ହାତରୁ ନିଯୁକ୍ତି ପତ୍ର ପାଇବ । ସେଥିପାଇଁ ରାମ ପ୍ରଧାନିର ଆଖିରେ ନିଦ ନାହିଁ ।

ଝିଅ ନିତ୍ୟକର୍ମ ସାରି ବାହାରିବାକୁ ପ୍ରସ୍ତୁତ ହେଉଛି । ବସ୍‌ରେ ଯିବାକୁ ପଡିବ ଭୁବନେଶ୍ୱର । ତାହାପରେ ଉତ୍ସବ ସ୍ଥଳକୁ ଅଟୋରେ ଯିବାକୁ ପଡିବ । ସେଥିପାଇଁ ମନରେ ଭାରି ବ୍ୟଗ୍ର । ଭୋର୍ ପାଞ୍ଚଟା ବେଳକୁ ବସ୍ ଅଛି । ନଅଟା ସମୟରେ ପହଞ୍ଚାଇ ଦେବ ଭୁବନେଶ୍ୱରରେ । ବାପ ଝିଅ ବସ୍‌ରେ ବସିଲେ ଆଉ ଠିକ୍ ନଅଟା ବେଳେ ବସ୍‌ଟି ପହଞ୍ଚାଇ ଦେଲା । ଗୋଟିଏ ଅଟୋ ଧରି ବାପଝିଅ ଚାଲିଲେ । ଉତ୍ସବ ସ୍ଥଳର ଗେଟ୍‌ର କେତେ ଆଗରୁ ଭିଡ । ଅଭିଭାବକ ମାନେ ଯେ ଯାହାର ପିଲାକୁ ନେଇ କାର୍‌ରେ ଆସିଛନ୍ତି । ଅଟୋଟିକୁ ଯିବା ଆସିବା ତୁଟେଇ ଦେଇଥାଏ ନୀତା । ଟିକେ ଭିଡ ରାସ୍ତା ତେଣୁ ସେ ଭିତରକୁ ଗଲାବେଳେ କହିଗଲା -


ବାପା ! ତୁମେ ଅଟୋକୁ ଧରି ଏହି ଯାଗାରେ ରହିଥାଅ । ଗାଡିରୁ ବାହାରକୁ ବାହାରିବନି। ଯଦି କିଏ କିଛି ପଚାରେ କୌଣସି ଉତ୍ତର ଦେବନି। ଆଜି ଅଫିସ୍‌ରେ ମୋର ପ୍ରଥମଦିନ। ମୋ ସହ ବହୁତ ବଡବଡିଆ ଲୋକଙ୍କ ପିଲା ଏ ଯାଗାରେ ନିଯୁକ୍ତି ପାଇଛନ୍ତି। ସେ ପିଲାମାନେ ଦାମୀ କାରରେ ନିଜ ବାପାମାଆଙ୍କ ସହ ଆସିଥିବେ ନିହାତି । ପରିଚୟ ସମାରୋହ ଧୂମଧାମରେ ହେବ ବୋଲି ଚିଠିରେ ଲେଖାଥିଲା। ସବୁ ସରିଲେ ମୁଁ ଫୋନ୍ କରିଦେବି। ଭୋକ ଲାଗିଲେ କଣ ଟିକେ ଖାଇଦେଇ ଅଟୋରେ ବସିଥିବ। ପକେଟରୁ ମଳିଛିଆ ରୁମାଲ କାଢି ମୁହଁ ପୋଛି ଝିଅ ଆଡକୁ ଚାହିଁଲେ ବୃଦ୍ଧ ରାମ।

- ତୁ ଜମା ବ୍ୟସ୍ତ ହେବୁନିରେ ମାଆ ! ତୋ ବୁଢା ବାପା ଏଇ ଯାଗାରେ ଅପେକ୍ଷା କରିଥିବ। ମୋର ଏତେ ବର୍ଷର ତପସ୍ୟା ଆଜି ସଫଳ ହୋଇଛି। ତୋ ମାଆ ବଞ୍ଚିଥିଲେ ଆଜି କେତେ ଖୁସି ହୋଇଥାଆନ୍ତା ନା !

ସେତିକି ବେଳକୁ ନିତା ରାମଙ୍କ ଆଖି ସାମ୍ନାରୁ ଅଦୃଶ୍ୟ ହୋଇସାରିଥିଲା। ରାମ ଭାବୁଥାଏ ଆଜି ବିଳାସ ଥିଲେ ସାଥି ହୋଇ ଆସିଥାନ୍ତୁ, ମନରେ କେତେ ଆନନ୍ଦ ଆସିଥାନ୍ତା । ହେଲେ ବିଧାତାର ବିଚାର ଅନ୍ୟ କିଛି । ହେଉ ପ୍ରଭୁ ଯାହା ଦେଇଛନ୍ତି ତାକୁ ନେଇ ଖୁସି ।

ସଭାକାର୍ଯ୍ୟ ଆରମ୍ଭ ହୋଇ ଗଲାଣି । ସମସ୍ତଙ୍କର ଭାଷଣ କାର୍ଯ୍ୟକ୍ରମ ଚାଲିଛି । ରାମ ପ୍ରଧାନୀ ଅଟୋରେ ବସି ଶୁଣୁଛି । ବହୁ ବଡ ବଡ ଲୋକଙ୍କର ଯିବା ଆସିବା ଚାଲିଛି । ଝିଅ ମନା କରିଛି କୁଆଡେ ଯିବାକୁ । ତେଣୁ ଅଟୋରେ ବସି ସବୁ ଶୁଣୁଛି ଅନୁଭବ କରୁଛି । ଭାଷଣ ପର୍ବ ସରିଲା ବର୍ତ୍ତମାନ ନିଯୁକ୍ତିଧାରିଙ୍କୁ ମଞ୍ଚ ଉପରକୁ ଡାକି ନିଯୁକ୍ତି ପତ୍ର ଦିଆହେଉଛି । ନୀତା ପ୍ରଧାନୀର ନାମ ଡାକିଲେ ; ନୀତା ଆନନ୍ଦରେ ମଞ୍ଚ ଉପରେ ଅତିଥିଙ୍କଠାରୁ ନିଯୁକ୍ତି ପତ୍ର ଅତି ଆଗ୍ରହ ସହକାରେ ଗ୍ରହଣ କଲା । ମଞ୍ଚ ଉପରୁ ଓହ୍ଲାଇବା ବେଳକୁ ଜଣେ ଅତିଥି ପ୍ରଶ୍ନ କଲେ ; ତୁମ ସଫଳତାର ଶ୍ରେୟ କିଏ ? ନୀତା ହସି ହସି ଉତ୍ତର ଦେଇଥିଲା ମୋର ବାପା ।

ରାମ ପ୍ରଧାନୀ ଅଟୋ ବସି ଶୁଣୁଥାଏ ଏବଂ ନିଜକୁ କୃତାର୍ଥ ମଣୁଥାଏ । ମୋର ଆଜି ଜୀବନ ସଫଳ ହେଲା ବୋଲି ଭଗବାନଙ୍କଠାରେ କୃତଜ୍ଞତା ଜ୍ଞାପନ କରୁଥାଏ। ନୀତା ନିଯୁକ୍ତି ପତ୍ର ପାଇ ବାପାଙ୍କଠାରୁ



ଆଶୀର୍ବାଦ ନେବାକୁ ଗେଟ୍ ବାହାରକୁ ଆସୁଥାଏ ।

ଗେଟ୍ ବାହାରେ ଲୋକଙ୍କର ଭିଡ । କିଏ ୧୦୧ ଆମ୍ବୁଲାନ୍ସକୁ ଫୋନ୍ କରୁଥାଏ ତ କିଏ.... ଏହା କିପରି ଘଟିଲା ପ୍ରଶ୍ନ କରୁଥାଏ । କିନ୍ତୁ ନୀତା ଖୋଜୁଥାଏ ବାପା ବସିଥିବା ଅଟୋକୁ । ବାପାଙ୍କୁ ଖୁସି ଖବରଟା ଜଣାଇବା ପାଇଁ ତାର ଉତ୍କଣ୍ଠା । ଗହଳି ଭିତରେ ଅଟୋକୁ ନ ପାଇ ଦୁଃଖିତ । ଅଟୋଟି କୁଆଡେ ଗଲା... ବିଭିନ୍ନ ପ୍ରଶ୍ନ... ବିଭିନ୍ନ ଆଶଙ୍କା ।

ଲୋକଙ୍କ ଗହଳି ଭିତରେ ବାପାଙ୍କ ସେହି ଚିରାଚରିତ ଗାମୁଛାଟି ତଳେ ପଡି ଥିବାର ଦେଖିଲା । ଲୋକମାନଙ୍କୁ ଆଡେଇ ଗହଳି ଭିତରକୁ ପସିଗଲା । ଏଭଳି ଦୃଶ୍ୟ ଦେଖି ହତବାକ୍ ହୋଇଗଲା । ଆକାଶଟା ଯେମିତି ତା ଉପରେ ଛିଣ୍ଡି ପଡିଲା ସେମିତି ଲାଗିଲା । ଏ କି କରୁଣ ଦୃଶ୍ୟ । ବାପା ରକ୍ତରେ ଜୁଡୁବୁଡୁ ହୋଇ ଛଟପଟ ହେଉଛନ୍ତି । ଅଟୋ ଡ୍ରାଇଭରର ନିସ୍ତେଜ ଶରୀର। ସଙ୍ଗେ ସଙ୍ଗେ ୧୦୧ ଆମ୍ବୁଲାନ୍ସ ଗାଡି ଲାଗିଗଲା । ବାପାଙ୍କ ସାଥିରେ ନୀତା ମେଡିକାଲ ଚାଲିଲା । ମେଡିକାଲ ନେବା ବାଟରେ ରାମ ପ୍ରଧାନୀ ଆର ପାରିକୁ ଚାଲିଗଲେ ।

ଦୁର୍ଘଟଣା ଘଟାଇ ଥିବା ବୋଲେରୋ ଗାଡ଼ିଟି ଜଣେ ନିଯୁକ୍ତି ପାଇଥିବା ଅଭିଭାବକଙ୍କ ଗାଡି । ନୀତା ଭାଙ୍ଗି ପଡିଲା ଏହି ସମୟରେ ଯିଏ ଅତ୍ୟଧିକ ଖୁସି ଆନନ୍ଦ ଆଣିଥାନ୍ତେ ସେ ଝିଅକୁ ଏକାକୀ ଛାଡି ଚାଲିଗଲେ କିଏ ବିଶ୍ୱାସ କରିପାରୁ ନ ଥିଲେ । ଗୋଟେ ପଟେ ସୁଖ ବଦଳରେ ଗଭୀର ଦୁଃଖ । କୁହନ୍ତି ବିଶ୍ୱାସ ଭରସା ଟଳମଳ ହେଲେ ନିଶ୍ୱାସ ରୁଦ୍ଧ ହୋଇଯାଏ। ଆଉ ଜୀବନ ନାଟିକା ଚାଲିଥାଏ ସିନା ଜୀବନର ମାନେ ଖୋଜୁଥାଏ । ନୀତା ବାସ୍ତବ ଜୀବନର ମାନେ ଖୋଜୁଥାଏ । ସତରେ ଆମ ଜୀବନ ଏ ସବୁ ସୁଖ ଦୁଃଖକୁ ନେଇନା..... ।

+ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
ଚନ୍ଦ୍ରଗିରି, ଗଜପତି, ୯୪୩୭୯୮୫୮୬୬

## କୋଟିଆ ବିବାଦ

# ରାଜ୍ୟ ସରକାର ଅବିଳମ୍ୱେ ସର୍ବଦଳୀୟ ବୈଠକ ଡକାଇ ଏକ କ୍ଷମତା ସମ୍ପନ୍ନ ସର୍ବଦଳୀୟ କମିଟି ଗଠନ କରନ୍ତୁ : ସିପିଆଇ

ଜୟପୁର,୨୧।୨ (ନି.ପ୍ର): କୋଟିଆ ବିବାଦ ନେଇ ସୁପ୍ରିମକୋର୍ଟରେ ଓଡିଶାର ଅପିଲ ଉପରେ ଶୁଣାଣି ନୈରାଶ୍ୟଜନକ ବୋଲି କୋରାପୁଟ ଜିଲା ସିପିଆଇ ଏକ ସାମ୍ବାଦିକ ସମ୍ମିଳନି ଆୟୋଜନ କରି ସୂଚନା ଦେଇଛି । ଜୟପୁର ଶ୍ରମିକ ଭବନ ଠାରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନିରେ ସୂଚନା ଦେଇ କୁହାଯାଇଛି ଯେ, ଏହି କଥାରେ ଅବିଶ୍ୱାସ କରିବାର ନାହିଁ ଯେ ଓଡିଶା ସରକାରଙ୍କ ଓକିଲ ସମସ୍ତ ଦଲିଲ୍ ନଥିପତ୍ର ପ୍ରମାଣ ସ୍ୱରୂପ ଦାଖଲ କରିଥିଲେ । ଯେଉଁ ଆଧାରରେ ୨୦୦୬ ମସିହାରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ନାମା ପାରିତ କରିଥିଲେ ଏବଂ ଗତକାଲି ସୁପ୍ରିମ କୋର୍ଟ ଆନ୍ଧ୍ର ପ୍ରଦେଶର ବିଜୟନଗରମ ଜିଲାର ଜିଲାପାଳ ଯେଉଁ ସତ୍ୟପାଠ ଦାଖଲ କରିଛନ୍ତି ତାର ତଥ୍ୟ ଏବଂ ସୁପ୍ରିମକୋର୍ଟ ଓଡିଶାକୁ ସାକ୍ଷି ପ୍ରମାଣ ସହ ପକ୍ଷ ରଖିବା ପାଇଁ ଦେଇଥିବା ୪ ସପ୍ତାହ ସମୟ ସମୁଦାୟ ଘଟଣା ବଳିକୁ ଗୋଳମାଳିଆ କରି ଦେଇଛି । ଏହି ଜମି ବିବାଦର ସମାଧାନ ପାଇଁ ଯୁଦ୍ଧକାଳିନ ଭିତିରେ ଏକ ଉଚ୍ଚ କ୍ଷମତା ସମ୍ପନ୍ନ ପାର୍ଲାମେଂଟାରି କମିଟି ଗଠନ ହେଉ । ଏବଂ ୧୯୩୬ ମସିହାରୁ ଏ ଯାବତ୍ ଯେତେ ଦଲିଲ୍ ପତ୍ର ରହିଛି ତାର ତଥ୍ୟ ଅନୁଯାୟୀ ସୀମା ନିର୍ଦ୍ଧାରଣ କରି ଏହି ବିବାଦକୁ ସବୁ ଦିନ ପାଇଁ ସ୍ଥାୟୀ ଭାବେ ସମାଧାନ କରାଯାଉ । ଓଡିଶାର ପାର୍ଲାମେଂଟ ସଦସ୍ୟ ମାନେ ଦଳ ମତ ନିର୍ବିଶେଷରେ ସଂସଦରେ ତୁରନ୍ତ ଦାବି ଉଠାଇ କେନ୍ଦ୍ର ସହ ସରକାରଙ୍କ ହସ୍ତକ୍ଷେପ ଲୋଡ଼ନ୍ତୁ । ଓଡିଶାର ରାଜ୍ୟପାଳ ଏ ବିଷୟରେ କେନ୍ଦ୍ରକୁ ଅବଗତ କରାନ୍ତୁ । ରାଜ୍ୟ ସରକାର ଅବିଳମ୍ୱେ ସର୍ବଦଳିୟ ବୈଠକ ଡକାଇ ଏକ କ୍ଷମତା ସମ୍ପନ୍ନ ସର୍ବଦଳିୟ କମିଟି ଗଠନ କରନ୍ତୁ । ସେହି କମିଟି ଭାରତ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଏବଂ କେନ୍ଦ୍ର ସରକାରଙ୍କ ବିଭାଗୀୟ ସଚିବ ମାନଙ୍କୁ ସାକ୍ଷାତ୍ କରି ବିଶଦ ଆଲୋଚନା କରି ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରନ୍ତୁ । ଏହି ବିବାଦ ନିଶ୍ଚୟ ଭାବେରେ ଦୀର୍ଘ ଦିନର ଏବଂ ସରକାର ମାନେ ପରିସ୍ଥିତି ଅନୁସାରେ ପଦକ୍ଷେପ ନେଇଛନ୍ତି । କିନ୍ତୁ, କିଛି ତ୍ରୁଟି ବିଚ୍ୟୁତି ରହିଥାଇ ପାରେ । ପ୍ରାୟ ସବୁ ଦଳ ଏବଂ ବିଭିନ୍ନ ସଂଗଠନ ଏବଂ ସମସ୍ତ ଗଣ ମାଧମ ପ୍ରତିନିଧି ଘଟଣା ସ୍ଥଳକୁ ଯାଇଛନ୍ତି । ଓଡିଶାର ସରକାର କୋଟିଆ ଗ୍ରାମ ନିମନ୍ତେ ଭିତିଭୂମିର ବିକାଶ ପାଇଁ ବହୁ ଅର୍ଥ ବିନିଯୋଗ କରିଛନ୍ତି । କେବଳ ୯୫ କିମି ରାସ୍ତା ନିର୍ମାଣ ହୋଇଛି । ସବୁ ଅଫିସ ଦପ୍ତର ରହିଛି । ଏହା ସତ୍ୱେ ବି ଆନ୍ଧ୍ର ସରକାର ବାର୍ଦ୍ଧକ୍ୟ ଭତା, ଶିକ୍ଷା ପାଇଁ କିଛି ଆଖି ଦୃଶିଆ ସାହାଯ୍ୟ ଦେଉଛି । ଭାରତ ସରକାର ନୋଟିଫିକେସନର କୋଟିଆ ଗ୍ରାମ ପୁଞ୍ଜକୁ ଓଡିଶାରେ ଅର୍ନ୍ତଭୁକ୍ତ କରି ସ୍ୱତନ୍ତ୍ର ପ୍ରଦେଶ ଗଠନ କରିଥିଲେ , ତେଣୁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ କଥା ଶୁଣିବାକୁ ବାଧ ବୋଲି କୋରାପୁଟ ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ପ୍ରମୋଦ ମହାନ୍ତି, ରାମକୃଷ୍ଣ ଦାସ, ନିତ୍ୟାନନ୍ଦ ପାତ୍ର ପ୍ରମୁଖ ଦାବି କରିଛନ୍ତି ।

# ରାଜ୍ୟପାଳ ପଦବୀରୁ ଇସ୍ତଫା ଦେଇ ବିଶ୍ୱଭୂଷଣ କୋଟିଆ ଆନ୍ଦୋଳନରେ ସାମିଲ ହୁଅନ୍ତୁ : ଆମ ଅଧିକାର

ଭୁବନେଶ୍ୱର,୨୧।୨ (ନି.ପ୍ର): କୋଟିଆ ପ୍ରସଙ୍ଗରେ ବିଜେପି ପର୍ଯ୍ୟଟନ ରାଜନୀତି ବନ୍ଦ କରୁ ଏବଂ ଆନ୍ଧ୍ର ରାଜ୍ୟପାଳ ପଦରୁ ଇସ୍ତଫା ଦେଇ ବିଶ୍ୱଭୂଷଣ ହରିଚନ୍ଦନ କୋଟିଆ ଆନ୍ଦୋଳନରେ ସାମିଲ ହୁଅନ୍ତୁ ବୋଲି 'ଆମ ଅଧିକାର' ସଂଗଠନ ପକ୍ଷରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି । ରାଜ୍ୟ ଆବାହକ ଅମିୟ ପାଣ୍ଡବ, ମହାସଚିବ ଗଣେଶ ଦାଶ, ସମ୍ପାଦକ ପାର୍ଥସାରଥୀ ଜେନା ଓ ସଞ୍ଜୟ ପରିଡ଼ା ପ୍ରମୁଖ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପିର ଦୋମୁହାଁ ରାଜନୀତିର ପର୍ଦ୍ଦାଫାଶ କରିଛନ୍ତି । ବିଜେଡ଼ି ସହ ଦୁଇ ଦୁଇଥର ସରକାରରେ ଥିବାବେଳେ ରାଜସ୍ୱ ବିଭାଗ ଦାୟିତ୍ୱରେ ବିଜେପିର ମନ୍ତ୍ରୀମାନେ ଥିଲେ ମଧ ସେମାନେ କେତେଥର କୋଟିଆ ଅଞ୍ଚଳ ଗ୍ରସ୍ତ କରିଛନ୍ତି, ସେଠାକାର ଜନସାଧାରଣଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି ଓ ସମାଧାନ ଦିଗରେ କି କି ଠୋସ ପରାମର୍ଶ, ପ୍ରସ୍ତାବ ବା ଯୋଜନା ପ୍ରଣୟନ କରିଛନ୍ତି, ତାର ହିସାବ ରାଜ୍ୟଶାଖା ବିଜେପି ପ୍ରଦାନ କରୁ ବୋଲି ସେମାନେ ଦାବି କରିଛନ୍ତି । ସୂଚନାଯୋଗ୍ୟ ଯେ, ୨୦୦୬ ମସିହାରେ ସୁପ୍ରିମକୋର୍ଟଙ୍କ ରାୟ ପରେ ସରକାରରେ ଅଂଶୀଦାର ଥିବା ବିଜେପି ଏଥିନେଇ କୌଣସି ପଦକ୍ଷେ ଗ୍ରହଣ କରିନଥିଲା ବେଳେ ଏବେ ଯେଉଁ ଅଭିଯୋଗ ବାଢୁଛି ତଦ୍ୱାରା ବିଜେପି ଦୋଷମୁକ୍ତ ହୋଇପାରିବ ନାହିଁ। ସେହିପରି ବିଜେଡ଼ି ବିଧାୟକଙ୍କ ସମର୍ଥନରେ ରାଜ୍ୟସଭା ସାଂସଦ ହୋଇଥିବା ବିଜେପିର ଅଶ୍ୱିନୀ ବୈଷ୍ଣବ ଏ ସମ୍ପର୍କରେ ନୀରବ ଏବଂ ନିର୍ଲିପ୍ତ କାହିଁକି ତାହାର ଜବାବ ବିଜେପି ଦେବାର ସତସାହସ ଅଛି କି? ସେହିପରି କୋଟିଆ ପ୍ରସଙ୍ଗରେ ରାଜ୍ୟ ବିଜେପି ପକ୍ଷରୁ ନାନାଦି ନାଟକବାଜୀ ଚାଲିଛି । ବିଜେପିର ନେତୃବୃନ୍ଦ ରାଜନୈତିକ ଫାଇଦା ଲୁଟିବା ଲକ୍ଷ୍ୟରେ ଦଳବଳ ନେଇ ସେଠାକୁ ପିକ୍‌ନିକ୍ କରିବାକୁ ଯିବା ହାସ୍ୟାସ୍ପଦ ।

# ବିଶ୍ୱ ସାମାଜିକ ନ୍ୟାୟ ସଚେତନତା ଦିବସ ପାଳିତ

କଣାସ, ୨୦ ଫେବୃଆରୀ (ହି.ସ.)- ପୁରୀ ଜିଲ୍ଲା କଣାସ ବ୍ଲକ୍ ଅନ୍ତର୍ଗତ ଦୟାବିହାର ମହାବିଦ୍ୟାଳୟର ଏନ୍.ସି.ସି ୟୁନିଟ୍ ପକ୍ଷରୁ ଆଜି ବିଶ୍ୱ ସାମାଜିକ ନ୍ୟାୟ ସଚେନତନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ମହାବିଦ୍ୟାଳୟର ଏନ୍.ସି.ସି ଅଫିସର କ୍ୟାପଟେନ୍ ପ୍ରତାପ କେଶରୀ ହରିଚନ୍ଦନ କ୍ୟାଡେଟ୍ ମାନଙ୍କ ଦ୍ୱାରା ଆୟୋଜିତ ସମାବେଶରେ ଉଦବୋଧନ ଦେଇ ଦାରିଦ୍ର୍ୟତା, ଲିଙ୍ଗଗତ ସମାନତା, ବେକାରୀ ସମସ୍ୟା, ମାନବିକ ଅଧିକାର ସୁରକ୍ଷା, ନାରୀ ସଚେତନତା, ପୁରୁଷ-ନାରୀ ମଧ୍ୟରେ ସାମାଜିକ ସମାନତା ଇତ୍ୟାଦି ବିଷୟରେ ଆଲୋକପାତ କରି ନିକଟ ଗ୍ରାମରେ ପ୍ରଚାରପତ୍ର ବ୍ୟାନର ସହିତ ବିଭିନ୍ନ ସ୍ଲୋଗାନ୍ ଦେଇ ସଚେତନତା ବର୍ତା ବାଂଟିଥିଲେ । ଏହି ସମାବେଶରେ ସିନିୟର କ୍ୟାଡେଟ୍ ସର୍ବେଶ୍ୱର ପ୍ରଧାନ, ଶୁଭେନ୍ଦୁ ସାହୁ, ଉମେଶ ଦଳାଇ, ସୁପ୍ରିୟା ସାମନ୍ତରାୟ, ଧରାଶ୍ରୀ ଶ୍ରୀଚନ୍ଦନ, ରଜତ କୁମାର ପ୍ରଧାନ, ସ୍ନେହାଶୀ ସାହୁ ଇତ୍ୟାଦି ଯୋଗଦେଇ କାର୍ଯ୍ୟକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ରୋଟାରୀ କ୍ଲବ ପକ୍ଷରୁ ରାଜମିସ୍ତ୍ରୀ ପ୍ରଶିକ୍ଷଣ ଶିବିର

## ତାପମାତ୍ରା ନିୟନ୍ତ୍ରଣପ୍ରାପ୍ତ ହାଲକା ଇଟାର ବ୍ୟବହାର ଉପରେ ଗୁରୁତ୍ୱ

ବାଲେଶ୍ୱର,୨୧।୨ (ନି.ପ୍ର): ବାଲେଶ୍ୱର ରୋଟାରୀ କ୍ଲବ ଓ ଉତ୍କଳ ଆଜଷ୍ଟେକ୍ସ ଇଣ୍ଡଷ୍ଟ୍ରିଜର ମିଳିତ ଆନୁକୂଲ୍ୟରେ ନିର୍ମାଣ କାର୍ଯ୍ୟରେ ଅତ୍ୟାଧୁନିକ ଜ୍ଞାନ କୌଶଳରେ ପ୍ରସ୍ତୁତ ଇଟାର ବ୍ୟବହାର ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି । ରୋଟାରୀ କ୍ଲବ ସଭାପତି ବିଷ୍ଣୁ ଦାସ ଏଥିରେ ସଭାପତିତ୍ୱ କରିବା ସହିତ ପ୍ରଶିକ୍ଷଣ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ରୋଟାରିଆନ ସୌରଭ ବେହେରା, ଉତ୍କଳ ଆଜଷ୍ଟେକ୍ସ ଇଣ୍ଡଷ୍ଟ୍ରିଜର ପ୍ରତିନିଧି ଅରୁଣ କୁମାର ମିଶ୍ର ଓ ଟେକ୍ନିକାଲ ପର୍ସନ ସମ୍ବୁଧ ବିଶ୍ୱାସ ପ୍ରମୁଖ ଏଥିରେ ଯୋଗଦେଇ ସାମ୍ପ୍ରତିକ ସମାଜରେ ନିର୍ମାଣ କାର୍ଯ୍ୟକୁ ସ୍ୱଳ୍ପ ସମୟ ଭିତ୍ତିକ ଓ ସହଜ କରିବାରେ ନୂତନ ଜ୍ଞାନ କୌଶଳରେ ନିର୍ମିତ ଇଟାର ବ୍ୟବହାର ସମ୍ପର୍କରେ ଆଲୋଚନା କରିଥିଲେ । ବିକଶିତ ରାଷ୍ଟ୍ରଙ୍କ ଉନ୍ନତ ଟେକ୍ନୋଲୋଜି ବ୍ୟବହାରରେ ପ୍ରସ୍ତୁତ ଏହି ଇଟା ଗୃହ ନିର୍ମାଣ କ୍ଷେତ୍ରରେ ଅତ୍ୟନ୍ତ ଉପାଦେୟ ସାବ୍ୟସ୍ତ ହୋଇପାରିଛି ବୋଲି ବକ୍ତାମାନେ ପ୍ରକାଶ କରିଥିଲେ । ଏହି ଇଟା ପଶ୍ଚିମବଙ୍ଗର ବାଗନାନ, ଝାଡ଼ଖଣ୍ଡ ଓ ଓଡ଼ିଶାର ବିଭିନ୍ନ ସ୍ଥାନରେ ତିଆରି ହେଉଥିଲେ ବି ବାଲେଶ୍ୱର ସମେତ ଓଡ଼ିଶାରେ ବେଶ ଉପଲବ୍ଧ ହେଉଥିବା ସେମାନେ କହିଥିଲେ । ଫ୍ଲାଏ ଆସ ସାଙ୍ଗକୁ ଜିପସମ, ଓ ଅନ୍ୟାନ୍ୟ ସାମଗ୍ରୀରେ ମିଶ୍ରଣରେ ପ୍ରସ୍ତୁତ ଏହି ଇଟାରେ ତାପମାତ୍ରା ନିୟନ୍ତ୍ରଣରେ ଅଧିକ ସହାୟକ ହୋଇପାରିଛି । ସାଧାରଣ ଇଟାଠାରୁ ଏହି ଇଟାର ଆକାର ବଡ଼ ଓ ହାଲକା ହୋଇଥିବା ବେଳେ ଏଥିରେ ବଡ଼ ବଡ଼ ବିଲ୍ଡିଂ ନିର୍ମାଣ ସହଜ ହୋଇପାରିଛି ବୋଲି ବକ୍ତାମାନେ ମତ ଦେଇଥିଲେ । ଏହାର ବ୍ୟବହାର ପ୍ରଣାଳୀ ସମ୍ପର୍କରେ ସେମାନେ ଉପସ୍ଥିତ ନିର୍ମାଣ ମିସ୍ତ୍ରୀ ତଥା ରାଜମିସ୍ତ୍ରୀଙ୍କୁ ସେମାନେ ବୁଝାଇଥିଲେ । ବରିଷ୍ଠ ରୋଟାରିଆନ ସୁବ୍ରତ କର, ପରେଶ କୁମାର ଗାଏନ, ଭି ଉଦୟ କୁମାର, ଯାଗେଶ ସାହା, ସୁଖମୟ ଦାସ, ଅଜିତେଶ୍ୱର ମହାନ୍ତି, ସନ୍ତୋଷ ନାୟକ, ଭୋଲାନାଥ ବେହେରା, ଯଶୋଦାନନ୍ଦନ ଆଶ, ସତ୍ୟନାରାୟଣ ନନ୍ଦ ପ୍ରମୁଖ ଏଥିରେ ଉପସ୍ଥିତ ରହି ପ୍ରଶିକ୍ଷଣ ଶିବିର ପରିଚାଳନା କରିଥିଲେ । ବାଲେଶ୍ୱର ରୋଟାରୀ କ୍ଲବ ସମ୍ପାଦକ ପ୍ରଦୀପ୍ତ କୁମାର ପଣ୍ଡା ଏହି ଶିବିରରେ ପ୍ରାକ ସୂଚନା ପ୍ରଦାନ ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲାର ବିଭିନ୍ନ ଅଞ୍ଚଳରୁ ବହୁ ରାଜମିସ୍ତ୍ରୀ ଏହି ଶିବିରରେ ଯୋଗ ଦେଇଥିଲେ ।

# ଅଟୋ ସହ ୧୮୩ କେଜି ଗଞ୍ଜେଇ ଜବତ

ଜୟପୁର,୨୧।୨ (ନି.ପ୍ର): ଜୟପୁର ସଦର ପୋଲିସ ଅଟୋରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଚଢଉ କରିଛି । କୌଣସି ସୂତ୍ରରୁ ଖବର ପାଇ ଜୟପୁର- ବୈପାରିଗୁଡା ରାସ୍ତାର ପାତ୍ରପୁଟ ଠାରେ ସଦର ପୋଲିସ ସଦଳବଳେ ଚଢଉ କରିଥିଲା । ଅଟୋ ନଂ ଓଡି-୧୦ ଆର-୦୭୫୫ ଯୋଗେ ଗଞ୍ଜେଇ ଲୋଡ୍ ହୋଇ ଜୟପୁର ଆସୁଥିବା ବେଳେ ପୋଲିସ ଚଢ଼ଉ କରିଥିଲା । ପୋଲିସକୁ ଦେଖି ଡ୍ରାଇଭର ଚମ୍ପଟ ମାରିଥିବା ବେଳେ ପୋଲିସ ଅଟୋ ସହ ୧୮୩ କେଜି ଗଞ୍ଜେଇ ଜବତ କରଛି । ଯାହାର ଆନୁମାନିକ ମୂଲ୍ୟ ୯.୧୫ ଲକ୍ଷ ହେବ । ଏନେଇ ପୋଲିସ ଏକ ମାମଲା ୨୪/୨୧ ରେ ରୁଜ୍ଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରି ଅଦିତ୍ୟ ମହାକୁଡ ପ୍ରକାଶ କରିଛନ୍ତି ।

# ବିନା କାରଣରେ ଯୁବକଙ୍କୁ ନିସ୍ତୁକ ପିଟିଲା ପୋଲିସ : ଅଭିଯୋଗକୁ ଫାଣ୍ଡି ଅଧିକାରୀଙ୍କ ଖଣ୍ଡନ

## ଘଟଣାର ନିରପେକ୍ଷ ତଦନ୍ତ ଦାବି କଲେ ଗ୍ରାମବାସୀ

ନବରଙ୍ଗପୁର,୨୧।୨ (ନି.ପ୍ର): ବିନା କାରଣରେ ଯୁବକଙ୍କୁ ନିସ୍ତୁକ ପିଟିଛି ପୋଲିସ । ନବରଙ୍ଗପୁର ଜିଲ୍ଲା ଡ଼ଙ୍ଗରଭେଜା ପୋଲିସ ଫାଣ୍ଡି ଅଂଚଳରେ ଏଭଳି ଏକ ଘଟଣା ସାମ୍ନାକୁ ଆସିଛି । ଯୁବକ ଜଣକ ଦୋକାନ ବନ୍ଦ କରି ନିଜ ନିଜ ଘରକୁ ଫେରୁଥିଲେ । ଏହି ସମୟରେ ଫାଣ୍ଡି ଅଧିକାରୀ ବିନା କାରଣରେ ତାଙ୍କୁ ମାଡ଼ ମାରିଥିବା ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ନିଜ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଫାଣ୍ଡି ଅଧିକାରୀ । ପୋଲିସ ମାଡରେ ଆହତ ଯୁବକ ଜଣକ କହିଛନ୍ତି ଯେ, ସେ ନିଜ ଦୋକାନ ବନ୍ଦ କରି ଘରକୁ ଫେରୁଥିବା ସମୟରେ ତାଙ୍କୁ ଫାଣ୍ଡି ଅଧିକାରୀ ନିସ୍ତୁକ ପିଟିଥିଲେ । ଏପରିକି ଡ୍ୟୁଟି ସମୟରେ ସେ ମଦ ପିଇ ଥିବା ଅଭିଯୋଗ ହୋଇଛି । ସ୍ଥାନୀୟ କିଛି ଯୁବକ ଏହାର ପ୍ରତିବାଦ କରିଥିବା ବେଳେ ସେ ସେମାନଙ୍କୁ ମଧ ଗୋଡେଇ ଗୋଡେଇ ପିଟିଥିବା ଅଭିଯୋଗ ହୋଇଛି ।ଘଟଣାର ନିରପେକ୍ଷ ତଦନ୍ତ ସହ ଦୋଷୀ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି । ଅପରପକ୍ଷରେ ଫାଣ୍ଡି ଅଧିକାରୀ ତାଙ୍କ ବିରୋଧରେ ଆସିଥିବା ଏସବୁ ଅଭିଯୋଗକୁ ଖଣ୍ଡନ କରିଛନ୍ତି । ଏନେଇ ନିଜ ପ୍ରତିକ୍ରିୟା ରଖି ସେ କହିଛନ୍ତି ଯେ, ରାତି ପ୍ରାୟ ୧୦ଟା ହେବ । ସେମାନେ ବୁଲୁଥିଲେ । ପାଟ୍ରୋଲିଂ ବେଳେ ଏହି ଯୁବକ ମାନେ ବୁଲୁ ଥିବାର ଦେଖି ମୁଁ ସେମାନଙ୍କୁ ପଚାରିଥିଲି ଯେ, ତୁମେ କିଏ ଓ ତୁମ ଘର କେଉଁଠି । କିନ୍ତୁ, କାହାରିକୁ ମାରପିଟ୍ କରାଯାଇନାହିଁ ।

# ମୀର୍ଜାପୁର ପ୍ରିମିୟର ଲିଗ୍ ଉଦ୍‌ଘାଟିତ



ବାଲେଶ୍ୱର,୨୧।୨ (ନି.ପ୍ର): ଚାନ୍ଦିପୁର ପଞ୍ଚାୟତର ମୀର୍ଜାପୁର ଆଜାଦ କ୍ରିକେଟ କ୍ଲବ ପକ୍ଷରୁ ମୀର୍ଜାପୁର ପ୍ରିମିୟର ଲିଗ ସିଜନ-୬ କ୍ରକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ପଡିଆରେ ଶନିବାର ଉଦଘାଟିତ ହୋଇଯାଇଛି । ବିଶିଷ୍ଟ ବ୍ୟବସାୟୀ ତଥା ସମାଜସେବୀ ନବ କୁମାର ରାୟ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ । ବାଲେଶ୍ୱର ସହର ତଥା ଆଖପାଖ ଅଞ୍ଚଳର ଲୁକ୍କାୟିତ କ୍ରୀଡା ପ୍ରତିଭା ବିକାଶରେ ଏହି ଟୁର୍ଣ୍ଣାମେଣ୍ଟ ବେଶ ସହାୟକ ହୋଇପାରୁଛି ବୋଲି ସେ ମତପ୍ରକାଶ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରୁଥିବା କର୍ମକର୍ତ୍ତାଙ୍କୁ ଶ୍ରୀ ରାୟ ସାଧୁବାଦ ଜଣାଇଥିଲେ । ବାସିତ ଅଲି ଖାନ, ଶେଖ ରଜାକୁଦ୍ଦିନ, ଶେଖ ମୁଜିବୁର ରେହେମାନ, ଶେଖ ଅକବର, ଅଜଗର ଅଲ୍ଲୀ ସାହା, ଚିତ୍ତ ମହାନ୍ତି, ଗୁଲଫାମ ସାହା, ଶେଖ ମୁକ୍ତାର, ଜାହେଦ ମଲ୍ଲିକ ପ୍ରମୁଖ ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ । ଏହି ଭଳି ଆୟୋଜନ ଖେଳାଳିଙ୍କୁ ପ୍ରେରଣା ଦେବା ସହିତ ଜିଲା ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସେମାନଙ୍କୁ ପ୍ରତିଭା ପ୍ରଦର୍ଶନର ସୁଯୋଗ ଦେଇପାରିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ । ମୀର୍ଜାପୁର ପ୍ରିମିୟର ଲିଗର ସିଇଓ ଶେଖ ନସୀମ ଅଖତରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ଟୁର୍ଣ୍ଣାମେଣ୍ଟ ଉଦଘାଟନୀ ଉତ୍ସବରେ ବରିଷ୍ଠ କର୍ମକର୍ତ୍ତା ଶେଖ ସଦ୍ଦାମ ପୌରୋହିତ୍ୱ କରିଥିଲେ । ଚାନ୍ଦିପୁର ଓ ଶ୍ରୀକୋଣା ପଂଚାୟତର ୬ ଗୋଟି ଟିମ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଛନ୍ତି । ଏହା ୧୫ ଦିନ ଧରି ଚାଲିବା ସହ ମାର୍ଚ୍ଚ ୫ ତାରିଖ ଦିନ ଫାଇନାଲ ମ୍ୟାଚ ଖେଳାଯିବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି । ସୁଲତାନ ଅଲ୍ଲୀ ସାହା, ଶେଖ ଅମୀରୁଲ, ଶେଖ ରାଜେଶ, ଶେଖ ଜାମସେଦ, ଶେଖ ସାଧୁ, ଶେଖ କୁତୁ ପ୍ରମୁଖ କ୍ଲବର ସଦସ୍ୟମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସକ୍ରିୟ ସହଯୋଗ କରୁଛନ୍ତି ।

## ମମତା ସାମଲ ବିଜେପି ମହିଳା ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା

କେନ୍ଦ୍ରାପଡ଼ା,୨୧।୨ (ନି.ପ୍ର): ବିଜେପି ରାଜ୍ୟ ମହିଳା ମୋର୍ଚ୍ଚାର କାର୍ଯ୍ୟକାରିଣୀ ସଦସ୍ୟା ଭାବେ ଯୁବ ଆଇନଜୀବି ମମତାମୟୀ ସାମଲ ମନୋନିତ ହୋଇଛନ୍ତି । ଜଣେ ବଳିଷ୍ଠ ସଂଗଠିକା ଓ ରାଜନୈତିକ କର୍ମୀ ଭାବେ ଦକ୍ଷତାର ସହ କାର୍ଯ୍ୟକରିବା ଓ ଆଇନଜୀବି ଭାବେ କାର୍ଯ୍ୟ କରୁଥିବା ମମତାଙ୍କୁ ନୂତନ ଦାୟୀତ୍ୱ ମିଳି ଥିବାରୁ ସେ ରାଜ୍ୟ ମହିଳା ମୋର୍ଚ୍ଚାର ସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ରାଜ୍ୟ ସଭାପତି ସମୀର କୁମାର ମହାନ୍ତି, ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ସମେତ ସମସ୍ତ ପଦାଧିକାରୀମାନଙ୍କୁ ଧନ୍ୟବାଦ ଦେବାସହ କୃତଜ୍ଞତା ଜଣାଇଥିଲେ ।

# ସ୍ଥାୟୀ ନିଯୁକ୍ତି ଦାବିରେ ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟ କର୍ମୀଙ୍କର ଧାରଣା ପଂଚମ ଦିନରେ

କେନ୍ଦୁଝର,୨୧।୨ (ନି.ପ୍ର): କେନ୍ଦୁଝର ସ୍ୱାସ୍ଥ ବିଭାଗ ର ଦାୟୀତ୍ୱହୀନତା ଓ ଅପାରଗତା ପାଇଁ କରୋନା ଭଳି ମହାମାରୀ ସମୟରେ କରୋନା ଯୋଦ୍ଧା ଭାବରେ ନିରନ୍ତର ସ୍ୱାସ୍ଥ ସେବା ଯୋଗାଇ ଆସିଥିବା ୬୨ ଜଣ ବହୁମୁଖୀ ପୁରୁଷ ସ୍ୱାସ୍ଥ କର୍ମୀ ଙ୍କୁ ସ୍ୱାସ୍ଥ ବିଭାଗ ଏବେ ଆଉ ଆଡ ଆଖିରେ ବି ଦେଖିବାକୁ ଆଗ୍ରହ ପ୍ରକାଶ କରୁ ନାହାଁନ୍ତି । ଫଳରେ ସ୍ଥାୟୀ ନିଯୁକ୍ତି ପାଇବାରୁ ବଂଚିତ ଏହି ସ୍ୱାସ୍ଥ କର୍ମୀମାନେ ସେମାନଙ୍କ ସେବାକୁ ବିଚାରକୁ ନେଇ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ଦାବୀରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଙ୍କ ର କାର୍ଯ୍ୟାଳୟ ସମ୍ମୁଖରେ ବସିଥିବା ଧାରଣା ଆଜିକୁ ୫ ଦିନରେ ପହଂଚିଥିବା ସତ୍ୱେ ସମସ୍ତଙ୍କ ନୀରବତା ସେସ୍‌ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଧାରଣାରତ ସ୍ୱାସ୍ଥ କର୍ମୀ ମାନଙ୍କର ଅଭିଯୋଗ ହେଲା ଯେ ଲୋକ ଙ୍କୁ ସ୍ୱାସ୍ଥ ସେବା ଯୋଗାଇ ଦେବା ଆଶାରେ ଏମାନେ ବହୁମୁଖୀ ପୁରୁଷ ସ୍ୱାସ୍ଥ କର୍ମୀ ଭାବରେ ୨୦୦୮ -୦୯ ମସିହାରେ କେନ୍ଦୁଝର ଜିଲ୍ଲା ରେ ଚାକିରୀ ରେ ଯୋଗ ଦେଇଥିଲେ । ଏବଂ ରାଜ୍ୟ ସରକାର ଙ୍କର ପତ୍ର ସଂଖ୍ୟ ୨୬୧୦୮-ତା-୧୭.୦୯.୨୦୧୩ ଅନୁଯାୟୀ ନିୟମ ରହିଛି ଯେ ସଫଳତାର ସହ ଦୀର୍ଘ ଛଅ ବର୍ଷ କାର୍ଯ୍ୟ କଲା ପରେ ସ୍ଥାୟୀ ନିଯୁକ୍ତି ଦିଆଯିବା କଥା । ହେଲେ ହେଲେ ଇତି ମଧ୍ୟରେ ୧୨ ବର୍ଷ ବିତିଯାଇଥିଲେ ସୁଦ୍ଧା ସେମାନଙ୍କୁ ବର୍ତମାନ ସୁଦ୍ଧା ସ୍ଥାୟୀ ନିଯୁକ୍ତି ଦିଆଯାଉନାହିଁ । ଏ ନେଇ ସେମାନେ ଅନେକ ବାର ଆନ୍ଦୋଳନ କୁ ମଧ୍ୟ ଓହ୍ଲାଇଛନ୍ତି । ରାଜ୍ୟ ସରକାର ମଧ୍ୟ ତାଙ୍କ ଗୁହାରୀ ଶୁଣିଲେ ଓ ପତ୍ର ସଂଖ୍ୟା- ୮୬୫୦-ତା-୩୦.୩.୨୦୧୯ ରେ ଏକ ହାଇ ପାୱାର କମିଟି ଦ୍ୱାରା ବିଚାର କରାଯାଇ ଏହି ୬୨ ଜଣ ଙ୍କର ଜନ୍ମ ତାରିଖ , ନିଯୁକ୍ତି ତାରିଖ , କ୍ରମିକ ନମ୍ବର , ଆଦି ବିଭିନ୍ନ ଦିଗ କୁ ଯାଂଚ କରାଯାଇ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଲେ । ହେଲେ ଆଜି ପର୍ଯ୍ୟନ୍ତ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସେମାନଙ୍କୁ ସ୍ଥାୟୀ ନୁଯୁକ୍ତି ଦେଉ ନାହାଁନ୍ତି । ଫଳରେ ସ୍ଥାୟୀ ନିଯୁକ୍ତି ଦାବୀରେ ସେମାନଙ୍କ ଧାରଣା ପାଂଚ ଦିନରେ ପହଂଚି ଥିବା ବେଳେ ଆଗାମୀ ସାତ ଦିନ ମଧ୍ୟରେ ସ୍ଥାୟୀ ନିଯୁକ୍ତି ନ ମିଳିଲେ ସେମାନେ ସମସ୍ତେ ସପରିବାରେ ଆତ୍ମହୂତୀ ଦେବା କୁ ଚେତାବନୀ ଦେଇଛନ୍ତି । ହେଲେ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ଯେ ଏହି ୬୨ ଜଣ ସ୍ୱାସ୍ଥ କର୍ମୀଙ୍କର ସିଡିଏମ୍‌ଓ ଙ୍କର କାର୍ଯ୍ୟାଳୟରେ କୁଆଡେ କୌଣସି କାଗଜ ପତ୍ର ମିଳୁନାହିଁ । ଯାହା କି ଖୋଦ ସିଡିଏମଓ ଅଶୋକ କୁମାର ଦାସ ପ୍ରକାଶ କରିଛନ୍ତି । ଫଳରେ ଯାଂଚ ହୋଇ ପାରୁ ନଥିବାରୁ ରୁ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଇ ପାରୁ ନାହିଁ । ଏଭଳି କ୍ଷେତ୍ରରେ ଏଠାରେ ସ୍ୱଭାବିକ ଭାବେ ପ୍ରଶ୍ନ ଉଠେ ଯେ ବିନା କାଗଜ ପତ୍ର ଯାଂଚ ରେ କଣ ଏମାନଙ୍କୁ ଚାକିରୀ ଦିଆଯାଇଥିଲା କି ? ଯଦି ଯାଂଚ କରାଯାଇ ଚାକିରୀ ଦିଆଯାଇଥିଲା ତେବେ କାଗଜ ପତ୍ର ଗଲା କୁଆଡେ ବୋଲି ପ୍ରଶ୍ନ ଉଠାଇଛନ୍ତି ମନୋରଞ୍ଜନ ମିଶ୍ର , ଧନୁର୍ଜୟ ନାରାୟଣ ମହାପାତ୍ର ପ୍ରମୁଖ । ଏହି ଘଟଣା ସିଡିଏମଓ କାର୍ଯ୍ୟାଳୟର ଦାୟିତ୍ୱହୀନତାକୁ ସ୍ପଷ୍ଟ କରିଥିବା ବେଳେ ଉତରଦାୟିତ୍ୱ ଖୋଦ ସିଡିଏମଓ ନେବା ଆବଶ୍ୟକ ରହିଛି । ଅନ୍ୟ ପକ୍ଷରେ କାର୍ଯ୍ୟାଳୟରେ ଏହି କାଗଜପତ୍ର ଦାୟିତ୍ୱ ରେ ଥିବା ଅଧିକାରୀ ତଥା କର୍ମଚାରୀଙ୍କ ବିରୁଦ୍ଧ ରେ କାହିଁକି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଉନାହିଁ ତାହା ମଧ୍ୟ ଏକ ବଡ ପ୍ରଶ୍ନ । ଏଭଳି ସ୍ଥିତିରେ ଉଦ୍ଦେଶ୍ୟମୂଳକ ଭାବେ କାଗଜ ପତ୍ରକୁ ନଷ୍ଟ କିମ୍ବା ଲୁଚାଇ ଦିଆଯାଇଥିବା ସଂପର୍କୀୟ ଅଭିଯୋଗକୁ ଏଡାଇ ଦିଆଯାଇ ନପାରେ । ସିଡିଏମଓ ଙ୍କ କାର୍ଯ୍ୟାଳୟର ଦାୟିତ୍ୱହୀନତା ପାଇଁ ଏହି ନିରୀହ ଲୋକମାନେ ଦଣ୍ଡିତ ହେବା କେତେଦୂର ଗ୍ରହଣୀୟ ତାହା ମଧ୍ୟ ବିଚାର୍ଯ୍ୟ । ଏପରିକି ଏହି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମଧ୍ୟ ବିଗତ ଦିନରେ କାଗଜ ପତ୍ର ଭୂଲ ଯୋଗୁ ଛୁଆ ଅଦଳ ବଦଳ ଠାରୁ ଆ ରମ୍ଭ କରି ଭୂଲ ରକ୍ତ ଦେବା ଯୋଗୁ ରୋଗୀ ମୃତ୍ୟୁ ଆଦି ଅନେକ ଅଭିଯୋଗ ନେଇ ଉତେଜନା ପ୍ରକାଶ ପାଇଛି । ତେଣୁ ଏବେ ଏହି ଦାୟିତ୍ୱହୀନ ଅଧିକାରୀ ଙ୍କ ବିରୋଧରେ ସରକାର କାର୍ଯ୍ୟାନୁଷ୍ଠନ ନେବା ଜରୁରୀ ହୋଇପଡିଥିବା ମତ ପ୍ରକାଶ ପାଇଛି ।

# କଣାସରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ : ୭୭୩ ଜଣ ଭିନ୍ନକ୍ଷମ ଯୋଗଦେଲେ

କଣାସ,୨୧।୨ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକର ଦୟାବିହାର ଠାରେ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବାପ୍ରତିଷ୍ଠାନ ପରିସରରେ ଗତକାଲି ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ କଣାସ ମଣ୍ଡଳ ଉନ୍ନୟନ ଅଧିକାରୀ ଲୋଚନ ଦାସ, ଜିଲ୍ଲା ସମାଜିକ ସୁରକ୍ଷା ଅଧିକାରୀ ତ୍ରିନାଥ ପାଢୀ, ଅତିରିକ୍ତ ବିଡିଓ ମଙ୍ଗଳ ସିଂ ହେମ୍ବ୍ରମ, ନୀଳାଚଳ ସେବା ପ୍ରତିଷ୍ଠାନର ପ୍ରତିଷ୍ଠାତା ସୁବାସ ଚନ୍ଦ୍ର ଗଜେନ୍ଦ୍ର, ଶିକ୍ଷାଧିକାରୀ ମିନକେତନ ସାମନ୍ତରାୟ, ଅତିରିକ୍ତ ଶିକ୍ଷାଧିକାରୀ ସର୍ବେଶ୍ୱର ଜେନା, ସହକାରୀ ଯନ୍ତ୍ରୀ ଚନ୍ଦ୍ରମଣି ଖଟେଇ, ସିଡିପିଓ ଏ.ଉଷାରାଣୀ ଉଦଘାଟନ ଉତ୍ସବରେ ଯୋଗଦେଇ ଉଦଘାଟନ କରିଥିଲେ । ଏହି ଶିବିରରେ ଅସ୍ଥିଶଲ୍ୟ ବିଭାଗର ୨୭୬ ଜଣ, ଚକ୍ଷୁ ବିଭାଗର ୬୪ ଜଣ, ମୁକବଧିର ବିଭାଗର ୧୩୦ ଜଣ, ମାନସିକ ବିକାରଗ୍ରସ୍ତ ୩୦୩ ଜଣ ଭିନ୍ନକ୍ଷମ ବ୍ୟକ୍ତି ଯୋଗଦେଇ ଥିବା ବେଳେ ବିଭିନ୍ନ ବିଭାଗର ଡାକ୍ତରମାନେ ସେମାନଙ୍କୁ ପରୀକ୍ଷା ନିରୀକ୍ଷା କରିଥିଲେ । ଭିନ୍ନକ୍ଷମ ମାନଙ୍କର ଭିନ୍ନକ୍ଷମ ପ୍ରମାଣପତ୍ର ଅନ୍ ଲାଇନ ମାଧ୍ୟମରେ ମିଳିବ ବୋଲି ବିଡିଓ ଲୋଚନ ଦାସ ଭିନ୍ନକ୍ଷମମାନଙ୍କୁ ସୂଚନା ଦେଇଥିଲେ । ପ୍ରକାଶଥାଉ କି, ଅନେକ ଭିନ୍ନକ୍ଷମ ବ୍ୟକ୍ତି ପୂର୍ବରୁ ୪୦ଭାଗ ଭିନ୍ନକ୍ଷମ ହେଇଥିବା ପ୍ରମାଣପତ୍ର ପାଇଥିବା ବେଳେ କିପରି ତାହା ୮୦ ଭାଗ କରାଯିବ ସେଥିପାଇଁ ଅଧିକ ସଂଖ୍ୟାରେ ଭିନ୍ନକ୍ଷମ ମାନେ ଯୋଗଦେଇ ଥିବା ଦେଖିବାକୁ ମିଳିଥିଲା । ଡାକ୍ତର ଅସ୍ଥିଶଲ୍ଲ୍ୟ ବିଭାଗ ଡାକ୍ତର ଦିପେଶ କୁମାର ସାହୁ, ସର୍ଜରି ବିଭାଗର ଡାକ୍ତର ପୂର୍ଣ୍ଣଚନ୍ଦ୍ର ପାତ୍ର, ଡାକ୍ତର ଜୋସ୍ନାମଣୀ ତ୍ରିପାଠୀ, ଡାକ୍ତର ରବିନ୍ଦ୍ର କୁମାର ଘଡେଇ, ଡାକ୍ତର ସୁକନ୍ୟା ମହାକୁଲ ଓ ସହକର୍ମୀମାନେ ଯୋଗଦେଇ ଥିବା ବେଳେ କଣାସ ସ୍ୱସ୍ଥ୍ୟକେନ୍ଦ୍ରର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ଏଥିରେ ସହଯୋଗ କରିଥିଲେ । କଣାସ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅନିତା ପଟ୍ଟନାୟକ, ବ୍ଲକ ସାମାଜିକ ସମିକ୍ଷକ ନିରଞ୍ଜନ ସାହୁ, ଚନ୍ଦ୍ରମଣୀ ଜେନା ଏବଂ ବ୍ଲକର ଅନ୍ୟ କର୍ମଚାରୀମାନେ ଶିବିର ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିବା ବେଳେ ନୀଳାଚଳ ସେବା ପ୍ରତିଷ୍ଠାନର କର୍ମଚାରୀମାନେ ମଧ ଏଥିରେ ସାମିଲ୍ ହୋଇଥିଲେ ।

# ଓଡିଶା ମୋ ପରିବାର ରକ୍ତଦାନ ଶିବିରରେ ୧୨୩ ୟୁନିଟ ସଂଗ୍ରହ

କେନ୍ଦ୍ରାପଡ଼ା,୨୧।୨ (ନି.ପ୍ର): ଓଡିଶା ମୋ ପରିବାର କେନ୍ଦ୍ରାପଡା ଜିଲ୍ଲା ଓ ମହାକାଳପଡା ବିଜେଡି ମିଳିତ ଆନୁକୁଲ୍ୟରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇ ଥିଲା । ମହାକାଳପଡା ର ବାୟାବାବା ମହା ବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ଏହି ଶିବିରକୁ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ଏହି ଶିବିରରେ ସ୍ୱେଚ୍ଛାକୃତ ଭାବେ ୧୨୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ଓଡିଶା ମୋ ପରିବାର ର ଜିଲ୍ଲା ସଂଯୋଜକ କାଳୀ ପ୍ରସାଦ ମିଶ୍ର ଓ ସହ ସଂଯୋଜକ ହିରଣ୍ୟ କୁମାର ପଣ୍ଡା ଙ୍କ ତତ୍ୱାବଧାନ ରେ ଶିବିର ପରିଚାଳିତ ହୋଇଥିଲା । ବ୍ଲକ ଅଧକ୍ଷା ସସ୍ମିତା ବରାଳଙ୍କ ସମେତ କେନ୍ଦ୍ରାପଡାର ପୂର୍ବତନ ନଗରପାଳ ଧରେନ ସାହୁ, ରବିନ୍ଦ୍ର ପାଳ, ସରୋଜିନୀ ସେଠୀ, ହେମନ୍ତ ସାହୁ, ଜ୍ୟୋତି ରଞ୍ଜନ ଖଟୁଆ ପ୍ରମୁଖ ଶିବିର ପରିଚାଳନା ରେ ସହଯୋଗ କରିଥିଲେ ।

# ସ୍ୱାମୀ ଜୀବନମୁକ୍ତା ନନ୍ଦଙ୍କୁ ଫୋନ୍ ଯୋଗେ ହତ୍ୟା ଧମକ : ଥାନାରେ ଏତଲା

କନ୍ଧମାଳ,୨୧।୨ (ନି.ପ୍ର): କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ଥାନା ଅନ୍ତର୍ଗତ ଜଲେଶପଟା ଆଶ୍ରମ ଦାୟୀତ୍ୱରେ ଥିବା ସ୍ୱାମୀ ଜୀବନମୁକ୍ତା ନନ୍ଦଙ୍କୁ ଚାରି ଦିନ ମଧରେ ହତ୍ୟା କରିବା ପାଇଁ ନକ୍ସଲଙ୍କ ପକ୍ଷରୁ ଫୋନ୍ ମାଧମରେ ଧମକ ଦିଆଯାଇଛି । ଏନେଇ ସ୍ୱାମୀ ଜୀବନମୁକ୍ତା ନନ୍ଦ ଥାନାରେ ଏତଲା କରିଛନ୍ତି । ଏତଲାକୁ ଭିତି କରି ପୋଲିସ ଘଟଣାର ଛାନଭିନ୍ ଆରମ୍ଭ କରିଛି । ଆଜି ଅପରାହ୍ନ ସାଢ଼େ ୫ଟା ସମୟରେ ତାଙ୍କ ମୋବାଇଲକୁ ଏହି ଧମକ ପୂର୍ଣ୍ଣ ଫୋନ୍ କଲ୍ ଆସିଥିବା ସେ ଏତଲାରେ ଦର୍ଶାଇଛନ୍ତି । ସେ ଏତଲାରେ ଆହୁରି ମଧ ଉଲ୍ଲେଖ କରିଛନ୍ତି ଯେ, ଏହି ଫୋନ୍ କଲ୍ ରେ ଜଣେ ବ୍ୟକ୍ତି ହିନ୍ଦୀ ଭାଷାରେ ନିଜକୁ ନକ୍ସଲର ପରିଚୟ ଦେଇ ତାଙ୍କୁ ଚାରି ଦିନ ଭିତରେ ଜୀବନରୁ ମାରିଦେବା ସହ ଜଲେଶପଟା ଶଙ୍କରାଚାର୍ଯ୍ୟ ସଂସ୍କୃତ କନ୍ୟାଶ୍ରମକୁ ମଧ ଉଡ଼ାଇ ଦେବାକୁ ଧମକ ଦେଇଛି । ସୂଚନାଯୋଗ୍ୟ, ଏହି ଆଶ୍ରମରେ ୨୦୦୮ ମସିହାରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ସମେତ ୫ ଜଣଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା । ଘଟଣା ପରେ କନ୍ଧମାଳ ଜିଲ୍ଲା ସମେତ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିଲା ।

## ଷଡ଼ଯନ୍ତ୍ର...

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ଉଦାହରଣ ସ୍ୱରୂପ କୌଣସି ଆନ୍ତର୍ଜାତିକ ସଂସ୍ଥା ଦ୍ୱାରା ଗଇେକୁ ଔଷଧୀୟ ମାନ୍ୟତା ଦିଆଯିବା କେତେଦୂର ଗ୍ରହଣୀୟ ହୁଏ ନିର୍ଭର କରୁଛି ବ୍ୟକ୍ତିଗତ ବିଚାରଧାରା ଉପରେ । ସେହି କଥାରେ କୌଣସି ବାସ୍ତବତା ଅଛି କି ଆଉ କିଛି ରହସ୍ୟ, ବୁଝିବା ଅସମ୍ଭବ ହୋଇପଡୁଛି ଆମଭଳି ସାଧାରଣ ଲୋକଙ୍କ ପାଖରେ । ଏହା କରାଯିବା ପଛରେ କୌଣସି ରହସ୍ୟ ରହିଛି ନା ବାସ୍ତବିକ ଗୋଟିଏ ସମୟୋପଯୋଗୀ ବିଚାର କି କୌଣସି ବୈଜ୍ଞାନିକ ସତ୍ୟତା ରହିଛି ସମୟ କହିବ ! କିନ୍ତୁ ଚିରାଚରିତ ଭାବେ ଆଦି କାଳରୁ ଗଇେକୁ ଗୋଟିଏ ନିଶା ବିଷ ଭଳି ଚର୍ଚ୍ଚିତ ବିଷୟଟିକୁ ତାହାର ବିପରୀତେ ଗ୍ରହଣ କରିବା ସହଜସାଧ ହୋଇପାରୁନି ସାଧାରଣ ଲୋକଙ୍କ କ୍ଷେତ୍ରରେ । ଏହିଭଳି ଅନେକ ବିଷୟକୁ ନେଇ ଅଜସ୍ର ସଂଶୟ ମନରେ ସୃଷ୍ଟି ହେଉଥାଇ ଅନ୍ଧ ଭଳି ଗ୍ରହଣ ଯୋଗ୍ୟ ଆଦୌ ନୁହେଁ । ଅତଏବ ସାଧାରଣ ମଣିଷ ବ୍ୟବସ୍ଥା ସହିତ ନିଜକୁ ସମାନ୍ତରାଳ ନକରି ଯେକୌଣସି ପ୍ରଚାର ପ୍ରସାରକୁ ଅନ୍ଧ ଭଳି ଗ୍ରହଣ ନକରି ସମାଲୋଚନାତ୍ମକ, ତର୍ଜମା କରି ସତ୍ୟାସତ୍ୟ ନଜାଣିବା ପର୍ଯ୍ୟନ୍ତ କେତେବଡ଼ ଲୋକ ହେଉକି ସଂସ୍ଥାନ କିମ୍ବା ବ୍ୟବସାୟିକ ପ୍ରତିଷ୍ଠାନ, କାହାର ପ୍ରରୋଚନାରେ ଭେଳିକି ନଯାଇ ଉପଯୁକ୍ତ ଭାବଧାରା ଅନ୍ତର୍ଭୁକ୍ତ ହୋଇ କାର୍ଯ୍ୟକଲେ କୌଣସି ମିଥ୍ୟା / ଷଡ଼ଯାନ୍ତ୍ରୀକ କଥାରେ ପଡି ନିଜକୁ ପ୍ରତାରଣାରୁ ମୁକ୍ତ ରଖିପାରିବେ ବୋଲି ଆମ ବିଚାରରେ ଆପଣଙ୍କ ମତବ୍ୟକ୍ତ କରିବା ପାଇଁ ଅନୁରୋଧ ପୂର୍ବକ ରହିଲି .................!!

ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗାମ.
ଦୂରଭାଷ.: ୯୪୩୭୩୨୪୯୧୭.

# ସିମୁଳିଆରେ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ



ଖଇରା,୨୧।୨(ନିପ୍ର) ଖଇରା ବ୍ଲକ୍ ଗଡପୋଖରୀ ପଞ୍ଚାୟତ ଅଧୀନ ସିମୁଳିଆସ୍ଥିତ ଭଗବତୀ ବିହାର ଆଶ୍ରମ ପରିସରରେ ୨୯ତମ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ସନ୍ତୋଷ ଦଳେଇ ଓ ପ୍ରଫୁଲ୍ଲ କୁମାର ଜେନା ଙ୍କ ଆବାହକତ୍ୱରେ ରବିବାର ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ସକାଳେ ଅଖଣ୍ଡ ଦ୍ୱୀପ ପ୍ରଜ୍ୱଳନ ଓ ଅନାମ ଚରଣ ପଣ୍ଡାଙ୍କ ଦ୍ୱାରା ଧର୍ମଧ୍ୱଜା ଉତ୍ତୋଳନ ପରେ ଶତାଧିକ ମହିଳାଙ୍କ ଦ୍ୱାରା କଳସ ଅଣାଯିବା ସହ ପୁରୁଷଙ୍କ ଦ୍ୱରା ମଶାଲ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା । । ମୁଖ ସଞ୍ଚଳକ ଭାବେ ଅବସରପ୍ରାପ୍ତ ଅଧକ୍ଷ ପ୍ରଦୀପ ମହାନ୍ତି, ନିଳମଣି ଦାସ,ସୁକାନ୍ତ ଦାସଙ୍କ ଦ୍ୱାରା ମା ଗାୟତ୍ରୀ,ଶ୍ରୀରାମ ଶର୍ମା, ମା ଭଗବତୀଙ୍କର ପୁଜାର୍ଚ୍ଚନା ଓ ଗାୟତ୍ରୀ ଯଜ୍ଞ ସମ୍ପର୍ଣ୍ଣ ହୋଇଥିଲା । ଏହି ଅବସରରେ ବିଦ୍ୟାରମ୍ଭ, ମୁଣ୍ଡନ, ଅନ୍ନପ୍ରାସନ୍ନ, ଦୀକ୍ଷା ଆଦି ସଂସ୍କାର କାର୍ଯ୍ୟକ୍ରମ ପରେ ପ୍ରବଚନ ଓ ଦୀପଯଜ୍ଞ ଅନୁଷ୍ଠିତ ହୋଇଥିଲା । ଅନିରୁଦ୍ଧ ସା, ଅଜୟ କୁମାର ମଣ୍ଡଳ, ଭବାନୀ ଶଙ୍କର ପଣ୍ଡା, ଗଦାଧର ପରିଡା, ମନୋରଞ୍ଜନ ମହାନ୍ତି, ଜାମିନୀକାନ୍ତ ମହାନ୍ତି, ଶ୍ରୀକାନ୍ତ ସାହୁ, ଆଲୋକ ଜେନା, ନାରାୟଣ ସାହୁ, ଶ୍ରୀରାମ ରାଉତ ପ୍ରମୁଖ ଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ । ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଉପାଧକ୍ଷ ଜୟନ୍ତ କୁମାର ରାଉତ, କୁପାରୀ ପଞ୍ଚାୟତ ସମିତିସଭ୍ୟା ସୁନିତା ସାହୁ ପ୍ରମୁଖ ଯଜ୍ଞସ୍ଥଳ ବୁଲିବା ଅବସରରେ ଆଶ୍ରମର ଉନ୍ନତି ନିମନ୍ତେ ସମସ୍ତ ପ୍ରକାର ସହଯୋଗ କରିବାକୁ ପ୍ରତିଶୃତି ଦେଇଥିଲେ ।

## ମାତୃଭାଷାକୁ କାଳଜୟୀ କରିବାକୁ ଉଦ୍ୟମ କରିବା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୧।୦୨ (ନି.ପ୍ର): ଆନ୍ତର୍ଜାତିକ ମାତୃଭାଷା ଦିବସରେ ମାତୃଭାଷାକୁ ମାତୃଭାଷାକୁ କାଳଜୟୀ କରିବା ଦିଗରେ ଆମର ଉଦ୍ୟମକୁ ଆହୁରି ଦୃଢ କରିବାକୁ ଆହ୍ୱାନ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଶ୍ରୀ ପଟ୍ଟନାୟକ ଟ୍ୱିଟ କରି କହିଛନ୍ତି ଯେ - ସଂସ୍କୃତି ଓ ଐତିହ୍ୟକୁ ସୁରକ୍ଷିତ ରଖିବା ସହ ଏହାର ବ୍ୟାପକ ପ୍ରସାରରେ ମାତୃଭାଷାର ବଳିଷ୍ଠ ଭୂମିକା ରହିଛି। ଆମ ଓଡ଼ିଆ ଭାଷାକୁ ସମୃଦ୍ଧ କରିବା ଦିଗରେ ଅତୁଳନୀୟ ଅବଦାନ ଥିବା ମହାପୁରୁଷମାନଙ୍କୁ ଅନ୍ତର୍ଜାତୀୟ ମାତୃଭାଷା ଦିବସରେ ସ୍ମରଣ କରି ଆସନ୍ତୁ ମାତୃଭାଷାକୁ କାଳଜୟୀ କରିବା ଦିଗରେ ଆମର ଉଦ୍ୟମକୁ ଆହୁରି ଦୃଢ କରିବା।

## ହରିସଭା କମିଟି ପକ୍ଷରୁ ଥଣ୍ଡା ପାନୀୟଜଳ ବ୍ୟବସ୍ଥା ଉଦ୍‌ଘାଟିତ

ବାଲେଶ୍ୱର,୨୧।୦୨ (ନି.ପ୍ର): ବାଲେଶ୍ୱର ସହରର ମାଣିଖମ୍ଭ ହରିସଭା କମିଟି ପକ୍ଷରୁ ସ୍ଥାନୀୟ ଶ୍ରୀ ରାଧାକୃଷ୍ଣ ଜୀଉ ଭାଗବତ ଟୁଙ୍ଗୀ ମଣ୍ଡପରେ ଏକ ବିଶୁଦ୍ଧ ଥଣ୍ଡା ପାନୀୟଜଳ ବ୍ୟବସ୍ଥା ଉଦଘାଟିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ କମିଟିର ପୂର୍ବତନ ସଭାପତି ସ୍ୱର୍ଗତ ରାଧାନାଥ ମହାରଣାଙ୍କ ଧର୍ମପତ୍ନୀ ଭଗବତୀ ମହାରଣା ପାନୀୟ ଜଳ ମେସିନକୁ ଉଦଘାଟନ କରିଥିଲେ । ପୂର୍ବତନ କାଉନସିଲର ସୁଜିତ ଦେବ ଓ ଜଗନ୍ନାଥ ରକ୍ଷିତ ଏଥିରେ ବରେଣ୍ୟ ଅତିଥିଭାବେ ଯୋଗଦେଇ ଭକ୍ତମାନଙ୍କ ଉଦ୍ଦେଶ୍ୟରେ ଗ୍ରହଣ ଏହି ପଦକ୍ଷେପ ପ୍ରଶଂସନୀୟ ବୋଲି କହିଥିଲେ । ୧୧୩ ବର୍ଷର ପୁରୁଣା ଭାଗବତ ଟୁଙ୍ଗୀରେ ଦୈନନ୍ଦିନ ଶତାଧିକ ଭକ୍ତଙ୍କ ସମାଗମ ହୋଇଥାଏ । ଆସନ୍ତା ଗ୍ରୀଷ୍ମ ଋତୁକୁ ଲକ୍ଷ୍ୟ ରଖି ଭକ୍ତମାନଙ୍କ ଉଦ୍ଦେଶ୍ୟରେ ସ୍ଥାପନ କରାଯାଇଥିବା ସ୍ୱୟଂ ଚାଳିତ ଥଣ୍ଡା ପାନୀୟ ଜଳ ମେସିନ ପାଇଁ ଅତିଥିମାନେ ମାଣିଖମ୍ଭ ହରିସଭା କମଟିର ସଦସ୍ୟମାନଙ୍କୁ ସାଧୁବାଦ ଜଣାଇଥିଲେ । କମିଟିର ସଭାପତି ରାମନାରାୟଣ ଦେ ଓ ସମ୍ପାଦକ ହରିହର ମହାରଣାଙ୍କ ସମେତ ସୁରଜ କାନ୍ତ ରଣା, ଭଜକିଶୋର ରଣା, ରବିନାରାୟଣ ଦେ, ସଞ୍ଜୟ ବାରିକ, ରବିନ୍ଦ୍ର ମାଝୀ, ଅଶୋକ କୁମାର ରଣା, ସଞ୍ଜୟ କର, ଲୋକନାଥ ଦେ, ଲକ୍ଷ୍ମୀଧର ପଣ୍ଡା ପ୍ରମୁଖ ସଦସ୍ୟମାନେ ଏହି ଅବସରରେ ଉପସ୍ଥିତ ଥିଲେ ।

## ଉତ୍କଳ ସମ୍ମିଳନୀ ଶାଖା ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ପାଳିତ

ଜଳେଶ୍ୱର,୨୧/୨(ନିପ୍ର) : ଉତ୍କଳ ସମ୍ମିଳନୀ ଶାଖା ଓ ଦିଗମ୍ବରୀ ଦେବୀ ଶିକ୍ଷାନୁଷ୍ଠାନ ଆନୁକୂଲ୍ୟରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇ ଯାଇଛି । ଉତ୍କଳ ସମ୍ମଳନୀ ଶାଖାର ସଭାପତି ଡ. ଶ୍ରୀକାନ୍ତ ଚରଣ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ସଂପାଦକ କମଳ ଚକ୍ରବର୍ତ୍ତୀ ଯୋଗ ଦେଇ ମାତୃଭାଷାର ସୁରକ୍ଷା ପାଇଁ ସମସ୍ତଙ୍କର ଦାୟିତ୍ୱ ହେବା ଉଚିତ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମଧୁଛନ୍ଦା ମହାନ୍ତି, ସତ୍ୟମୟ ଆଚାର୍ଯ୍ୟ, ଅଧ୍ୟାପକ ମାନସ ମାଇତି, ସୁଜୟ ବ୍ରହ୍ମ, ପ୍ରକାଶ କୁମାର ନନ୍ଦୀ, ଅରୁଣ ବେଜ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁନୀଲ ନାୟକ, ମନେରଂଜନ ଦାସ, ଅଶୋକ ଦାସ, ସୁବାଶ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଅନୁରୂପ ଭାବେ ଭାସ୍କର ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ରାଜାରାମ କରସର୍ମା ସଭାପତିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶଶାଙ୍କ ସେଖର ମହାନ୍ତି, ଶରତ ଚନ୍ଦ୍ର ପରିଡା, ସୁନୀଲ ଗିରି, ସିଦ୍ଧେଶ୍ୱର ତ୍ରିପାଠୀ, ନୀଳମଣୀ ପ୍ରଧାନ, ନଗେନ୍ଦ୍ର କର ପ୍ରମୁଖ ଉପସ୍ଥିତ ରହି ବିଶ୍ୱର ଯେଉଁ ଜାତି ତା ନିଜ ମାତୃଭାଷାକୁ ଯେତେ ଅଧିକ ପ୍ରାଧାନ୍ୟ ଦିଏ ସେହି ଭାଷା ବିଶ୍ୱରେ ସେତେ ଆଦୃତ ହୋଇଥାଏ ବୋଲି କହିଥିଲେ ।

## ମୟୂରଭଞ୍ଜ ପ୍ରିମିୟର ଲିଗ୍ କ୍ରିକେଟ୍ ୨ୟ ପର୍ଯ୍ୟାୟର ଶୁଭାରମ୍ଭ



ବାରିପଦା,୨୧।୦୨ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆଠାରେ ବିଜୁ ଜନତା ଦଳ ପକ୍ଷରୁ ଆୟୋଜିତ ମୟୂରଭଞ୍ଜ ପ୍ରିମିୟର ଲିଗ୍ କ୍ରିକେଟ୍ ମାନ୍ୟବର ରାଜସ୍ୱ ତଥା ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀଯୁକ୍ତ ସୁଦାମ ମାର୍ଣ୍ଡିଙ୍କ କରକୋମଳରେ ଉଦ୍‌ଘାଟନ ହୋଇଯାଇଛି । ଏହି ପର୍ଯ୍ୟାୟରେ ୧୬ ଗୋଟି ଦଳ ଅଂଶଗ୍ରହଣ କରିଛନ୍ତି । ପ୍ରଥମ ଦିନରେ ୩ ଗୋଟି ମ୍ୟାଚ୍ ଅନୁଷ୍ଠିତ ହେବ । ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ପୂର୍ବତନ ଉପବାଚସ୍ପତି ତଥା ବିଧାୟକ ସାନନ୍ଦ ମାର୍ଣ୍ଡି, ଶ୍ରୀନାଥ ସରେନ, ଭାଦବ ହାଁସଦାଃ, ପୂର୍ବତନ ଏସ୍‌ଡିସି ଅଧକ୍ଷ ଡ. ଦେବାଶିଷ ମାର୍ଣ୍ଡି, କୃଷି ନିଗମର ଅଧକ୍ଷ ଦେବାଶିଷ ମହାନ୍ତି, ପୂର୍ବତନ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପ୍ରଭାତ ନାୟକ, କୃଷ୍ଣଚନ୍ଦ୍ର ଦାସ, ପୂର୍ବତନ ଉପ-ନଗରପାଳ ଦିପ୍ତିଲତା ମିଶ୍ର, ଜିତେନ୍ଦ୍ର ମହାନ୍ତି, ମହିଳା ସଭାନେତ୍ରୀ ବିଣାପାଣୀ ସାହୁ, ସବିତା ବେହେରା, କାଉନସିଲର ସୀମା ଦାସ, ଶ୍ରାବଣୀ ଦାସ, ସଂଧାରାଣି ଦାସ, ଭାରତୀ ହାଁସଦା, ପ୍ରଭାତି ପୃଷ୍ଟି, ବିଷ୍ଣୁପ୍ରିୟା ଦାସ, ଯୁବନେତା, ବିଜୁ ଯୁବ ଜନତା ଦଳ ସଭାପତି ଅରୁଣ ବରାଡ, ଛାତ୍ର ଜନତା ସଭାପତି ସୁନିଲ ନାୟକ, ଅବଦୁଲ ହବିବ୍, କୃଷ୍ଣଚନ୍ଦ୍ର ଦାସ, ପ୍ରଭାତ ନାୟକ, ଅନନ୍ତ ଦାସ, ଦେବାଶିଷ ପାତ୍ର, ସରୋଜ କୁମାର ବୋଷ, ପୂର୍ଣ୍ଣାନ୍ଦୁ ପରିଡା, ରାଜିବ ଜେନା, ଅମିତ ବୈଠା ସଏଦ୍ ଫିରଉଦିନ୍ ଦୀପକ ମଢୁଆଲ, ବିକାଶ ବାରିକ୍, ପ୍ରସନଜିତ୍ ମହାନ୍ତି, ଗୋବିନ୍ଦ ବେହେରା ପ୍ରମୁଖ କର୍ମିମାନେ ଉପସ୍ଥିତ ଥିଲେ । ଆଜିକାର ପ୍ରଥମ ଖେଳ ବାରିପଦା ବ୍ଲକ ସହିତ ଜିବି ନଗର ବ୍ଲକ ଖେଳିଥିଲା । ପ୍ରଥମେ ଜିବି ନଗର ୩ ଉଇକେଟ୍ ହରାଇ ୧୧୯ ରୋନ୍ ସଂଗ୍ରହ କରିଥିଲେ । ଯବାବରେ ବାରିପଦା ବ୍ଲକ ୬ ଉଇକେଟ୍ ହରାଇ ୧୧୪ ରୋନ୍ ସଂଗ୍ରହ କରିଥିଲେ । ଜିବି ନଗର ଏହି ମ୍ୟାଚ୍‌ଟିକୁ ଜିତି ନେଇଥିଲେ ।

## ଅମର୍ଦ୍ଦାରୋଡ ଫାର୍ମାସି ମହାବିଦ୍ୟାଳୟ ସ୍ୱାଗତ ଉତ୍ସବ



ବସ୍ତା,୨୨/୨(ନିପ୍ର): ବାଲେଶ୍ୱର ଜିଲ୍ଲା,ବସ୍ତା ବ୍ଲକ ଅମର୍ଦ୍ଦାରୋଡ ନଟାକଟା ପଞ୍ଚାୟତ ସ୍ଥିତ ସିଦ୍ଧେଶ୍ୱର ଫାର୍ମାସି ମହାବିଦ୍ୟାଳୟ ନୂତନ ଛାତ୍ର ଛାତ୍ରୀଙ୍କ ସ୍ୱାଗତ ଉତ୍ସବ ପାଳନ ହୋଇଯାଇଛି । ନବାଗତ ଛାତ୍ର ଛାତ୍ରୀଙ୍କୁ ପୁଷ୍ପ ଗୁଚ୍ଛ ଦେଇ ଏହି ଉତ୍ସବରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଫାର୍ମାସି ମହାବିଦ୍ୟାଳୟ ର ଭରପ୍ରାପ୍ତ ଅଧକ୍ଷ ଶମ୍ଭୁନାଥ ପଣ୍ଡା ପୌରହିତ୍ୟରେ କରିବା ସହ ଶିକ୍ଷାର ମାନ ଓ ଫାର୍ମାସିର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ଭାବେ ଅଧାପିକା ଅମିତା ମାଇତି ଯୋଗଦେଇ ଫାର୍ମା ସି ଛାତ୍ର ଛାତ୍ରୀ ମାନଙ୍କର ଆମ ଦେଶ ଓ ସମାଜ ପ୍ରତି କଣ କର୍ତ୍ତବ୍ୟ ତାହା ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧରେ ଅଧାପକ ସୁଶାନ୍ତ ବାରିକ, ଶିବାଶିଷ ଦାସ, ବିଶ୍ୱଜିତ ପ୍ରଧାନ, ଗ୍ରନ୍ଥାକାର ଶିଶିର ପ୍ରଧାନ ଯୋଗଦେଇ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ ।ମହାବିଦ୍ୟାଳୟ ମନୋରଞ୍ଜନ ମିଶ୍ର,ରାଧା ଶ୍ୟାମ ଜେନା, ସୁବୋଧ ରାଉଳ, ପଦ୍ମଲୋଚନ ମନ୍ତ୍ରୀ, ରାଧାକୃଷ୍ଣ ଦାସ, ଅଶୋକ କୁମାର ଦାସ, ମୋନରଞ୍ଜନ ପାତ୍ର, ଜଗବନ୍ଧୁ ଦାସ, ଏସକେ ସୁକୁର ଅଲ୍ଲୀ ଓ ଛାତ୍ର ଛାତ୍ରୀମାନେ ସ୍ୱାଗତ ଉତ୍ସବରେ ଉପସ୍ଥିତ ରହି ପରିଚାଳନା ରେ ସହଯୋଗ କରିଥିଲେ ।ଉତ୍ସବରେ ଛାତ୍ରୀ ବନିତା ସାହୁ ଓ ଜୟଶ୍ରୀ ମ ହା ପାତ୍ର ଯୁଗ୍ମ ଭାବେ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଛାତ୍ରର ଆସ୍ମାନ ରାଜ ମଞ୍ଚ ପରିଚାଳନ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ରାଜ୍ୟରେ କରୋନା ନିୟମ ....

ମାନୁ ନାହାଁନ୍ତି ଏବଂ ଏହାକୁ ହାଲୁକା ଭାବେ ନେଉଛନ୍ତି । ମହାରାଷ୍ଟ୍ରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବା ଏବଂ କରୋନାର କିଛି ନୂଆ ଷ୍ଟ୍ରେନ୍ ଚିହ୍ନଟ ହୋଇଥିବା ନେଇ ଏଥିରେ ଲେଖାଯାଇଛି । କରୋନା ପାଇଁ ପଦକ୍ଷେପ - ସର୍ବସାଧାରଣ ସ୍ଥାନରେ ମାସ୍କ ପିନ୍ଧିବା, ସମାଜିକ ଦୂରତା ମାନିବା ନିୟମ ଉପରେ ଜିଲ୍ଲା ଓ ପୁଲିସ ଅଧିକାରୀ ନଜର ରଖିବେ । ବଜାର ଓ ହାଟ ଭଳି ଜନଗହଳି ପୂର୍ଣ୍ଣ ସ୍ଥାନରେ ଲାଉଡସ୍ପିକର ଜରିଆରେ ସତର୍କ କରିବେ ଜିଲ୍ଲା ପ୍ରଶାସନ । ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ନିୟମ ପାଳନ ନେଇ ସଂପୃକ୍ତ ଅଧିକାରୀ ଉତ୍ତରଦାୟୀ ରହିବେ । ବାହାଘର, ଧାର୍ମିକ ସମାବେଶ, ଖେଳ, ସାଂସ୍କୃତିକ ଆଦି ସମାବେଶରେ କୋଭିଡ୍ ନିୟମ ପାଳନ ବାଧ୍ୟତାମୂଳକ ହେବ । ସ୍କୁଲ ଓ କଲେଜରେ ନିୟମ ପାଳନ ଉପରେ ସଂପୃକ୍ତ ଅଧିକାରୀ ଓ ଶିକ୍ଷକମାନେ ନଜର ରହିବେ । କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯିବା ଦରକାର । ହୋଟେଲ, ରେଷ୍ଟୋରାଂ, ଢ଼ାବା ଓ ଅନ୍ୟ ସର୍ବସାଧାରଣ ସ୍ଥାନରେ ଖାଇବା ସମୟରେ ନିୟମ ପାଳନ ଉପରେ ପୁଲିସ ନଜର ରଖିବ । ଦୋକାନ ଓ ବ୍ୟବସାୟିକ ଅନୁଷ୍ଠାନ କରୋନା ନିୟମ ଭାଙ୍ଗିଲେ ଦୋକାନକୁ ସିଲ୍ କରାଯାଇପାରେ । ରାଜ୍ୟ ସରକାରଙ୍କ ଏହି ପ୍ରସ୍ତୁତି ଭିତରେ ମୁଖ୍ୟମନ୍ତ୍ରୀ କୋଭିଡ୍ ଗାଇଡଲାଇନ୍ ମାନିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ସମସ୍ତେ ମାସ୍କ ପିନ୍ଧନ୍ତୁ ଏବଂ ସାମାଜିକ ଦୂରତା ମାନନ୍ତୁ । ରାଜ୍ୟ ସରକାରଙ୍କ ପରାମର୍ଶ ଏବଂ ଜିଲ୍ଲା ପ୍ରଶାସନ ଗୁଡ଼ିକର ପ୍ରସ୍ତୁତି ଭିତରେ, ଜନତାଙ୍କର ବଡ଼ ଦାୟିତ୍ୱ ହେଉଛି, କରୋନା ଭଳି ମହାମାରୀ ସମୟରେ ସାବଧାନ ରହିବା ଏବଂ ସତର୍କତାକୁ ମାନି ସରକାର ଓ ପ୍ରଶାସନକୁ ସହଯୋଗ କରିବା ।

## ଜଲେଶପଟା ଆଶ୍ରମ ମୁଖ୍ୟଙ୍କୁ .....

ଅଜଣା ଫୋନ କଲରୁ ଏହି ହତ୍ୟା ଧମକ ଆସିବା ପରେ ସଂପୃକ୍ତ ଆଶ୍ରମ ମୁଖ୍ୟ ଥାନାରେ ଏତଲା ଦେଇଛନ୍ତି । ଏତଲା ପରେ ଆଶ୍ରମରେ ସୁରକ୍ଷାକୁ କଡାକାଡି କରିଛନ୍ତି ତୁମୁଡ଼ିବନ୍ଧ ଆଇଆଇସି । ଘଟଣାସ୍ଥଳରେ ପହଂଚିଲେ ବୋମା ନିଷ୍କ୍ରିୟକାରୀ ଟିମ୍, ୮ବନ୍ଧୁକ ଧାରୀ ପୋଲିସ ଓ ଜଣେ ଅଫିସର ମୃତୟନ ହୋଇଛନ୍ତି । ପୂର୍ବରୁ ୨୦୦୮ ମସିହା ଅଗଷ୍ଟ ୨୨ ତାରିଖରେ ଆଶ୍ରମରେ ରହୁଥିବା ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ଏଭଳି ଧମକପୂର୍ଣ୍ଣ ଚିଠି ଆସିଥିଲା । ଏହାର ଗୋଟିଏ ଦିନ ପରେ ଦୁର୍ବୃତ ଆଶ୍ରମ ମଧରେ ପଶି ସରସ୍ୱତୀଙ୍କୁ ହତ୍ୟା କରିଥିଲେ ।

## ଯାତ୍ରା ବନ୍ଦ କଲା...

ଅନୁମତି ନେଇନଥିବା କହିଥିଲେ । ଏହା ପରେ ଯାତ୍ରା ପରିବେଷଣ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆସନ୍ତାକାଲି ଆନ୍ଦୋଳନ କରିବେ ଯାତ୍ରା କଳାକାର । ଲୋୟର ପିଏମଜିରେ ଅନଶନ ଓ ଧାରଣାରେ ବସିବେ କଳାକାର । ଯାତ୍ରା କଳାକାର ଓ କର୍ମଚାରୀ ସଂଘ ପକ୍ଷରୁ ସୂଚନା । ସେପଟେ ବେଗୁନିଆରେ ଗୋଟିଏ ଦିନ ଚାଲିବା ପରେ ବନ୍ଦ ହେଲା ଯାତ୍ରା । କୋରୋନା ମହାମାରୀ ଭିତରେ ଦୀର୍ଘ ୧୧ ମାସ ବନ୍ଦ ରହିଛି ଯାତ୍ରା । ତେଣୁ ଅତି କମରେ ୨ ହଜାର ଦର୍ଶକ ଥାଇ ଯାତ୍ରା କରିବା ପାଇଁ ଅନୁମତି ଦେବା ପାଇଁ ଦାବି କରି ଆସନ୍ତାକାଲି ବିକ୍ଷୋଭ ପ୍ରଦର୍ଶନ କରାଯିବ । ଯାତ୍ରା ଖୋଲିବା ପାଇଁ ଅନୁମତି ମିଳୁନାହିଁ । ତେଣୁ କଳାକାର ବଞ୍ଚିବେ କେମିତି । ଏମିତି ବଞ୍ଚିବା ଅପେକ୍ଷା ଆତ୍ମହୁତି ଦେବା ଭଲ ବୋଲି କହିଛନ୍ତି ଦୈତାରୀ ପଣ୍ଡା । ରାଜ୍ୟ ସରକାର ଦାବି ପୂରଣ ନକଲେ ୨୪ରୁ ଜିଲ୍ଲାବ୍ୟାପୀ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛନ୍ତି ଯାତ୍ରା କଳାକାର ଓ କର୍ମଚାରୀ ସଂଘ ଓଡ଼ିଶା । ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାରରେ ଯାତ୍ରା ପାଇଁ ଅନୁମତି ମିଳୁଛି ତେବେ ଓଡ଼ିଶାରେ ଆମକୁ ଯାତ୍ରା ପାଇଁ କାହିଁକି ଅନୁମତି ନାହିଁ ପ୍ରଶ୍ନ କରିଛନ୍ତି କଳାକାର ।

## ବିଦ୍ୟାଳୟ ମାନଙ୍କରେ ପାଠ....

ଅବସ୍ଥା ଦେଖି ବ୍ୟବସ୍ଥା କରାଯିବ ବୋଲି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି । ଭୁବନେଶ୍ୱରରେ ନିୟମ କଡାକଡି ଭାବେ ପାଳନ ପାଇଁ ସରକାର ନିଷ୍ପତି ନେଇଛନ୍ତି । ଲୋକ ସଚେତନ ଓ ସତର୍କ ରହିବାକୁ ସେ ପରାମର୍ଶ ଦେଇଛନ୍ତି ।

## ଅଭିଷେକ ବାନାର୍ଜୀଙ୍କ ....

ଚର୍ଚ୍ଚା ଆରମ୍ଭ ହୋଇଛି । କହିରଖୁ କି ଅବୈଦ୍ଧ ଭାବେ କୋଇଲା ଖନନ ଓ ଏହାର ଚୋରା ଚାଲଣକୁ ନେଇ ସିବିଆଇ ପକ୍ଷରୁ ଲଗାତର ଭାବେ ଚଢାଉ ଜାରି ରହିଛି । ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଜୟଦେବ ମଣ୍ଡଳ ଦୀର୍ଘ ଦିନ ହେବ ଫେରାର୍ ରହିଛନ୍ତି । ସେପଟେ ତୃଣମୂଳ କଂଗ୍ରେସର ଏମପି ଅଭିଷେକ ବାନାର୍ଜୀଙ୍କ ପକ୍ଷରୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ନାମରେ ଦାୟର କରିଥିବା ମାନହାନୀ ମାମଲାର ଶୁଣାଣି କରି କୋର୍ଟ ସୋମବାର ସୁଦ୍ଧା ନିଜେ ଅମିତ ଶାହା ବା ତାଙ୍କ ଓକିଲଙ୍କ ମାଧ୍ୟମରେ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଆସନ୍ତା କାଲି ପ୍ରଧାନମନ୍ତ୍ରୀଙ୍କ....

ସେ ମଧ ଧେମାଜୀ ଇଞ୍ଜିନିୟରିଂ କଲେଜର ଉଦଘାଟନ କରିବେ ଏବଂ ସୁଆଲାକୁଚି ଇଞ୍ଜିନିୟରିଂ କଲେଜ ପାଇଁ ଭିତିପ୍ରସ୍ତର ସ୍ଥାପନ କରିବେ । ଏହି ପ୍ରକଳ୍ପଗୁଡିକ ଶକ୍ତି ସୁରକ୍ଷା ଏବଂ ସମୃଦ୍ଧିର ଏକ ଯୁଗ ଆରମ୍ଭ କରିବ ଏବଂ ସ୍ଥାନୀୟ ଯୁବକମାନଙ୍କ ପାଇଁ ସୁଯୋଗର ରାସ୍ତା ଖୋଲିବ । ପୂର୍ବ ଭାରତର ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧିକୁ ଆଗେଇ ନେବା ପାଇଁ ଏହା ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ଦୃଷ୍ଟିକୋଣ । ଏହି ଅବସରରେ ଆସାମର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ମଧ ଉପସ୍ଥିତ ରହିବେ । ଇଣ୍ଡିଆନ୍ ଅଏଲର ବଙ୍ଗାଇଗାଓଁ ତୈଳ ବିଶୋଧନାଗାରରେ ଥିବା ଇଣ୍ଡମ୍ୟାକ୍ସ ୟୁନିଟ୍ ଇଣ୍ଡିଆନ୍ ଅଏଲ-ଆରଏଣ୍ଡଡି ଦ୍ୱାରା ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ କରାଯାଇଛି ଯାହା କଂଚାମାଲରୁ ଉଚ୍ଚ ମାନଯୁକ୍ତ ଖଟଏ ଏବଂ ଉଚ୍ଚ ମାନର ଅକ୍ଟାକେନ ଗ୍ୟାସୋଲିନ ଉତ୍ପାଦନ କରିଥାଏ । ଏହି ତୈଳ ବିଶୋଧନାଗାର ୟୁନିଟ୍ରେ ଅଶୋଧିତ ତୈଳ ପ୍ରକ୍ରିୟାକରଣ କ୍ଷମତାକୁ ୨.୩୫ ଏମଏମଟିପିଏ (ବାର୍ଷିକ ମିଲିୟନ୍ ମେଟ୍ରିକ୍ ଟନ୍) ରୁ ୨.୭ ଏମଏମଟିପିଏ କୁ ବୃଦ୍ଧି କରିବ । ଏହାର କାର୍ଯ୍ୟକାରିତା ଏଲପିଜି ଉତ୍ପାଦନ ୫୦ ଟିଏମଟି (ହଜାରେ ମେଟ୍ରିକ୍ ଟନ୍) ରୁ ୨୫୬ ଟିଏମଟି ଏବଂ ମୋଟର ସ୍ପିରିଟ୍ (ପେଟ୍ରୋଲ୍) ଉତ୍ପାଦନକୁ ୨୧୦ ଟିଏମଟି ରୁ ୫୩୩ ଟିଏମଟି ପର୍ଯ୍ୟନ୍ତ ବୃଦ୍ଧି କରିବ । ପ୍ରାୟ ୪୦,୦୦୦ କିଲୋ ଲିଟର ଅଶୋଧିତ ତୈଳର ସୁରକ୍ଷିତ ସଂରକ୍ଷଣ ଏବଂ ଅଶୋଧିତ ତୈଳରୁ ଜଳକୁ ପୃଥକ କରିବା ପାଇଁ ଅଏଲ୍ ଇଣ୍ଡିଆ ଲିମିଟେଡର ସେକେଣ୍ଡାରୀ ଟ୍ୟାଙ୍କ ଫାର୍ମ ନିର୍ମାଣ କରାଯାଇଛି । ୪୯୦ କୋଟି ଟଙ୍କାର ପ୍ରକଳ୍ପରେ ପ୍ରତିଦିନ ୧୦,୦୦୦ କିଲୋ ଲିଟର କ୍ଷମତା ବିଶିଷ୍ଟ ଡିହାଇଡ୍ରେସନ୍ ୟୁନିଟ୍ ମଧ ରହିବ । ତିନିସୁକିଆର ମାକୁମ୍ ଠାରେ ଥିବା ଗ୍ୟାସ୍ କମ୍ପ୍ରେସର ଷ୍ଟେସନ୍ ଦେଶର ଅଶୋଧିତ ତୈଳ ଉତ୍ପାଦନ କ୍ଷମତାକୁ ବାର୍ଷିକ ପ୍ରାୟ ୧୬୫୦୦ ମେଟ୍ରିକ୍ ଟନ୍ ବୃଦ୍ଧି କରିବ । ୧୩୨ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଷ୍ଟେସନରେ ୩ଟି ଲୋ-ପ୍ରେସର ବୁଷ୍ଟର୍ କମ୍ପ୍ରେସର ଏବଂ ୩ ଟି ହାଇ-ପ୍ରେସର ଲିଫ୍ଟ କମ୍ପ୍ରେସର ଅଛି । ପ୍ରାୟ ୪୫ କୋଟି ଟଙ୍କା ବ୍ୟୟରେ ୨୭୬ ବିଘା ଜମିରେ ଧମାଜୀ ଇଞ୍ଜିନିୟରିଂ କଲେଜ ନିର୍ମାଣ କରାଯାଇଛି । ଏହା ରାଜ୍ୟର ସପ୍ତମ ସରକାରୀ ଇଞ୍ଜିନିୟରିଂ କଲେଜ ଏବଂ ସିଭିଲ୍, ମେକାନିକାଲ୍ ଏବଂ କମ୍ପ୍ୟୁଟର ବିଜ୍ଞାନରେ ବି.ଟେକ୍ ପାଠ୍ୟକ୍ରମ ପ୍ରଦାନ କରିବ । ପ୍ରାୟ ୫୫ କୋଟି ଟଙ୍କା ବ୍ୟୟରେ ୧୧୬ ବିଘା ଜମିରେ ସୁଆଲକୁଚି ଇଞ୍ଜିନିୟରିଂ କଲେଜ ନିର୍ମାଣ ପାଇଁ ଭିତିପ୍ରସ୍ତର ସ୍ଥାପନ ହେବ । ପ୍ରଧାନମନ୍ତ୍ରୀ ମେଟ୍ରୋ ରେଳର ନୋଆପାରା ଠାରୁ ଦକ୍ଷିଣେଶ୍ୱର ପର୍ଯ୍ୟନ୍ତ ସମ୍ପ୍ରସାରଣର ଉଦଘାଟନ କରିବେ ଏବଂ ଏହି ପ୍ରସାରଣର ପ୍ରଥମ ସେବାକୁ ପତାକା ଦେଖାଇ ଶୁଭାରମ୍ଭ କରିବେ । କେନ୍ଦ୍ର ସରକାରଙ୍କ ସମ୍ପୂର୍ଣ୍ଣ ଅନୁଦାନପ୍ରାପ୍ତ ଏହି ୪.୧ କିଲୋମିଟର ସମ୍ପ୍ରସାରଣ କାର୍ଯ୍ୟ ୪୬୪ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି । ଏହା ସଡକ ଯାତାୟତର ଭିଡ ହ୍ରାସ କରିବ ଏବଂ ସହରୀ ଗତିଶୀଳତାକୁ ଉନ୍ନତ କରିବ । ଏହି ସମ୍ପ୍ରସାରଣ ଲକ୍ଷ ଲକ୍ଷ ପର୍ଯ୍ୟଟକ ଏବଂ ଭକ୍ତଙ୍କ ପାଇଁ କାଳିଘାଟ ଏବଂ ଦକ୍ଷିଣେଶ୍ୱରରେ ଥିବା ଦୁଇ ବିଶ୍ୱ ପ୍ରସିଦ୍ଧ କାଳୀ ମନ୍ଦିରକୁ ଯାତାୟତ ସହଜ କରିବ । ବାରନଗର ଏବଂ ଦକ୍ଷିଣେଶ୍ୱର ନାମରେ ନିର୍ମିତ ଏହି ଦୁଇଟି ନୂତନ ଷ୍ଟେସନରେ ଆଧୁନିକ ଯାତ୍ରୀ ସୁବିଧା ରହିଛି ଏବଂ ମୂର୍ତ୍ତି, ଫଟୋଗ୍ରାଫ୍, ଏବଂ ପ୍ରତିମା ସହିତ ସୌନ୍ଦର୍ଯ୍ୟପୂର୍ଣ୍ଣ ଭାବରେ ପରିକଳ୍ପିତ ଏବଂ ସଜାଯାଇଛି । ଦକ୍ଷିଣ ପୂର୍ବ ରେଳବାଇର ୧୩୨ କିଲୋମିଟର ଦୈର୍ଘ୍ୟ ଖଡଗପୁର-ଆଦିତ୍ୟପୁର ତୃତୀୟ ଲାଇନ ପ୍ରକଳ୍ପର ୩୦ କିଲୋମିଟର ପର୍ଯ୍ୟନ୍ତ କାଲାଇକୁଣ୍ଡା ଏବଂ ଝାରଗ୍ରାମ ମଧ୍ୟରେ ତୃତୀୟ ଲାଇନକୁ ମଧ ପ୍ରଧାନମନ୍ତ୍ରୀ ଉଦଘାଟନ କରିବେ, ଯାହାର ଆନୁମାନିକ ମୂଲ୍ୟ ୧୩୧୨ କୋଟି ଟଙ୍କା ହେବ । କଲାଇକୁଣ୍ଡା ଏବଂ ଝାରଗ୍ରାମ ମଧ୍ୟରେ ଥିବା ଚାରୋଟି ଷ୍ଟେସନକୁ ନୂତନ ଭିତିଭୂମି ନବୀକରଣ ସହିତ ଚାରିଟି ନୂତନ ଷ୍ଟେସନ୍ କୋଠା, ଛଅଟି ନୂତନ ଫୁଟ୍ ଓଭର ବ୍ରିଜ ଏବଂ ଏଗାରଟି ନୂତନ ପ୍ଲାଟଫର୍ମ ନିର୍ମାଣ କରି ଭିତିଭୂମିର ନବୀକରଣ କରାଯାଇଛି ।

# ମାତୃଭାଷା ଦିବସରେ ସଂଭାବନାର 'ପ୍ରଣବ ପ୍ରତିଧ୍ୱନି'

ଭୁବନେଶ୍ୱର,୨୧/୨(ନି.ପ୍ର): ଫେବୃଆରୀ ୨୦ ତାରିଖ, ବିଶ୍ୱ ମାତୃଦିବସର ପୂର୍ବ ସଂଧ୍ୟା । ଓଡ଼ିଶା ଭାଷା, ସ୍ୱାଭିମାନ, ସଂସ୍କୃତି,ଐତିହ୍ୟ ଓ ପରମ୍ପରାର ସୁରକ୍ଷା ଓ ସଂପ୍ରସାରଣ ଉଦ୍ଦେଶ୍ୟରେ ସଂଭାବନା ପକ୍ଷରୁ ଷୋଡ଼ଶ ବର୍ଷରେ ପହଞ୍ଚିଥିବା ଅଭିଯାନ "ଓଡ଼ିଆ ମହୋତ୍ସବ"ର ଦ୍ୱିତୀୟ କର୍ଯ୍ୟକ୍ରମ ଭାବେ ବିଶ୍ୱ ମାତୃଭାଷା ଦିବସ ସମାରୋହ ଆୟୋଜିତ ହୋଇଥିଲା । ଭାଷାକୁ ସମୃଦ୍ଧ କରିବା ପାଇଁ ସଂଗୀତ ହେଉଛି ବଳିଷ୍ଠ ମାଧ୍ୟମ । ଚଳିତ ଥର ଏହି ଅବସରରେ ସଂଗୀତ ଗାୟନ ମାଧ୍ୟମରେ ଓଡ଼ିଆ ଭାଷାକୁ ସମୃଦ୍ଧ କରିଥିବା କିମ୍ବଦନ୍ତୀ ଗାୟକ ପ୍ରଣବ କିଶୋର ପଟ୍ଟନାୟକଙ୍କ ସଂଗୀତର ସ୍ୱତନ୍ତ୍ର କାର୍ଯ୍ୟକ୍ରମ "ପ୍ରଣବ ପ୍ରତିଧ୍ୱନି"ରେ ଅନୁଷ୍ଠିତ ହୋଇଥିଲା, ପ୍ରଣବଙ୍କ ସଂଗୀତର ତିନି ଗୋଟି ପର୍ଯ୍ୟାୟ । ପ୍ରଣବ ଜୀବନବ୍ୟାପୀ ଅର୍ଥପୂର୍ଣ୍ଣ ଓ ଜନପ୍ରିୟ ଓଡ଼ିଆ ସଂଗୀତ ଗାଇ ଆମ ମାତୃଭାଷାକୁ ସମୃଦ୍ଧ କରିଛନ୍ତି । ତାଙ୍କରି ସଂଗୀତକୁ ତିନି ଭାଗରେ ବିଭକ୍ତ କରି ପ୍ରଣବ ଗାଇଥିବା ଭକ୍ତି ଗୀତ, ଜୀବନ ଦର୍ଶନ ସଂଗୀତ ଓ ପ୍ରଣବ ସଂଗୀତର ତିନି ଗୋଟି ପର୍ଯ୍ୟାୟରେ ଏହା ଅନୁଷ୍ଠିତ ହୋଇଥିଲା । ନିଜେ ପ୍ରଣବ ଗାଇଥିଲେ, ଏକାଧିକ ସଂଗୀତ । ତାଙ୍କ ସ୍ୱରରେ ଆତ୍ମନ, ଉର୍ମି ଅଧିରା ଓ ଛନ୍ଦା ମିଶ୍ରଙ୍କ ସହ ଦୈତ ସଂଗୀତ ଏ ନୀଳ ଆଖି ନୀଳ ଜଳେ ଭାବ ବିହ୍ୱଳ କରିଥିଲା ଦର୍ଶକଙ୍କୁ । ସଂଭାବନାର ଅଧକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପରିଚାଳନା ଟ୍ରଷ୍ଟି ଦେବ ପ୍ରସାଦ ପରିଜା କାର୍ଯ୍ୟକ୍ରମର ପୃଷ୍ଠଭୂମି ସଂପର୍କରେ ସୂଚନା ଦେଇଥିଲେ । ଏହି ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ, ଓଡ଼ିଶା ହାଉସିଂ ବୋର୍ଡର ଅଧକ୍ଷ ପ୍ରିୟଦର୍ଶୀ ମିଶ୍ର, ବିଶିଷ୍ଟ ଚାଟାର୍ଡ ଆକାଉଣ୍ଟାଣ୍ଟରାଜୀବ ଲେଖର ସାହୁ ଆଦି ପ୍ରମୁଖ ଅତିଥି ଭାବେ ଯୋଗ ଦେବା ସହ ରଚିସମ୍ପନ୍ନ ଓ ଭାବପୂର୍ଣ୍ଣ ଓଡ଼ିଆ ସଂଗୀତ ଗାୟନ ପାଇଁ ପ୍ରଣବ ପରମ୍ପରା ସମ୍ମାନରେ ସମ୍ବର୍ଦ୍ଧିତ ହୋଇଥିଲେ ପ୍ରଖ୍ୟାତ ଗାୟିକା ଡ. ସୁଧା ମିଶ୍ର । ଟ୍ରଷ୍ଟି ସ୍ମୃତି ମହନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି ପ୍ରଣବ ସଂଗୀତ କାର୍ଯ୍ୟକ୍ରମକୁ ଆଗେଇ ନେଇ ଛନ୍ଦା ମିଶ୍ର ଗାଇଥିଲେ କରୁଣାମୟୀ ଗୋ ଜଗତ ଜନନୀ, ଏମିତି ରାତି । ସିଦ୍ଧାନ୍ତ ଶତ୍‌ପଥିଙ୍କ ସ୍ୱରରେ ହେ ଦୁଃଖହାରୀ ଗିରିଧାରୀ, ସ୍ମୃତି ତୋର ଫେରେ ଓ ଜୀବନ ଏକ ନାଟକ ବେଶ୍ ଛୁଇଁ ଥିଲା ଦର୍ଶକଙ୍କୁ । ଅର୍ଣ୍ଣବ ପଣ୍ଡାଙ୍କ ସ୍ୱରରେ ହାଏ ସେ ହରିଣୀ ଆଖି, ମାଝୀରେ...ଶେଷ ଶ୍ରାବଣ ପରିବେଷିତ ହୋଇଥିବା ବେଳେ ରିତିକା ରିମ୍‌ଝିମ୍ ଗାଇଥିଲେ କବୀର ଭଜନ, ମାଟି କହେ କୁମ୍ଭୀରକୁ, ପାହାଡ଼ର ସେପାଖେ ଆମ ଛୋଟ ଗାଁ । ଗାୟିକା ଇପ୍‌ସିତା ମହାନ୍ତିଙ୍କ ସ୍ୱରରେ ମା ତୁମେ ଜଗତର ସାହା ଭରଷା, ଯାରେ ମାଝି ଯା ତୁ ନଉକା ବାହି ଯା ପୁଲକିତ କରିଥିଲା ସଂଗୀତ ପ୍ରେମୀଙ୍କୁ । ସେହିପରି ପୁଣ୍ୟତା ଦାଶ ଓ ବିପୁଲ ଯଥାକ୍ରମେ ଗାଇଥିଲେ ମୁଁ ଯେ ଅମୃତ ସାଗର ବିନ୍ଦୁ ଓ ଇନ୍ଦ୍ରଧନୁର ସପ୍ତରଙ୍ଗୁ । ବିଜୟଲକ୍ଷ୍ମୀ ପତି ଗାଇଥିଲେ ମଣିମା ଶୁଣିମା ହେଉ ଗରିବ ଡାକ । ଏତଦ୍ ବ୍ୟତୀତ ଯଉବନରୁ ଅପରାଧ, ଛଇ ଛବେଲି ରଙ୍ଗରଙ୍ଗେଲି, ପୁରିଲା ଆଶା ମୋର ଆଦି ଅନେକ ଜନପ୍ରିୟ ଦୈତ ସଂଗୀତ ଓ ବୃନ୍ଦଗାନ କେଉଁ ନାମ ଧରି ମଧ ପରିବେଷିତ ହୋଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ସଭ୍ୟା ରାଜଶ୍ରୀ ଶତପଥି, ସତ୍ୟବ୍ରତ ମହାପାତ୍ର, ପ୍ରେମ ପ୍ରକାଶ ସିଂ, ପ୍ରଫୁଲ୍ଲ ଦେ, ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

## ମାତୃଶକ୍ତି ଫାଉଣ୍ଡେସନ ଏମ୍.ଟି.ଏସ୍.ର ୫ମ ପ୍ରତିଭା ସମ୍ମାନ ଉତ୍ସବ

ଭୁବନେଶ୍ୱର, ୨୧।୦୨ (ନି.ପ୍ର): ମାତୃଶକ୍ତି ଫାଉଣ୍ଡେସନ (ଏମ୍.ଟି.ଏସ୍)ର ପଂଚମ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ଉତ୍ସବ ସ୍ଥାନୀୟ ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବକୁ ମାନ୍ୟବର ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏଥିରେ ଭଦ୍ରକ ବିଧାୟକ ଶ୍ରୀ ସଞ୍ଜୀବ ମଲ୍ଲିକ ଅନ୍ୟତମ ଅତିଥି ଭାବରେ ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବିଶିଷ୍ଟ ପ୍ରତିଭାଧାରୀ ବ୍ୟକ୍ତିତ୍ୱ ଚଳଚ୍ଚିତ୍ର ଅଭିନେତା ତଥା ସମାଜସେବୀ ସବ୍ୟସାଚୀ ମିଶ୍ର, ସ୍ତମ୍ଭକାର ଅମିୟ ପାଣ୍ଡବଙ୍କ ସମେତ ୧୫ଜଣ ବ୍ୟକ୍ତିବିଶେଷ ଏବଂ କିଛି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏମ୍.ଟି.ଏସ୍ ପ୍ରତିଭା ସମ୍ମାନ-୨୦୨୧ରେ ସମ୍ମାନିତ କରାଯାଇଥିଲା । ମନ୍ତ୍ରୀ ଶ୍ରୀ ଦାଶ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ସମାଜସେବା କରିବାକୁ ହେଲେ ନିଜର ଦୃଢ ଇଚ୍ଛାଶକ୍ତି ଥିବା ଦରକାର, ଏଥିପାଇଁ କୌଣସି ଅନୁଷ୍ଠାନର ଆବଶ୍ୟକତା ପଡ଼ିନଥାଏ । ସମାଜସେବା କ୍ଷେତ୍ରରେ ନିଜକୁ ନିୟୋଜିତ କରୁଥିବା ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଗଲେ, ସେମାନଙ୍କୁ ଅଧିକରୁ ଅଧିକ ସମାଜସେବା କରିବାକୁ ପ୍ରେରଣା ମିଳିଥାଏ । ଏମ୍‌ଟିଏସ୍ ଦୀର୍ଘଦିନ ଧରି ଜାରି ରଖିଥିବା ବିଭିନ୍ନ ସାମାଜିକ କାର୍ଯ୍ୟକୁ ସେ ଭୂୟଶୀ ପ୍ରଶଂସା କରିଥିଲେ ।

ଧ୍ୱନି ପ୍ରତିଧ୍ୱନି



## ପିଡିଏସ ସାମଗ୍ରୀ ପରିବହନରେ ଅବ୍ୟବସ୍ଥା

ବାଲିଆପାଳ୨୧।୦୨ (ନି.ପ୍ର): ବାଲିଆପାଳ ବ୍ଲକ ଅଧୀନ ରେ ଥିବା ସମସ୍ତ ପିଡିଏସ କଣ୍ଟ୍ରୋଲ ଡିଲର ମାନଙ୍କ ପାଖକୁ ଶୀଘ୍ର ଏବଂ ସୁରୁଖୁର ରେ ପିଡିଏସ ସାମଗ୍ରୀ ଯୋଗାଣ ପାଂଇ ଜଳେଶ୍ୱର ଠାରେ ଥିବା ଗୋଦାମ ରୁ ଏଜେଣ୍ଟ ସହାୟାତା ରେ ସାମଗ୍ରୀ ପହଞ୍ଚା ଯାଉଥିଲା , ମାତ୍ର ଫେବୃୟାରୀ ମାସ ର ପିଡିଏସ ସାମଗ୍ରୀ ବାଲେଶ୍ୱର ସ୍ଥିତ ଏଫ ସି ଆଇ ଗୋଦାମ ଠାରୁ ପରିବହନ ପାଂଇ ବାଲିଆପାଳ ବ୍ଲକ ଦାୟିତ୍ୱ ରେ ଥିବା ପରିବହନ ଏଜେଣ୍ଟ ଅତୁଲ ପ୍ରଧାନ ଙ୍କୁ ପରିବହନ ପାଂଇ ନିର୍ଦ୍ଦେଶ ଦିଆ ଯାଇଛି , ମାତ୍ର ବାଲେଶ୍ୱର ରୁ ବହୁଦୂର ହେଉଥିବା ଥିବା ରୁ ପିଡିଏସ ସାମଗ୍ରୀ ପରିବହନ ରେ ବ୍ୟାପକ ଅବ୍ୟବସ୍ଥା ପରିଲକ୍ଷିତ ହେଉଛି , ପୂର୍ବରୁ ଜଳେଶ୍ୱର ଠାରୁ ବାଲିଆପାଳକୁ ପିଡିଏସ ସାମଗ୍ରୀ ଯୋଗାଣରେ ସହଜ ଏବଂ ସୂଚାରୁ ରୂପେ ପରିବହନ ହୋଇ ପାରୁଥିବାରୁ ଠିକ ସମୟରେ ଲୋକଙ୍କୁ ଖାଦ୍ୟ ସାମଗ୍ରୀ ବଣ୍ଟନ ହୋଇ ପାରୁଥିଲା, ଜଳେଶ୍ୱର ଡିପୋ ରେ ଭୋଗରାଇ, ଜଳେଶ୍ୱର ବସ୍ତା, ବାଲିଆପାଳ ସମେତ ଜଳେଶ୍ୱର ମୁନିସିପାଲିଟିର ହିତାଧିକାରୀ ମାନଙ୍କ ପାଂଇ ପିଡିଏସ ସାମଗ୍ରୀ ମହଜୁଦ ରହୁଥିଲା, ଜଳେଶ୍ୱର ରୁ ବାଲିଆପାଳ କୁ ୩୦ କିମି ରାସ୍ତା ହୋଇଥିବା ରୁ କମ ସମୟ ଏବଂ କମ ଖର୍ଚ୍ଚ ରେ ଛୋଟଛୋଟ ଗାଡି ଦ୍ୱାରା ଗ୍ରାମାଞ୍ଚଳ ରେ ଥିବା ଡିଲର ମାନଙ୍କ ଠାରେ ସହଜରେ ପିଡିଏସ ସାମଗ୍ରୀ ପହଞ୍ଚା ଯାଇ ପାରୁଥିଲା, ମାତ୍ର ଏବେ ବାଲେଶ୍ୱର ଏଫ ସି ଆଇ ଗୋଦାମ ଠାରୁ ବାଲିଆପାଳ ର ଉପାନ୍ତ ଅଞ୍ଚଳ ରେ ଥିବା ଡିଲର ମାନଙ୍କ ପାଖକୁ ୮୦ ରୁ ଉର୍ଦ୍ଧ୍ୱ କିମି ରାସ୍ତା ଦୂର ହେଉଥିବାରୁ ପରିବହନ କାର୍ଯ୍ୟ ରେ ବ୍ୟାପକ ବାଧା ସୃଷ୍ଟି ହେଉଛି , ବାଲେଶ୍ୱର ଠାରୁ ଅଧିକ ଦୂରତା ହେଉଥିବାରୁ ଅଧିକ ଖର୍ଚ୍ଚାନ୍ତ ହେବା ସହ ସାମଗ୍ରୀ ପହଞ୍ଚାଇବା ରେ ବିଳମ୍ୱ ଘଟୁଥିବା ରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି, ଫେବୃୟାରୀ ମାସ ର ପିଡିଏସ ସାମଗ୍ରୀ ମାସ ଶେଷ ହେବାକୁ ବସିଥିଲେ ସୁଦ୍ଧା ଡିଲରଙ୍କ ଠାରେ ଏ ପର୍ଯ୍ୟନ୍ତ ସାମଗ୍ରୀ ପହଞ୍ଚି ପାରିନି, ବାଲେଶ୍ୱର ପରିବର୍ତ୍ତେ ପୂର୍ବପରି ଜଳେଶ୍ୱର ଠାରୁ ପରିବହନ ପାଂଇ ଦାବି ହୋଇଛି ।

## ଡ୍ରିମସ୍ ଆଇଡିଆଲ ରେସିଡେନ୍‌ସିଆଲ ସ୍କୁଲ ପରିସରରେ 'ଜୀବନ ସରସୀ' ପୁସ୍ତକର ଉନ୍ମୋଚନ ଉତ୍ସବ



ବାଲେଶ୍ୱର,୨୧/୨(ନି.ପ୍ର): ଡ୍ରିମସ୍ ଆଇଡିଆଲ ରେସିଡେନ୍‌ସିଆଲ ସ୍କୁଲ ପରିସରରେ ଲଙ୍ଗଳେଶ୍ୱର ସଚ୍ଚୀନ୍ଦ୍ର କୁମାର ଉଚ୍ଚବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଦୀପ୍ତିଲତା ମହାନ୍ତିଙ୍କ ସ୍ୱରଚିତ କବିତା ଗ୍ରନ୍ଥ 'ଜୀବନ ସରସୀ' ଲୋକାର୍ପଣ କରାଯାଇଅଛି । ଉପସ୍ଥିତ ଅତିଥି ବୃନ୍ଦ ଏ.ପି.ଡି ନିଲୁ ମହାପାତ୍ର, କବି କାଳିପଦ ପଣ୍ଡା, କବି ପ୍ରଶାନ୍ତ ଦାସ, କବି ଅଭୟ ଦାସ, ବିଦ୍ୟାପୀଠର ପ୍ରତିଷ୍ଠାତା ଗଙ୍ଗାଧର ଦାସଙ୍କ ଉପସ୍ଥିତିରେ ଉକ୍ତ ବହିଟି ଉନ୍ମୋଚନ କରାଯାଇଅଛି । ଉପସ୍ଥିତ ଅତିଥିମାନେ ନୂତନ ଲେଖିକାର ଆବେଗକୁ ଏବଂ କବିତାର ମର୍ମ ଉପରେ ଅତ୍ୟଧିକ ପ୍ରଶଂସା କରିଥିଲେ । ବିଦ୍ୟାଳୟର ପ୍ରତିଷ୍ଠାତା ଶ୍ରୀଯୁକ୍ତ ଗଙ୍ଗାଧର ଦାସ ପରିଚାଳନା କରିଥିଲେ, ବିଦ୍ୟାଳୟର ପୁଷ୍ପିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟତମ ଅତିଥି ଭାଗଗ୍ରାହୀ ମହାନ୍ତି, ମୁକ୍ତାର ଅହମ୍ମଦ, ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ମିତିସୁଧା ଦାସ, ସତ୍ୟଭାମା ପ୍ରଧାନ, ରେହାନା ବେଗମ୍, ଦୀପାଞ୍ଜଳି ଦାସ, ରୂପଶ୍ରୀ ବେହେରା, ଦେବିଶ୍ରୀ ଗିରି, ମଧୁସ୍ମିତା ପ୍ରଧାନ, କଳ୍ପନା ବାରିକ୍, କମଳାମଣି ପାଲ ଏବଂ ମଧୁମିତା ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

## ରୋଭର୍ସ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ
## ଯାଜପୁରର ମହାଲକ୍ଷ୍ମୀ ଟିମ୍‌କୁ ହରାଇ ଭଦ୍ରକର ରୋଭର୍ସ କ୍ଲବ ଚମ୍ପିୟାନ




ଭଦ୍ରକ,୨୧।୦୨ (ନି.ପ୍ର): ଭଦ୍ରକ ପୁରୁଣାବଜାର ସ୍ଥିତ ମହାବୀର ପଡ଼ିଆରେ ରୋଭର୍ସ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ରୋଭର୍ସ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଯାଜପୁର ଦଳକୁ ହରାଇ ଭଦ୍ରକର ରୋଭର୍ସ କ୍ଲବ ଚମ୍ପିୟାନ ହୋଇଛି। ଚାନ୍ଦବାଲି ଫୁଟବଲ ଟିମ୍, ୟୁନାଇଟେଡ୍ କ୍ଲବ, ମାର୍କୋଣା, ବାସୁଦେବପୁର, ଯାଜପୁରର ମହାଲକ୍ଷ୍ମୀ ଟିମ୍, ବୈତରଣୀ ଫୁଟବଲ ଟିମ୍, ରୋଭର୍ସ କ୍ଲବ ଓ ହରିପୁର ଫୁଟ୍‌ବଲ କ୍ଲବକୁ ମିଶାଇ ମୋଟ ୮ଟି ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିଲେ। ଦୀର୍ଘ ୭ ଦିନ ଧରି ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟର ଆଜିର ଫାଇନାଲ ମ୍ୟାଚ ଯାଜପୁରର ମହାଲକ୍ଷ୍ମୀ ଫୁଟ୍‌ବଲ ଟିମ ଓ ଭଦ୍ରକର ରୋଭର୍ସ କ୍ଲବ ମଧ୍ୟରେ ଖେଳା ଯାଇଥିଲା। ରୋଭର୍ସ କ୍ଲବ ୧-୦ ଗୋଲରେ ଯାଜପୁରକୁ ପରାସ୍ତ କରି ଚମ୍ପିୟାନ ହୋଇଥିବା ବେଳେ ଯାଜପୁର ରନର୍ସଅପ୍ ହୋଇଛି। ରୋଭର୍ସ କ୍ଲବ ପକ୍ଷରୁ ମହମ୍ମଦ ସରଫରାଜ ବିଜୟୀ ଗୋଲ ପ୍ରଦାନ କରିଥିବାରୁ ତାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇ ପୁରସ୍କୃତ କରାଯାଇଥିଲା। ମୀର୍ଜା ଇଜାଜ ବେଗ, ଶେଖ ଜୁଲଫୁକାର, ମନୋରଂଜନ ବାରିକ ଏବଂ ତାଜୁଦ୍ଦିନ ଖାଁ ମ୍ୟାଚ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ୍, ସମ୍ମାନିତ ଅତିଥି ଭାବେ ବିଜେଡି ନଗର ସଭାପତି ତାହେର ମହମ୍ମଦ ପ୍ରମୁଖ ଯୋଗ ଦେଇ ଚମ୍ପିୟାନ ଦଳକୁ ୧୦ ହଜାର ଟଙ୍କା ଓ ରନର୍ସଅପ୍ ଦଳକୁ ଟ୍ରଫି ସହିତ ୭ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ।

## ୧୦ ହାତୀଙ୍କ ୩ ଦିନ ଉତ୍ପାତ : ଖାଇଗଲେ ୪ କ୍ୱିଣ୍ଟାଲ ଧାନ

ଜଳେଶ୍ୱର,୨୧/୨(ନିପ୍ର): ଆଜକୁ ୩ ଦିନ ଧରି ରାଇବଣିଆ ଥାନାର ୭ଟି ପଂଚାୟତରେ ହାତୀ ଆତଙ୍କ ଦେଖାଦେଇଛି । ଜଣେ ଚାଷୀଙ୍କ ଘର ଭାଂଗିବା ସହିତ ପ୍ରାୟ ୪ କ୍ୟୁଣ୍ଟାଲ ଧାନ ହାତୀ ଖାଇବା ସହିତ ବହୁଧାନ ବୁଣି ନଷ୍ଟ କରିଛି । ଗତ ଶୁକ୍ରବାର ରାତିରେ ଏକ ଗୋଠ ଖଣ୍ଡିଆ ଦନ୍ତା ହାତୀ ରାଇବଣିଆ ଅଂଚଳରେ ପ୍ରବେଶ କରିଥିଲା । ଦୁଧିଆଶୋଳ ଜଂଗଲରୁ ବାହାରି ଓଲମରା ପଂଚାୟତରର ଗୋପାଳପୁର ଗ୍ରାମର ପ୍ରଦୀପ ସିଂ ଘରେ ପଶିଥିଲା । ହାତୀକୁ ଦେଖି ପ୍ରଦୀପ ଘରେ ଭୟ ସୃଷ୍ଟି ହୋଇଥିଲା ଓ ଘର ଛାଡି ପଳାଇଥିଲେ । ହାତୀଟି ଘରେ ଥିବା ଧାନ ଖାଇବା ସହିତ ବାରିଆଡେ ବସ୍ତା ନେଇ ଢାଳିଥିଲା । ଘରେ ହାତୀଟିକୁ ରାଇବଣିଆ ଗଡ ଅଂଚଳରେ ବୁଲୁଥିବାର ଦେଖିବାକୁ ମିଳିଥିଲା । ଗତ ରାତିରେ ୧୦ଟି ହାତୀ ମୟୂରଭଂଜ ଅଂଚଳ ଜଂଗଲ ଟୁପୁରାରୁ ବାଲେଶ୍ୱର ଜିଲାର ରାଇବଣିଆ ଅଂଚଳରେ ଲୁହାପଡା ଜଂଗଲରେ ହାତୀ ଗୁଡିକ ଉତ୍ପାତ କରିଥିଲା । ରାଇବଣିଆ ଥାନାର କାଳିକ, ସର୍ଦ୍ଦାରବନ୍ଧ, ଶ୍ୟାମନଗର, ଖୁଆଡ, ବରଡିହା, ରାଇବଣିଆ ଓ ଓଲମରା ପଂଚାୟତ ଅଂଚଳରେ ଆତଙ୍କ ଖେଳି ଯାଇଛି । ହାତୀଗୁଡିକ ଆଜି ସଂଧ୍ୟାରେ ବିଭିନ୍ନ ଗ୍ରାମରେ ପ୍ରବେଶ କରି କ୍ଷୟକ୍ଷତି କରୁଥିବାର କୁହାଯାଇଛି । ରେଞ୍ଜର ସରୋଜ ମହାନ୍ତି ଏଥିପ୍ରତି ଦୃଷ୍ଟି ରଖିଥିବାର କହିଛନ୍ତି ।

## ଇନଟାକ ବାଲେଶ୍ୱର ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା

ବାଲେଶ୍ୱର,୨୧।୦୨ (ନି.ପ୍ର): ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଇନଟାକ ପକ୍ଷରୁ ସର୍ବଭାରତୀୟ ସ୍ତରରେ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିବା ବେଳେ ବାଲେଶ୍ୱର ମଧ ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଉଦ୍ୟୋଗ ଭବନରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତୀ ଏଥିରେ ମୁଖ୍ୟଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁସ୍କୃତ କରିଥିଲେ । ପରିବେଶପ୍ରେମୀ ଚୌଧୁରୀ ସପନ କୁମାର ମହାପାତ୍ର ଏଥିରେ ସମ୍ମାନୀତ ଅତିଥିଭାବେ ଯୋଗଦେଇ ପରିବେଶ ସୁରକ୍ଷାରେ ଛାତ୍ରଛାତ୍ରୀମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ବାଲେଶ୍ୱର ଇନଟାକ ଚାପ୍ଟରର ଆବାହକ ହିମାଂଶୁ ଦାସ ଏଥିରେ ପୋରହିତ୍ୱ କରିବା ସହ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପୁରାତନ ଐତିହ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି ଏହ ପ୍ରତିଯୋଗିତର ମୂଳ ଲକ୍ଷ୍ୟ ବୋଲି କହିଥିଲେ । ତେବେ ବହୁ ପୂର୍ବରୁ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲେ ବି କରୋନା ସଂକ୍ରମଣ ପାଇଁ ପୁରସ୍କାର ବିରତଣରେ ବିଳମ୍ବ ହୋଇଥିବା ଶ୍ରୀ ଦାସ ସୂଚନା ଦେଇଥିଲେ । ସହ ଆବାହକ ଉଦୟ ରଞ୍ଜନ ଦାସ ଏହି କାର୍ଯ୍ୟକ୍ରରେ ଯୋଗଦେଇ ବାଲେଶ୍ୱରରେ ଥିବା ଐତିହ୍ୟ ସଂରକ୍ଷଣରେ ଜିଲ୍ଲାପାଳଙ୍କ ଭୂମିକାକୁ ଉଚ୍ଚ ପ୍ରଶଂସା କରିଥିଲେ । ଏହି ଅବସରରେ ସର୍ବଭାରତୀୟ ସ୍ତରରେ ସ୍ଥାନ ପାଇଥିବା ବାଲେଶ୍ୱର ଜିଲ୍ଲା ସ୍କୁଲର ଛାତ୍ରୀ ଅଙ୍କିତା ଲେଙ୍କାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆଂଚଳିକ ସ୍ତରରେ କୃତୀତ୍ୱ ଅର୍ଜନ କରିଥିବା ଟାଉନ ହାଇ ସ୍କୁଲର ବିନ୍ଦୁ ସୁକେଶିନୀ ଦାଶ ଓ ଡଏଭି ପବ୍ଲିକ ସ୍କୁଲର ସାଇସ୍ମିତା ମଲ୍ଲିକଙ୍କ ସମେତ ଜିଲ୍ଲାସ୍ତରରେ କୃତୀତ୍ୱ ଅର୍ଜନ କରିଥିବା ୧୫ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରାରମ୍ଭରେ ଅଲିଭା ଦାସ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ଏହା ସହିତ ବାଲେଶ୍ୱର ଇନଟାକ ଚାପ୍ଟରର ଦିବଂଗତ ସଦସ୍ୟଙ୍କ ଫୋଟଚିତ୍ରରେ ପୁଷ୍ପ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଶେଷରେ ଅନ୍ୟତମ ସହ-ଅବାହକ ନିକୁଞ୍ଜ ବିହାରି ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ବିଜେଡିରେ ଶିବିରରେ ବାଉଁଶଗଡିଆ ସରପଞ୍ଚ



ଖଇରା,୨୧।୨(ନିପ୍ର) ଖଇରା ବ୍ଲକ୍ ଅଧୀନ ବାଉଁଶଗଡିଆ ପଞ୍ଚାୟତର ସରପଞ୍ଚ ତଥା ବିଶିଷ୍ଟ ଭାଜପା ନେତା ବିଷ୍ଣୁପଦ ଘଡେଇ ବିଭିନ୍ନ ୱାଡର ୱାର୍ଡ ମେମ୍ବର ତଥା ଶତାଧିକ ସମର୍ଥକଙ୍କ ସହ ରବିବାର ଦିନ ଆନୁଷ୍ଠାନିକ ଭାବେ ବିଜେଡିରେ ଯୋଗ ଦାନ କରିଛନ୍ତି । ଏହି ଅବସରରେ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ପଡିଆରେ ମହା ମିଶ୍ରଣ ନିମନ୍ତେ ଆୟୋଜିତ ସମାବେଶରେ ବ୍ଲକ ବିଜେଡି ସଭାପତି ବ୍ରଜକିଶୋର ମହାନ୍ତି ଅଧ୍ୟକ୍ଷତା କରିଥିଲେ । ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ନିଜ ବକ୍ତବ୍ୟରେ ଏହି ମିଶ୍ରଣ ପରେ କେବଳ ବାଉଁଶଗଡିଆ ପଞ୍ଚାୟତ ନୁହେଁ କୁପାରୀ ଜୋନରେ ଦଳ ଅଧୀକ ଶକ୍ତିଶାଳି ହେବ । ଆଗାମୀ ପଞ୍ଚାୟତ ନିର୍ବାଚନରେ ଜିଲା ପରିଷଦ ଆସନ ସହିତ ସମସ୍ତ ପଞ୍ଚାୟତ ଦଳ ଅକ୍ତିଆର କରିବ ବୋଲି କହିଥିଲେ । ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ,ବ୍ଲକ ଉପାଧକ୍ଷ ଜୟନ୍ତ କୁମାର ରାଉତ,ଜିଲା ପରିଷଦ ସଭ୍ୟା ଜୟନ୍ତୀ ମହଲା ଓ ସୁଷମା ମହାପାତ୍ର,ପୂର୍ବତନ ବ୍ଲକ ଅଧ୍ୟକ୍ଷ ରମାକାନ୍ତ ମହାନ୍ତି, ଲକ୍ଷ୍ମୀଧର ସ୍ୱାଇଁ,ଏମ୍‌ପି ପ୍ରତିନିଧି ରାଜେନ୍ଦ୍ର ଦାସ,କୁପାରୀ ସମିତି ସଭ୍ୟା ସୁନିତା ସାହୁ,ଯୁବ ଜନତା ସଭାପତି ମୁକ୍ତିକାନ୍ତ ସ୍ୱାଇଁ,ଛାତ୍ର ଜନତା ସଭାପତି ମାନସ ଦାଶ, ବ୍ଲକ ମହିଳା ମଣ୍ଡଳ ସଭାପତି ରଶ୍ମିତା ମହାପାତ୍ର ପ୍ରମୁଖ ନେତୃବୃନ୍ଦ ଯୋଗ ଦେଇଥିଲେ ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୫ ଗିରଫ, ୭୮୯ ବାହନ ଜବତ

ଭୁବନେଶ୍ୱର,୨୧।୦୨ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୫ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୭୮୯ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୪,୬୩,୦୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## କେନାଲ କଂକ୍ରିଟ ନିର୍ମାଣରେ ଅନିୟମିତତା : ଭିଜିଲାନ୍ସ ତଦନ୍ତ ଦାବୀ କଲେ ଗ୍ରାମବାସୀ

ଖଇରା,୨୦।୨(ନିପ୍ର) ଖଇରା ବ୍ଲକ ଅଧୀନ ସାରକୋଣା ନିକଟରେ ଆମ୍ବହତା କେନାଲର କଂକ୍ରିଟ କାର୍ଯ୍ୟ ଚାଲିଥିବା ବେଳେ ଏଥିରେ ବ୍ୟାପକ ଅନିୟମିତତା ହେଉଥିବା ନେଇ କେନାଲ ସଂଲଗ୍ନ ମୁକ୍ତାବେଗୁନିଆ,ବିଦ୍ୟାଧରପୁର ଶାସନ,ସାରକୋଣା, କଡମିଆଁ, ଗଡ,କଅଁଳଖୁଣ୍ଟା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଉକ୍ତ ବେଆଇନ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବୀ କରିଛନ୍ତି । କେନାଲର ଭିତର କଂକ୍ରିଟ ଓ ସଂଲଗ୍ନ ରାସ୍ତା ଓ ଏକ ପୋଲ ନିର୍ମାଣ ପାଇଁ ଆନୁମାନିକ ୮ କୋଟି ଟଙ୍କା ପ୍ରଦାନ କରାଯାଇଛି । ଭିତର କଂକ୍ରିଟର ଓସାର ୨୨ମିଟର ଓ ଗୋଟିଏ ପାର୍ଶ୍ୱ ରାସ୍ତାର ଓସାର ୮ମିଟର ଓ ଅନ୍ୟପାର୍ଶ୍ୱ ରାସ୍ତାର ଓସାର ୫ମିଟର ରଖାଯିବା କଥା । ସେହିଭଳି ଢଳେଇ ଉଚ୍ଚତା ୪ଇଞ୍ଚ ରଖାଯିବା କଥା । ହେଲେ ଠିକାଦାର ଏହାକୁ ଉଲ୍ଲଂଘନ କରୁଥିବା ନେଇ ଅଭିଯୋଗ କରାଯାଇଛି । ନିକଟରେ ସାରକୋଣା ପଞ୍ଚାୟତର ଯୁବ ନେତା ପ୍ରଦୀପ କୁମାର ସାହୁ ଏହି ବେଆଇନ କାର୍ଯ୍ୟକୁ ବନ୍ଦ ରଖିଥିଲେ । ହେଲେ କିଛି ଦିନ ବନ୍ଦ ରହିବା ପରେ ନିକଟରେ କାର୍ଯ୍ୟ ପୁଣି ଥରେ ଚାଲୁ ରହିଛି । ମଝିରେ ମଝୀରେ ଗ୍ରାମବାସୀ ମାନେ ଏହି କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ଅଧିକାରୀଙ୍କୁ ଜଣାଇ ଆସୁଛନ୍ତି । ହେଲେ ଠିକାଦାର ସେମାନଙ୍କ କଥାକୁ ଭ୍ରୁଖେପ କରୁନଥିବା ନେଇ ଗ୍ରାମବାସୀ ମାନେ କହିଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଏହିକି ଯେ କାର୍ଯ୍ୟ ସରିବାର ନିର୍ଦ୍ଧାରିତ ସମୟ ୨୦୨୦ ମସିହାରୁ ଶେଷ ହୋଇ ଯାଇଥିବା ବେଳେ ଏବେ କିଛି ଦିନ ତଳେ କାର୍ଯ୍ୟ ଆରମ୍ଭ ଜଳସେଚନ ବିଭାଗ ବିଦ୍ୟାଧରପୁର ଡିଭିଜନର ଅଧିକାରୀଙ୍କ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଭଳି ନିମ୍ନମାନର କାର୍ଯ୍ୟ ପରେ ରାସ୍ତାର ସ୍ଥାୟୀତ୍ୱକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି । ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ରଙ୍କନିଧି ବେହେରାଙ୍କୁ ଯୋଗାଯୋଗ କରିବାରେ ଗ୍ରାମବାସୀଙ୍କ ସବୁ ଦାବୀକୁ ବିଚାରକୁ ନିଆଯାଇ କେନାଲ କାର୍ଯ୍ୟ କରାଯାଉଥିବାର କହିଛନ୍ତି ।

## ଭେଟ୍ରାନ କ୍ରୀଡ଼ା ସଂଘର ବାର୍ଷିକ ପ୍ରତିଯୋଗିତା



ବାଲେଶ୍ୱର,୨୧।୦୨ (ନି.ପ୍ର): ବାଲେଶ୍ୱର ଭେଟ୍ରାନ୍ କ୍ରୀଡ଼ା ସଂଘ ପକ୍ଷରୁ ୨୨ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ସ୍ଥାନୀୟ ପରମିଟ୍ ପଡ଼ିଆରେ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ୪୦ ବର୍ଷ ବୟସରୁ ୭୧ ବର୍ଷ ବୟସର ପୁରୁଷ ଏବଂ ୩୦ ବର୍ଷରୁ ୭୦ ବର୍ଷ ବୟସର ଶତାଧିକ ମହିଳା ଭେଟେରାନ ଖେଳାଳି ଅଂଶ ଗ୍ରହଣ କରିଥଲେ । ଶହେ ମିଟର ଦୌଡ଼, ସଟଫୁଟ, ଜାଭେଲିନ ଥ୍ରୋ, ଡିସକସତ ଥ୍ରୋ, ମ୍ୟୁଜିକ ଚେୟାର ଆଦି ବିଭିନ୍ନ ବିଭାଗର ଖେଳ ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଭେଟ୍ରାନ୍ କ୍ରୀଡ଼ା ସଂଘ ସଭାପତି ଡ. ଅଶୋକ କୁମାର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ରେବତୀ ପତ୍ରିକାର ସମ୍ପାଦିକା ସୁବାସିନୀ ଜେନା, ଯୁବ ଉଦ୍ୟୋଗୀ ସଂଗ୍ରାମ ଦାସ ଓ ବାଲେଶ୍ୱର କ୍ରୀଡ଼ାସଂଘର ସାଧାରଣ ସମ୍ପାଦକ ଅଭୟ ମହାପାତ୍ର ପ୍ରମୁଖ ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ବୟସର ଅପରାହ୍ନରେ ନିଜକୁ ସୁସ୍ଥ ରଖିବାରେ ଏହି କ୍ରୀଡ଼ା ଅଭ୍ୟାସ ସ୍ୱାଗତଯୋଗ୍ୟ ବୋଲି କହିଥିଲେ। ଶିକ୍ଷାଗ୍ରହଣ ଭଳି କ୍ରୀଡ଼ାଭ୍ୟାସ କ୍ଷେତ୍ରରେ ବୟସ ସଂଖ୍ୟା ମାତ୍ର ବୋଲି ଅତିଥିମାନେ କହିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇବା ସହ କୃତୀ ପ୍ରତୀଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଜିଲା କ୍ରୀଡ଼ା ସଂଘର କର୍ମକର୍ତ୍ତା ପଦ୍ମଲୋଚନ ଲେଙ୍କା, ହରେନ ଚନ୍ଦ୍ର ରଣା, କାର୍ତ୍ତିକ ଚନ୍ଦ୍ର ନାୟକ, ଗୋପାଳ ଚନ୍ଦ୍ର ସେଠୀ, ସାଦିକ ଅଲି ଖାଁ, ଜଗଦୀଶ ବେହେରା, ପ୍ରଦୀପ ବେହେରା ପ୍ରମୁଖ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ।

## ୬୪ବର୍ଷ ମଧ୍ୟରେ ଗୋପୀମୋହନଙ୍କ ୧୬୨ଥର ରକ୍ତଦାନ

ଭୁବନେଶ୍ୱର,୨୧।୦୨ (ନି.ପ୍ର): ସ୍ମାର୍ଟ ନଗରୀ ଭୁବନେଶ୍ୱରର ଭୀମଟାଙ୍ଗୀ ନିବାସୀ ଗୋପୀମୋହନ ପଟ୍ଟନାୟକ ବେଶ୍ ଜଣାଶୁଣା। କେହି ତାଙ୍କୁ ରକ୍ତର ମାନବ କହୁଥିବା ବେଳେ ଆଉ କେହି ବ୍ଲଡ଼ମ୍ୟାନ୍ ଓ ସେଂଚୁରିୟାନ୍ ବ୍ଲଡ ଡ଼ୋନର ବୋଲି ସମ୍ବୋଧିତ କରିଥାନ୍ତି। ରାତି ହେଉ ବା ଦିନ ହେଉ, ଜଣା ହେଉ କି ଅଜଣା ହେଉ ଯଦି କାହାର ରକ୍ତର ଆବଶ୍ୟକ ପଡ଼େ ଗୋପୀମୋହନ ତୁରନ୍ତ ରୋଗୀ ନିକଟରେ ପହଂଚି ରକ୍ତର ବ୍ୟବସ୍ଥା କରି ଜୀବନ ବଂଚାଇବାରେ ସହାୟକ ହୋଇଥାନ୍ତି। ଏପରିକି ରକ୍ତଭଣ୍ଡାରରେ ରକ୍ତର ଅଭାବ ଦେଖାଦେଲେ ଗୋପୀମୋହନଙ୍କୁ ଖୋଜାହୁଏ। ରକ୍ତଦାନକୁ ଜୀବନର ବ୍ରତ ହିସାବରେ ସେ ଗ୍ରହଣ କରି ଅଦ୍ୟାବଧି ୧୬୨ଥର ରକ୍ତଦାନ ସହ ୧୯ଥର ପ୍ଲେଟଲେଟ୍ ଦାନ କରିସାରିଲେଣି। ୬୪ତମ ଜନ୍ମଦିନଟିକୁ ସ୍ମରଣୀୟ ରଖିବା ପାଇଁ ସେ ନିଆରା ଢଙ୍ଗରେ ପାଳିଛନ୍ତି। ନିଜର ସାଙ୍ଗ, ସାଥୀ, ଆତ୍ମୀୟସ୍ୱଜନ ଓ ଧର୍ମପତ୍ନୀ ଆଶାଲତାଙ୍କୁ ନେଇ ରକ୍ତଭଣ୍ଡାରରେ ପହଂଚି ସେ ନିଜର ୧୬୨ତମ ରକ୍ତଦାନ କରିଛନ୍ତି। ରକ୍ତ ଅଭାବରୁ ଅମୂଲ୍ୟ ଜୀବନ କାହାର ନଷ୍ଟ ନହେଉ ଅନ୍ୟମାନଙ୍କୁ ଏକଥା ବୁଝାଇଥାନ୍ତି। ଓଡ଼ିଶାରେ ଗୋପୀମୋହନ ପ୍ରଥମ ବ୍ୟକ୍ତି ଯେକି ବିବାହ ବାର୍ଷିକୀ ଉତ୍ସବରେ ରକ୍ତଦାନ ଶିବିର ଆୟୋଜନର ପ୍ରଥମ ଶୁଭାରମ୍ଭ କରିଥିଲେ। ପାଖାପାଖି ୨୫୦୦ରୁ ଉର୍ଦ୍ଧ୍ୱ ରକ୍ତଦାନ ଶିବିର ଆୟୋଜନ ସେ କରିସାରିଲେଣି। ତଥାପି ସେ ଥକିପଡ଼ି ନାହାଁନ୍ତି। ଏହି ଅବସରରେ ଅନେକ ଶୁଭେଚ୍ଛୁ, ସାମାଜିକ କର୍ମୀ ଗୋପୀମୋହନଙ୍କ ଏହି ନିଆରା ଜନ୍ମଦିନ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଗୋପୀମୋହନଙ୍କ ଦୀର୍ଘାୟୁ କାମନା କରିବା ସହ ଶୁଭେଚ୍ଛା ଜଣାଇଥିଲେ।

## 'ମମ ଦୀକ୍ଷା ହିନ୍ଦୁ ରକ୍ଷା, ମମ ମନ୍ତ୍ର ସମାନତା'
## ବିଶ୍ୱହିନ୍ଦୁ ପରିଷଦ ଉଦଳା ପ୍ରଖଣ୍ଡର ବନ୍ଧୁ ମିଳନ



ଉଦଳା, ୨୧/୦୨(ନି.ପ୍ର)- ବିଶ୍ୱହିନ୍ଦୁ ପରିଷଦ ଉଦଳା ପ୍ରଖଣ୍ଡର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆଜି ଫେବୃଆରୀ ୨୧ ତାରିଖ ରବିବାର ଦିନ ଉଦଳା ପଞ୍ଚାୟତ ସମିତି ଅନ୍ତର୍ଗତ ରାଢ଼ୋ ଗ୍ରାମପଞ୍ଚାୟତର ଜୟବନ୍ଧ ଠାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ପ୍ରଭାତରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ପରିଷଦର କର୍ମୀ ମାନେ ଜୟବନ୍ଧ ଠାରେ ଏକତ୍ରୀତ ହୋଇ ପ୍ରଥମେ ଉତ୍ସବ ସ୍ଥଳରେ ସଫେଇ କାର୍ଯ୍ୟ କରିଥିଲେ । ଏହାପରେ ଅଖଣ୍ଡ ଭାରତର ମାନଚିତ୍ର ଓ ଭଗବାନ ଶ୍ରୀ ରାମଚନ୍ଦ୍ରଙ୍କର ଫୋଟ ଚିତ୍ରରେ ସମସ୍ତେ ପୁଷ୍ପ, ଧୂପ, ଦୀପ ଓ ନୈବେଦ୍ୟ ଅର୍ପଣ ପୂର୍ବକ ବେଦମନ୍ତ୍ର ଉଚ୍ଚାରଣ କରି ପୂଜାର୍ଚ୍ଚନା କରିଥିଲେ । ଏହାପରେ ସମସ୍ତେ ଏକସ୍ୱରରେ 'ହିନ୍ଦୁ ଯୁବକହେ, ରାଷ୍ଟ୍ର ସେବକ, ଜାଗ ମାତୃଭୂମି ଧର୍ମ ରକ୍ଷକ...' ଗାନ କରିଥିଲେ । ପରେ ପରେ ବିଶ୍ୱହିନ୍ଦୁ ପରିଷଦ ଉଦଳା ପ୍ରଖଣ୍ଡ ସଭାପତି ରମାକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟ ଧର୍ମ ପ୍ରସାର ବିଭାଗର କାର୍ଯ୍ୟକର୍ତ୍ତା ହରିହର ତ୍ରିପାଠୀ ଯୋଗ ଦେଇ ଅଖଣ୍ଡ ଭାରତବର୍ଷରେ ଯେଉଁ ସ୍ଥାନରୁ ହିନ୍ଦୁଙ୍କ ସଂଖ୍ୟା କମି ଯାଇଛି, ସେଠାରେ ହିନ୍ଦୁ ମାନେ ବିଧର୍ମୀ ମାନଙ୍କ ଦ୍ୱାରା କିଭଳି ଅତ୍ୟାଚାରର ଶିକାର ହୋଇଛନ୍ତି ଓ କିଛି ଦିନ ପରେ ସେ ଅଞ୍ଚଳଟି କିପରି ଭାରତରୁ ଅଲଗା ହୋଇ ଯାଇଛି ବିଭିନ୍ନ ଦୃଷ୍ଟାନ୍ତ ମାନ ଦେଇ ଏହାର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଶ୍ୱହିନ୍ଦୁ ପରିଷଦର ଜିଲ୍ଲା ସଭାପତି ଦିବାକର ତ୍ରିପାଠୀ, ଜିଲ୍ଲା ସଂପାଦକ ପ୍ରଶାନ୍ତ ଆଚାର୍ଯ୍ୟ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଡ଼ା. ଖଗେଶ୍ୱର ସିଂହ, ଜିଲ୍ଲା ଗୋରକ୍ଷା ପ୍ରମୁଖ ଯୋଗେଶ ଦଣ୍ଡପାଟ, ବିଭାଗ ସଂପାଦକ ରଂଜନ କୁମାର ମିଶ୍ର, ଏକଲ ଅଭିଯାନର ମହିଳା ପ୍ରମୁଖ ପ୍ରମିଳା ପଣ୍ଡା, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ତପନ ମହାନ୍ତ ପ୍ରମୁଖ ମଞ୍ଚାସୀନ ଅତିଥି ଭାବରେ ଯୋଗ ଦେଇ ଆଗାମୀ ଦିନରେ ଧର୍ମାନ୍ତରିକରଣକୁ ସମ୍ପୂର୍ଣ୍ଣ ବନ୍ଦ କରିବା, ବିଭିନ୍ନ ସ୍ଥାନରେ ଗୋଶାଳା ଖୋଲିବା, ମାତୃଭୂମି ଓ ମାତୃଭାଷାର ସୁରକ୍ଷା ପାଇଁ ସବୁ ପ୍ରକାର ଉଦ୍ୟମ କରିବା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ସମଗ୍ର ମୟୂରଭଞ୍ଜ ଜିଲ୍ଲାରୁ ଚେକବବାଦ ମୋଟ ୧ କୋଟି ୧୬ ଲକ୍ଷ ଟଙ୍କା ସଂଗୃହିତ ହୋଇଥିବାର ସୂଚନା ପ୍ରଦାନ କରାଯାଇଥିଲା ।

## ସ୍ୱେଚ୍ଛାକୃତ ଅବସରପ୍ରାପ୍ତ ଅଧ୍ୟାପିକାଙ୍କ ପରଲୋକ : କଲେଜରେ ଶୋକ



ଜଳେଶ୍ୱର,୨୧/୨(ନିପ୍ର): ଜଳେଶ୍ୱର ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପିକା ରଚିତା ଚାନ୍ଦ ଓରଫ ପ୍ରଧାନଙ୍କ ୫୬ ବର୍ଷ ବୟସରେ ବାଙ୍ଗାଲୋରରେ ଥିବା ଅବସ୍ଥାରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ସେ କର୍କଟ ରୋଗରେ ପୀଡିତ ଥିବାରୁ ସ୍ୱେଚ୍ଛାକୃତଭାବେ ଅବସର ନେଇଥିଲେ । ସେ ଜଣେ କର୍ତ୍ତବ୍ୟ ପରାୟଣା, ଛାତ୍ରୀ ବତ୍ସଳା, ମେଳାପି ଅଧ୍ୟାପିକା ଥିଲେ । କଲେଜର ପ୍ରତିଷ୍ଠାତା ସଂପାଦକ ସ୍ୱର୍ଗତ ସୁରେନ୍ଦ୍ର ଚନ୍ଦଙ୍କରେ ସେ ୨ୟା କନ୍ୟାଥିଲେ । ଗତ ଶୁକ୍ରବାର ରାତ୍ରୀ ୧୨.୫୨ମି. ସମୟରେ ଶେଷ ନିଶ୍ୱାସ ତ୍ୟାଗ କରିବା ଖବର ଜଳେଶ୍ୱରରେ ପ୍ରଚାରିତ ହେବାପରେ ଚାରିଆଡେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା । ଗତକାଲି ରାତ୍ରୀ ୧.୩୦ମି ସମୟରେ ମର ଶରିର ନିଜ ଶାଶୁଘରସୁଗୋଠାରେ ପହଞ୍ଚିଥିଲା । ଆଜି ସକାଳ ୮ଟାରେ କଲେଜକୁ ନିଆଯାଇଥିଲା । ଶେଷରେ ନିଜ ପୁତୁରା ସୁବର୍ଣ୍ଣରେଖା ନଦୀଘାଟରେ ମୁଖାଗ୍ନି ଦେଇଥିଲେ । ତାଙ୍କ ମୃତ୍ୟୁରେ ଜଳେଶ୍ୱରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକବକ୍ତବ୍ୟ ପ୍ରଦାନ କରିଛନ୍ତି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo